# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୦/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, February 20/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 88 | ମୂଲ୍ୟ ₹୭/-




**ଲାଇଭ କନ୍‌ସର୍ଟରେ ବାପାଙ୍କ ଭିଡିଓ କଲ୍**

ଚଣ୍ଡିଗଡ଼ରେ ଲାଇଭ କନ୍‌ସର୍ଟ ଚାଲିଥିବାବେଳେ ବାପାଙ୍କ ଭିଡିଓ କଲ୍ ରିସିଭ୍ କରି ସିଙ୍ଗର ଅରିଜିତ୍ ସିଂ ପ୍ରଶଂସିତ ହୋଇଛନ୍ତି।

୦୨

୧୪

**ଗୁରଜାନ୍ତଙ୍କ ଗୋଲରେ ଭାରତ ବିଜୟୀ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ବୁଧବାର ମ୍ୟାଚରେ ଗୁରଜାନ୍ତ ସିଂଙ୍କ ଗୋଲ ବଳରେ ଭାରତ ୧-୦ ଗୋଲରେ ଜର୍ମାନୀକୁ ପରାସ୍ତ କରିଛି।





ଉତ୍ତରପ୍ରଦେଶ ପ୍ରୟାଗରାଜର ସଙ୍ଗମ ସ୍ଥଳ ନଦୀ ଜଳରେ ଜମି ରହିଥିବା ଫୁଲ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀର ବର୍ଜ୍ୟଗୁଡ଼ିକୁ ବୁଧବାର ବାହାର କରାଯାଉଛି।

# ସଙ୍ଗମ ଜଳ ପ୍ରଦୂଷଣ: କେନ୍ଦ୍ରୀୟ ସଂସ୍ଥା-ଯୋଗୀ ମୁହାଁମୁହିଁ

**ନୂଆଦିଲ୍ଲୀ, ୧୯।୨ (ପି.ଟି.)**

ଉତ୍ତରପ୍ରଦେଶ ପ୍ରୟାଗରାଜରେ ଜାନୁଆରୀ ୧୩ରୁ ଚାଲିଛି ମହାକୁମ୍ଭ। ଗଙ୍ଗା, ଯମୁନା ଏବଂ ଅଦୃଶ୍ୟ ସରସ୍ୱତୀ ନଦୀର ମିଳନସ୍ଥଳ ସଙ୍ଗମରେ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରିବା ଆଶାରେ ସେଠାକୁ ଛୁଟିଛନ୍ତି ବହୁ କୋଟି ଲୋକ। ହେଲେ ସଙ୍ଗମ ଜଳ ସ୍ନାନ ପାଇଁ ସୁରକ୍ଷିତ ନୁହେଁ ବୋଲି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ସଂସ୍ଥା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ କୁହାଯାଇଛି। କାରଣ ସଙ୍ଗମ ଜଳର ବାୟୋଲୋଜିକାଲ ଅକ୍ସିଜେନ ଡିମାଣ୍ଡ (ବିଓଡି) ଉଚ୍ଚସ୍ତରରେ ରହିଛି। ବିଓଡି ଦ୍ୱାରା ପାଣିର ମାନ ନିର୍ଦ୍ଧାରଣ କରାଯାଇଥାଏ। ବିଓଡି ଲିଟର ପିଛା ୩ ମିଲିଗ୍ରାମରୁ କମ୍ ରହିଲେ ତାହା ସ୍ନାନ ପାଇଁ ଉପଯୁକ୍ତ। ଏହା ପୂର୍ବରୁ ସିପିସିବି ପ୍ରୟାଗସ୍ଥିତ ନଦୀଜଳରେ ଅତ୍ୟଧିକ ପରିମାଣରେ ମଳ ବ୍ୟାକ୍ଟେରିଆ ଭରିରହିଥିବା ରିପୋର୍ଟ ପ୍ରକାଶ କରିଥିଲା। ଏହାକୁ ଉତ୍ତରପ୍ରଦେଶରେ କ୍ଷମତାସୀନ ଭାଜପା ସରକାର ଖଣ୍ଡନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ବିଧାନସଭାରେ କହିଛନ୍ତି, ସଙ୍ଗମ ଜଳ ସମ୍ପୂର୍ଣ୍ଣ ସୁରକ୍ଷିତ। ତାହା କେବଳ ସ୍ନାନ ପାଇଁ ନୁହେଁ, ଆଚମନ (ପିଇବା) ନିମନ୍ତେ ମଧ୍ୟ ଉପଯୁକ୍ତ ବୋଲି ଯୋଗୀ କହିଛନ୍ତି। ବୁଡ଼ ପକାଉଥିବା ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସବୁଠୁ ଅଧିକ ଜରୁରୀ ହୋଇଥିବାବେଳେ ଏହାକୁ ନେଇ କେନ୍ଦ୍ର ଓ ରାଜ୍ୟ ☞ ପୃଷ୍ଠା-୪

# ଟାରିଫ୍ ଉପରେ ମୋ ସହ କେହି ଯୁକ୍ତି କରିପାରିବେ ନାହିଁ: ଟ୍ରମ୍ପ୍

**ରେସିପ୍ରୋକାଲ ଟାରିଫ୍ (ପାଲଟା ଟିକସ) ଉପରେ ମୋ ସହ କେହି ଯୁକ୍ତି କରିପାରିବେ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକ ସଦ୍ୟ ସାକ୍ଷାତ୍‌କାରରେ କହିଛନ୍ତି। ଟ୍ରମ୍ପ୍ ଭାରତର ଟାରିଫ୍ ନୀତିକୁ ନେଇ ପ୍ରଶ୍ନ ଉଠାଇବା ସହ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୱାଶିଂଟନ୍ ଗସ୍ତବେଳେ ତାଙ୍କ ସହିତ ହୋଇଥିବା ଆଲୋଚନା ସମ୍ପର୍କରେ ମଧ୍ୟ ଅବତାରଣା କରିଛନ୍ତି। ଆମେରିକା ଏବେ ରେସିପ୍ରୋକାଲ ଟାରିଫ୍ ଆପଣାଇବ ଏବଂ ଭାରତକୁ ଏଥିରୁ କୌଣସି ରିହାତି ମିଳିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଟ୍ରମ୍ପ୍‌ଙ୍କ ଏହି ମନ୍ତବ୍ୟ ପରେ ଭାରତ ଓ ଆମେରିକାର ବାଣିଜ୍ୟିକ ସମ୍ପର୍କ ପ୍ରଭାବିତ ହେବା ଆଶଙ୍କା ବଢ଼ିଯାଇଛି।**



**ୱାଶିଂଟନ୍, ୧୯।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୧୩ ତାରିଖରେ ୱାଶିଂଟନ୍ ଗସ୍ତବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ହ୍ୱାଇଟ୍ ହାଉସ୍‌ରେ ଭେଟିଥିଲେ। ମୋଦିଙ୍କ ସହ ସାକ୍ଷାତର ଠିକ୍ ପୂର୍ବରୁ ଟ୍ରମ୍ପ୍ ଏକ ନୂଆ ଟାରିଫ୍ ଅର୍ଡରରେ ସ୍ୱାକ୍ଷର କରିଥିଲେ। ତଦନୁଯାୟୀ ଯେଉଁ ଦେଶଗୁଡ଼ିକ ଆମେରିକାଠାରୁ ଆମଦାନୀ କରୁଥିବା ସାମଗ୍ରୀଗୁଡ଼ିକ ଉପରେ ଯେତେ ଟିକସ କଷୁଛନ୍ତି, ଆସନ୍ତା ଏପ୍ରିଲରୁ ସେହି ଦେଶରୁ ଆମେରିକାକୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ମଧ୍ୟ ସମପରିମାଣର ଶୁଳ୍କ ଲାଗୁ ହେବ। ତେବେ ଯେଉଁ ରାଷ୍ଟ୍ର ଆମେରିକାରେ ଫ୍ୟାକ୍ଟ୍ରି, ପ୍ଲାଣ୍ଟ ଆଦି ପ୍ରତିଷ୍ଠା କରି ସାମଗ୍ରୀ ଉତ୍ପାଦନ କରିବେ, ସେମାନଙ୍କ ମେଡିକାଲ, କାର୍, ଚିପ୍ସ, ସେମିକଣ୍ଡକ୍ଟର ଆଦି ଉତ୍ପାଦିତ ସାମଗ୍ରୀ ଉପରେ ଟିକସ ଲାଗିବ ନାହିଁ। କାରଣ ଏହାଦ୍ୱାରା ଆମେରିକାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଟ୍ରମ୍ପ୍ ଉକ୍ତ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିବା ପରେ ସ୍ପଷ୍ଟ କରିଥିଲେ। ଉଲ୍ଲେଖଯୋଗ୍ୟ, ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ଭାରତ ହାରାହାରି ୯.୫% ଟିକସ କଷିଥାଏ। ଅନ୍ୟପକ୍ଷେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୩% ଟିକସ ଆଦାୟ କରିଥାଏ। ଆମେରିକା ପକ୍ଷରୁ 'ଯେସାକୁ ତେସା' ରୀତିରେ ଏଭଳି ପାଲଟା ବା ପ୍ରତିଶୋଧମୂଳକ ଟିକସ ଲାଗୁ ହେଲେ ଭାରତୀୟ ସାମଗ୍ରୀଗୁଡ଼ିକୁ ଆମେରିକୀୟ ବଜାରରେ ପ୍ରବେଶ ପାଇଁ କଷ୍ଟକର ହୋଇଯିବ। ଏଥିଯୋଗୁ ଭାରତୀୟ ବଜାର ବହୁଳ ଭାବେ କ୍ଷତିଗ୍ରସ୍ତ ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି, ଯାହାକି ନୂଆ ଟାରିଫ୍ ଘୋଷଣା ପରଠାରୁ ପୁଞ୍ଜିବଜାରରେ ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ଟ୍ରମ୍ପ୍ ମୋଦିଙ୍କୁ ସାକ୍ଷାତ୍ ☞ ପୃଷ୍ଠା-୪

# ସ୍କୁଲ ପାଚେରି ଭୁଶୁଡ଼ି ଛାତ୍ର ମୃତ

**କଣ୍ଟାପଡ଼ା, ୧୯।୨ (ସୁରନାରାୟଣ ସାହୁ)**

କଟକ ଜିଲା ଗୋବିନ୍ଦପୁର ଥାନା ଅଧୀନ ଡିମିରି ଗ୍ରାମପଞ୍ଚାୟତର ନୋଦା ନୋଡାଲ ପ୍ରାଥମିକ ବିଦ୍ୟାଳୟର ପାଚେରି ଭୁଶୁଡ଼ି ବୁଧବାର ଅପରାହ୍ନରେ ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଶିଶିର ଭୋଇଙ୍କ ଏକମାତ୍ର ପୁତ୍ର ସାଇସ୍ୱରୂପ ଭୋଇ (୧୧)। କ୍ଷତିପୂରଣ ଦାବିରେ ଉକ୍ତ ଛାତ୍ରଙ୍କ ପରିବାର ଓ ଉତ୍ତ୍ୟକ୍ତ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ କରି ବସି ରହିଥିଲେ। ତେବେ ଖବର ଲେଖାହେବା



ସାଇସ୍ୱରୂପ ଭୋଇ

ବେଳକୁ ରାସ୍ତାରୋକୋ ଜାରି ରହିଛି।

ଖବର ମୁତାବକ, ବୁଧବାର ମଧ୍ୟାହ୍ନଭୋଜନ ଖାଇସାରିବା ପରେ ବିଦ୍ୟାଳୟ ଛାତ୍ରୀଛାତ୍ର ଖେଳାଖେଳି କରୁଥିଲେ। ଏହି ସମୟରେ ସାଇସ୍ୱରୂପ ଓ ତାଙ୍କ ସହପାଠୀମାନେ ଲୁଚକାଳି ଖେଳୁଥିଲେ। ସାଇସ୍ୱରୂପ ବିଦ୍ୟାଳୟ ପରିସରସ୍ଥ ଏକ ପାଚେରିର ବାହାରପଟେ ଲୁଚିଥିଲେ। ଏହି ସମୟରେ ଖେଳୁଥିବା ଅନ୍ୟ ଛାତ୍ରମାନେ ଉକ୍ତ ପାଚେରି ଉପରେ ଚଢ଼ିବାକୁ ଉଦ୍ୟମ କରୁଥିବାବେଳେ ତାହା ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ସାଇସ୍ୱରୂପ ପାଚେରି ତଳେ ଚାପି ହୋଇ ରହିଯାଇଥିଲେ। ବିଦ୍ୟାଳୟ ଶିକ୍ଷକ ଓ ସହପାଠୀମାନେ ସାଇସ୍ୱରୂପଙ୍କୁ ସେଠାରୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର ☞ ପୃଷ୍ଠା-୪

# ସିଇସି, ଇସି ନିଯୁକ୍ତି ବିରୋଧୀ ଆବେଦନର ଶୁଣାଣି ସ୍ଥଗିତ

**ନୂଆଦିଲ୍ଲୀ, ୧୯।୨ (ପିଟି)**

**୨୦୨୩ର ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ମହୁଆ**

ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର (ଇସି)ଙ୍କୁ ନିଯୁକ୍ତି ସମ୍ପର୍କିତ ୨୦୨୩ର ଆଇନ ବିରୋଧରେ ଦାଖଲ ଏକାଧିକ ଆବେଦନର ଶୁଣାଣିକୁ ସୁପ୍ରିମକୋର୍ଟ ବୁଧବାର ସ୍ଥଗିତ ରଖିଛନ୍ତି। ହୋଲି ଛୁଟି ପରେ ଏନେଇ ଶୁଣାଣି କରାଯିବ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଲିକାଭୁକ୍ତ କରିଛନ୍ତି। ମାର୍ଚ୍ଚ ୧୯ରେ ଏହା ଉପରେ ବିଚାର କରାଯିବ ବୋଲି ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି। ଇତିମଧ୍ୟରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ଏହି ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ପ୍ରସଙ୍ଗର ଗମ୍ଭୀରତା ଦୃଷ୍ଟିରୁ ଏହାର ଜରୁରୀ ଶୁଣାଣି କରାଯାଉ ବୋଲି ☞ ପୃଷ୍ଠା-୪

## ବିପର୍ଯ୍ୟୟ ମୁକାବିଲା: ଓଡ଼ିଶାକୁ ୨୫୫.୨୪ କୋଟିର କେନ୍ଦ୍ରୀୟ ସହାୟତା

**ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି (ଏଚ୍‌ଏଲସି) ୨୦୨୪ ବର୍ଷରେ ବନ୍ୟା, ଆକସ୍ମିକ ବନ୍ୟା, ଭୂସ୍ଖଳନ ଏବଂ ସାମୁଦ୍ରିକ ଝଡ଼ ଦ୍ୱାରା ପ୍ରଭାବିତ ୫ ରାଜ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ୍) ଅଧୀନରେ ୧୫୫୪.୯୯ କୋଟି ଟଙ୍କାର ଅତିରିକ୍ତ କେନ୍ଦ୍ରୀୟ ସହାୟତାକୁ ଅନୁମୋଦନ କରିଛି। ଏଥିରେ ଓଡ଼ିଶା ପାଇଁ ୨୫୫.୨୪ କୋଟି ଟଙ୍କା ରହିଛି। ଏହି ସହାୟତା ଚଳିତ ବର୍ଷ ପାଇଁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସ୍‌ଡିଆର୍‌ଏଫ୍)ରେ ଉପଲବ୍ଧ ପ୍ରାରମ୍ଭିକ ରାଶିର ୫୦% ଆଡଜଷ୍ଟମେଣ୍ଟ ☞ ପୃଷ୍ଠା-୪

# ନେପାଳ ଛାତ୍ରୀଛାତ୍ରଙ୍କୁ ଫେରିବାକୁ ଅପିଲ୍ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)**

**ନିରପେକ୍ଷ ତଦନ୍ତ, ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତିଶ୍ରୁତି ଦେଲେ ଉଚ୍ଚଶିକ୍ଷା ମନ୍ତ୍ରୀ**

କିଟ୍ ବିଶ୍ୱବିଦ୍ୟାଳୟରେ ବି.ଟେକ ପଢ଼ୁଥିବା ନେପାଳୀ ଛାତ୍ରୀ ପ୍ରକ୍ରିତି ଲାମ୍‌ସାଲ (୧୯)ଙ୍କ ମୃତ୍ୟୁ ମାମଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ନେପାଳ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ନେପାଳ ବୈଦେଶିକ ବ୍ୟାପାର ବିଭାଗର କାଉନ୍‌ସିଲର ସଞ୍ଜୀବ ଦାସ ଶର୍ମାଙ୍କ ସହିତ ଆଲୋଚନାବେଳେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ କିଟ୍ ବିଶ୍ୱବିଦ୍ୟାଳୟ ଛାଡିଥିବା ନେପାଳୀ ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସକୁ ଫେରି ପାଠପଢ଼ା ଆରମ୍ଭ କରିବାକୁ ଅପିଲ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ☞ ପୃଷ୍ଠା-୩

(ଅଧିକ ରିପୋର୍ଟ: ପୃଷ୍ଠା-୩)

## ୪ ହେଲ୍ପଲାଇନ୍ ନମ୍ବର ଜାରିକଲା ଉଚ୍ଚଶିକ୍ଷା ବିଭାଗ

**ଭୁବନେଶ୍ୱର, ୧୯।୨ (ସୁଚିସ୍ମିତା ସାହୁ)**

**କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା**

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଓ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ ଘଟିଥିବା ଘଟଣାକୁ ଗୁରୁତ୍ୱର ସହ ନେଇ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ବୁଧବାର ଉଚ୍ଚସ୍ତରୀୟ କମିଟି ତଦନ୍ତ ଆରମ୍ଭ କରିଥିବାବେଳେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ୟାମ୍ପସ ଛାଡ଼ି ଚାଲିଯାଇଥିବା ଛାତ୍ରୀଛାତ୍ରୀଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଏବଂ କ୍ୟାମ୍ପସରେ ଥିବା ଛାତ୍ରୀଛାତ୍ରଙ୍କ ସହାୟତା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯାଇଛି। ଏଥିପାଇଁ ୪ଟି ହେଲ୍ପଲାଇନ୍ ନମ୍ବର ୦୬୭୪-୨୩୯୬୫୫୦, ୦୬୭୪-୨୩୨୩୪୦୧, ୦୬୭୪-୨୩୨୩୪୦୨ ଓ ୦୬୭୪-୨୩୨୩୪୦୩ ସହିତ ହ୍ୱାଟ୍ସଆପ୍ ନଂ. ୯୧୨୪୬୨୦୬୦୫ ଜାରି ହୋଇଛି।

ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କେବଳ ନେପାଳର ଛାତ୍ରୀଛାତ୍ରଙ୍କ ପାଇଁ ସାଇନ୍-ଏ- ଡାଏ ଘୋଷଣା ହେବା ଏବଂ ସେମାନଙ୍କୁ କ୍ୟାମ୍ପସରୁ ବଳପୂର୍ବକ ବହିଷ୍କାର କରିବା ଆଦି ବିଷୟରେ ତଦନ୍ତ କରାଯିବ। ସେମାନଙ୍କୁ ସୁରକ୍ଷିତ ଭାବରେ ବିଶ୍ୱବିଦ୍ୟାଳୟକୁ ଫେରାଇ ଅଣାଯିବା ସହିତ କ୍ୟାମ୍ପସରେ ଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ଉକ୍ତ କମିଟି ବିସ୍ତୃତ ଭାବେ ତଦାରଖ କରିବ। ସେହିପରି ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ଫେରାଇ ଆଣିବା ପାଇଁ ବିଭାଗ ତରଫରୁ ଅଭିଜ୍ଞ ପରାମର୍ଶଦାତା ନିୟୋଜିତ କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ରେଖା ଗୁପ୍ତା ଦିଲ୍ଲୀ ମୁଖ୍ୟମନ୍ତ୍ରୀ

**ପରଭେଶ ବର୍ମା ଉପମୁଖ୍ୟମନ୍ତ୍ରୀ ହେବେ**

**ନୂଆଦିଲ୍ଲୀ, ୧୯।୨ (ପିଟି)**




ରେଖା ଗୁପ୍ତା



ପରଭେଶ ବର୍ମା

ପ୍ରଥମ ଥର ବିଧାୟିକା ହୋଇଥିବା ରେଖା ଗୁପ୍ତାଙ୍କୁ ଭାଜପା ବୁଧବାର ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଘୋଷଣା କରିଛି। ସେହିପରି ମୁଖ୍ୟମନ୍ତ୍ରୀ ପଦ ପାଇଁ ଅନ୍ୟତମ ଦାବିଦାର ଥିବା ପରଭେଶ ବର୍ମା ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ହେବେ। ଦିଲ୍ଲୀ ଭାଜପା ବିଧାୟକ ଦଳ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରେଖା ଓ ତାଙ୍କ ମନ୍ତ୍ରିମଣ୍ଡଳ ସଦସ୍ୟମାନେ ଗୁରୁବାର ରାମଲୀଳା ମଇଦାନରେ ଶପଥ ନେବେ।

ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୧୦ ବର୍ଷ ଶାସନର ଅନ୍ତ ଘଟିଛି। ପ୍ରାୟ ୨୭ ବର୍ଷ ପରେ ଭାଜପା କ୍ଷମତାକୁ ଫେରିଛି। ମୁଖ୍ୟମନ୍ତ୍ରୀ କିଏ ହେବେ ସେନେଇ ଫେବୃଆରୀ ୫ରେ ଅନୁଷ୍ଠିତ ନିର୍ବାଚନ ପରଠୁ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଥିଲା। ଶେଷରେ ଶାଲିମାରବାଗ୍ ବିଧାୟିକା ରେଖା ଗୁପ୍ତାଙ୍କୁ ବିଧାୟକ ଦଳ ନେତ୍ରୀ ବଛାଯାଇଛି। ସୁଷମା ସ୍ୱରାଜ (ଭାଜପା), ଶୀଲା ଦୀକ୍ଷୀତ (କଂଗ୍ରେସ) ଏବଂ ଆତିଶୀ (ଆପ୍)ଙ୍କ ପରେ ରେଖା ଗୁପ୍ତା ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏତିକି ନୁହେଁ, ବର୍ତ୍ତମାନ ଭାଜପା ଶାସିତ ରାଜ୍ୟଗୁଡ଼ିକରେ କୌଣସି ମହିଳା ମୁଖ୍ୟମନ୍ତ୍ରୀ ☞ ପୃଷ୍ଠା-୪



**ଆଜିର ସମ୍ପାଦକୀୟ** | କୁମ୍ଭ ପ୍ରଚ୍ଛଦର କାହାଣୀ

## ସଂକ୍ଷେପରେ

### ୬ ମାସରେ ମହିଳାଙ୍କ ପାଇଁ କ୍ୟାନ୍ସର ଟିକା

ନୂଆଦିଲ୍ଲୀ, ୧୯।୨

କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ ମଙ୍ଗଳବାର କ୍ୟାନ୍ସର ଟିକାକୁ ନେଇ ଏକ ବଡ଼ ଘୋଷଣା କରିଛନ୍ତି। ମହିଳାଙ୍କଠାରେ ହେଉଥିବା କ୍ୟାନ୍ସର ପାଇଁ ଆଗାମୀ ୫ରୁ ୬ ମାସ ମଧ୍ୟରେ ଟିକା ଉପଲବ୍ଧ ହେବ। ୯ରୁ ୧୬ ବର୍ଷ ବୟସର ଝିଅମାନଙ୍କୁ ଏହି ଟିକା ଦିଆଯିବ। ବର୍ତ୍ତମାନ ଏହି ଟିକାକୁ ନେଇ ଅନୁସନ୍ଧାନ ପ୍ରାୟ ଶେଷ ହୋଇଛି ଏବଂ ଏବେ ଏହାର ଟ୍ରାଏଲ ଚାଲିଥିବା ସେ କହିଛନ୍ତି। ଦେଶରେ କର୍କଟ ରୋଗୀଙ୍କ ସଂଖ୍ୟା ବଢୁଥିବାବେଳେ ସରକାର ଏହି ସମସ୍ୟାର ମୁକାବିଲା ଦିଗରେ ପଦକ୍ଷେପ ନେଉଛନ୍ତି ବୋଲି ପ୍ରତାପରାଓ କହିଛନ୍ତି। ସେହିପରି କ୍ୟାନ୍ସର ମୁକାବିଲା ପାଇଁ ୩୦ ବର୍ଷରୁ ଅଧିକ ବୟସର ମହିଳାଙ୍କର ହସ୍ପିଟାଲରେ ସ୍କ୍ରିନିଂ କରାଯିବ ଏବଂ କର୍କଟ ରୋଗର ଶୀଘ୍ର ଚିହ୍ନଟ ପାଇଁ ଡେ କେୟାର କ୍ୟାନ୍ସର ସେଣ୍ଟର ନିର୍ମାଣ କରାଯିବ। ସେହିପରି କର୍କଟ ରୋଗର ଚିକିତ୍ସାରେ ବ୍ୟବହୃତ ଔଷଧ ଉପରେ କଷ୍ଟମ ଡ୍ୟୁଟି ଛାଡ଼ କରାଯାଇଛି ବୋଲି ସେ କହିଛନ୍ତି।

# ସୀମା ବାହାର ଟିକେଟ କାହିଁକି ବିକୁଥିଲ

## ନୂଆଦିଲ୍ଲୀ ଷ୍ଟେଶନ ଦଳାଚକଟା: ରେଲୱେକୁ ହାଇକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୧୯।୨

ନୂଆଦିଲ୍ଲୀ ରେଳଷ୍ଟେଶନରେ ଗତ ୧୫ ତାରିଖରେ ଦଳାଚକଟା ଯୋଗୁ ମହାକୁମ୍ଭକୁ ଯିବା ପାଇଁ ବାହାରିଥିବା ୧୮ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ବୁଧବାର ଦିଲ୍ଲୀ ହାଇକୋର୍ଟ ରେଲୱେକୁ ଭର୍ତ୍ସନା କରିଛନ୍ତି। ଏକ କୋଚ୍‌ର ଧାରଣ କ୍ଷମତାଠାରୁ ଅଧିକ ସଂଖ୍ୟକ ଟିକେଟ ଯାତ୍ରୀମାନଙ୍କୁ କାହିଁକି ବିକ୍ରି କରାଯାଇଥିଲା ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ନୂଆଦିଲ୍ଲୀ ରେଳଷ୍ଟେଶନରେ ଦଳାଚକଟା ପରେ ଭବିଷ୍ୟତରେ ଦେଶର ରେଳଷ୍ଟେଶନଗୁଡ଼ିକରେ ଏଭଳି ଘଟଣା ଏଡ଼ାଇବା ପାଇଁ ସୁରକ୍ଷା ପଦକ୍ଷେପ ସମ୍ପର୍କିତ ଏକ ପିଟିଶନ ଦିଲ୍ଲୀ ହାଇକୋର୍ଟରେ ଦାଖଲ ହୋଇଛି। ଜଷ୍ଟିସ୍ ଡିକେ ଉପାଧ୍ୟାୟ ଏବଂ ତୁଷାର ରାଓ ଗେଡେଲାଙ୍କୁ ନେଇ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ଏକ କୋଚ୍‌ରେ କେତେ ସଂଖ୍ୟକ ଯାତ୍ରୀଙ୍କୁ ବସାଯାଇପାରିବ ତାହା ରେଲୱେ ସ୍ଥିର କରିଥାଏ। ଏଭଳି ସ୍ଥଳେ ଅଧିକ ସଂଖ୍ୟକ ଟିକେଟ କାହିଁକି ବିକ୍ରି କରାଗଲା? ଦଳାଚକଟା ଘଟିବା ଦିନ ଷ୍ଟେଶନରେ କେତେ ଲକ୍ଷ ଯାତ୍ରୀ ଥିଲେ ସେନେଇ ରେଲୱେ ଅବଗତ ଥିଲା କି ନାହିଁ ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ନିୟମିତ ଭାବେ ଯାତ୍ରୀଙ୍କ ସର୍ବାଧିକ ସଂଖ୍ୟା ଓ ପ୍ଲାଟ୍‌ଫର୍ମ ଟିକେଟ ବିକ୍ରି ଆଦିର ସମୀକ୍ଷା କରିବାକୁ ରେଲୱେକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ଆସନ୍ତା ମାର୍ଚ୍ଚ ୧୬ରେ ପରବର୍ତ୍ତୀ ଶୁଣାଣି କରିବାକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।



ମହାକୁମ୍ଭକୁ ଯିବା ପାଇଁ ନୂଆଦିଲ୍ଲୀ ରେଳଷ୍ଟେଶନରେ ଯାତ୍ରୀମାନଙ୍କ ପ୍ରବଳ ଭିଡ଼ ଲାଗିରହିଛି।

## ସିଦ୍ଧାରାମାୟାଙ୍କୁ ଲୋକାୟୁକ୍ତଙ୍କ କ୍ଲିନ୍‌ଚିଟ୍

### ଏମ୍‌ୟୁଡିଏ ଜମି ଦୁର୍ନୀତି

ନୂଆଦିଲ୍ଲୀ, ୧୯।୨



କର୍ଣ୍ଣାଟକର ମହୀଶୂର ଅର୍ବାନ ଡେଭଲପ୍‌ମେଣ୍ଟ ଅଥୋରିଟି (ଏମ୍‌ୟୁଡିଏ) ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ବୁଧବାର ଆଶ୍ୱସ୍ତି ମିଳିଛି। ଏହି ମାମଲାର ତଦନ୍ତ କରୁଥିବା ଲୋକାୟୁକ୍ତର ଯାଞ୍ଚ ଶେଷ ହୋଇଛି। ଲୋକାୟୁକ୍ତ ଏହାର ଯାଞ୍ଚ ରିପୋର୍ଟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ କ୍ଲିନ୍‌ଚିଟ୍ ପ୍ରଦାନ କରିଛନ୍ତି। ଲୋକାୟୁକ୍ତ ପକ୍ଷରୁ ଅଭିଯୋଗକାରୀ ତଥା ସାମାଜିକ କର୍ମୀ ସ୍ନେହମୟୀ କ୍ରିଷ୍ଣାଙ୍କୁ ଏ ସମ୍ବନ୍ଧୀୟ ଏକ ନୋଟିସ ଜାରି କରାଯାଇଛି। ପ୍ରମାଣ ଅଭାବରୁ ଏହି ମାମଲା ତଦନ୍ତ ଯୋଗ୍ୟ ନୁହେଁ ବୋଲି ଲୋକାୟୁକ୍ତ ଏହି ନୋଟିସରେ କହିଛି। ସିଦ୍ଧାରାମାୟାଙ୍କୁ କ୍ଲିନ୍‌ଚିଟ୍ ମିଳିବା ପରେ କର୍ଣ୍ଣାଟକ ଉପ ମୁଖ୍ୟମନ୍ତ୍ରୀ ଶିବକୁମାର କହିଛନ୍ତି, ସିଦ୍ଧାରାମାୟା କୌଣସି ଭୁଲ୍ କରିନାହାନ୍ତି। ରାଜନୈତିକ ଉଦ୍ଦେଶ୍ୟ ପ୍ରୋଣୋଦିତ ଭାବେ ତାଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା। ଏହାସତ୍ତ୍ୱେ ମଧ୍ୟ ଆଇନକୁ ସମ୍ମାନ ଜଣାଇ ସେ ଜେରା ପାଇଁ ଲୋକାୟୁକ୍ତ ପୋଲିସ ସମ୍ମୁଖରେ ହାଜର ହୋଇଥିଲେ।

## ଅନ୍‌ଲାଇନ ଟ୍ରୋଲ୍: ଦକ୍ଷିଣ କୋରିଆ ଅଭିନେତ୍ରୀଙ୍କ ଆତ୍ମହତ୍ୟା

ସିଓଲ, ୧୯।୨


କିମ୍ ସେ-ରନ୍

ଦକ୍ଷିଣ କୋରିଆର ଅଭିନେତ୍ରୀ କିମ୍ ସେ-ରନ୍(୨୪)ଙ୍କ ମୃତ୍ୟୁକୁ ନେଇ କୋରିଆନ୍ ଫିଲ୍ମ ଇଣ୍ଡଷ୍ଟ୍ରି ସ୍ତବ୍ଧ ହୋଇଛି। ରବିବାର ରାତିରେ ସିଓଲସ୍ଥିତ ବାସଭବନରୁ ତାଙ୍କର ମୃତଦେହ ମିଳିଥିଲା। ତେବେ କିମ୍ ଆତ୍ମହତ୍ୟା କରିଛନ୍ତି ବୋଲି ମଙ୍ଗଳବାର ସିଓଲର ସେଓଙ୍ଗ୍‌ଡୋଙ୍ଗ୍ ପୋଲିସ ସୂଚନା ଦେଇଛି। ଏହାପୂର୍ବରୁ କିମ୍‌ଙ୍କ ଅନ୍ତିମ ସଂସ୍କାର ବେଳେ ତାଙ୍କ ବାପା ବିଭିନ୍ନ ୟୁଟ୍ୟୁବରଙ୍କୁ ସମାଲୋଚନା କରିଥିଲେ। କିମ୍ ଆତ୍ମହତ୍ୟା କରିଛନ୍ତି ଏବଂ ଏଥିପାଇଁ ତାଙ୍କୁ ନେଇ ହୋଇଥିବା ଅନ୍‌ଲାଇନ ଟ୍ରୋଲକୁ ଦାୟୀ କରିଥିଲେ। ଖାସ୍‌କରି ୟୁଟ୍ୟୁବରେ ବିଭିନ୍ନ ଭିଡିଓ ମାଧ୍ୟମରେ କିମ୍‌ଙ୍କୁ ନେଇ ଅନେକ ମିଥ୍ୟା ଦାବି କରାଯାଉଥିଲା, ଯାହାଫଳରେ ସେ ମାନସିକ ଅଶାନ୍ତି ମଧ୍ୟରେ ରହୁଥିଲେ ଏବଂ ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିଲେ ବୋଲି ତାଙ୍କ ବାପା କହିଛନ୍ତି। କିମ୍ ଆର୍ଥିକ ସଙ୍କଟରେ ଅଛନ୍ତି ଏବଂ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ସେ ସିଓଲର ଏକ କାଫେରେ କାମ କରୁଥିବା ନେଇ ବିଭିନ୍ନ ୟୁଟ୍ୟୁବର ଦାବି କରିଥିଲେ। ତେବେ ୨୦୨୨ ମେ'ରେ କିମ୍ ନିଶାଗ୍ରସ୍ତ ଥିବା ସମୟରେ କାର୍ ଚଳାଇ ସାର୍ବଜନୀନ ସମ୍ପତ୍ତିକୁ କ୍ଷତି ପହଞ୍ଚାଇଥିଲେ। ଏଥିପାଇଁ କିମ୍ କ୍ଷମା ମାଗିଥିଲେ ଓ କୋର୍ଟ ତାଙ୍କ ଉପରେ ଜରିମାନା ମଧ୍ୟ ଲଗାଇଥିଲେ। ତେବେ ଏହି ଘଟଣାକୁ କେନ୍ଦ୍ର କରି ତାଙ୍କୁ ବହୁଳ ମାତ୍ରାରେ ଅନ୍‌ଲାଇନ ଟ୍ରୋଲ୍‌ର ସାମ୍ନା କରିବାକୁ ପଡ଼ିଥିଲା। ଫଳରେ କିମ୍‌ଙ୍କୁ ଅନେକ ପ୍ରୋଜେକ୍ଟ ହରାଇବାକୁ ପଡ଼ିଥିଲା। ସେହିପରି ଉକ୍ତ ଘଟଣା ପରେ ଲୋକଙ୍କ ଭାବନାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟ ତାଙ୍କ ବିରୋଧରେ ଲଗାତର ନକାରାତ୍ମକ କଭରେଜ୍ କରୁଥିଲେ। କିମ୍‌ଙ୍କର ଅନେକ ଫଟୋ, ବିଭିନ୍ନ ପାର୍ଟିରେ ତାଙ୍କର ଯୋଗଦାନ ଏବଂ କାମ ମିଳୁ ନ ଥିବା କହି ସେ କରୁଥିବା ପୋଷ୍ଟଗୁଡ଼ିକରେ ସୁନିୟୋଜିତ ଭାବେ ଅନେକ ୟୁଜର୍ସ ତାଙ୍କୁ ଟ୍ରୋଲ୍ କରାଯାଉଥିଲା। କିମ୍‌ଙ୍କ ମୃତ୍ୟୁ ପରେ ତାଙ୍କୁ ନେଇ କରାଯାଇଥିବା ବିଷାକ୍ତ ଟିପ୍ପଣୀଗୁଡ଼ିକୁ ଆଲୋଚନା କରି ମଙ୍ଗଳବାର ବିଭିନ୍ନ ଆଗଧାଡ଼ିର କୋରୀୟ ଖବରକାଗଜ ପକ୍ଷରୁ ସମ୍ପାଦକୀୟ ପ୍ରକାଶ ପାଇଛି।

### ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ଚାଲିବ

#### ରାଷ୍ଟ୍ରପତିଙ୍କ ମଞ୍ଜୁରୀ ମିଳିଲା

ନୂଆଦିଲ୍ଲୀ, ୧୯।୨

ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ଜାରି ରହିବ। ଏନେଇ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଯାଞ୍ଚକୁ ଆଧାର କରି ସତ୍ୟେନ୍ଦ୍ରଙ୍କ ବିରୋଧରେ ମାମଲା ଜାରି ରଖିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରପତିଙ୍କ ନିକଟରେ ଆବେଦନ କରାଯାଇଥିଲା। ହୱାଲା ମାଧ୍ୟମରେ ବେଆଇନ ଅର୍ଥ ଉପାର୍ଜନ କରିଥିବା ଅଭିଯୋଗରେ ଇଡି ୨୦୨୨ ମେ'ରେ ତାଙ୍କୁ ଗିରଫ କରିଥିଲା। ଏବେ ସେ ଜାମିନରେ ଅଛନ୍ତି। ସେହିପରି ଆୟରୁ ଅଧିକ ସମ୍ପତ୍ତି ରଖିଥିବା ଅଭିଯୋଗରେ ୨୦୧୭ରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସତ୍ୟେନ୍ଦ୍ରଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।


ଦକ୍ଷିଣ ଲେବାନନ୍‌ର କଫର କିଲା ଗ୍ରାମରୁ ଇସ୍ରାଏଲୀ ସୈନ୍ୟଙ୍କ ପ୍ରତ୍ୟାବର୍ତ୍ତନ ପରେ ସେଠାକୁ ଫେରିଥିବା ଜଣେ ବାସିନ୍ଦା ଧ୍ୱସ୍ତବିଧ୍ୱସ୍ତ କୋଠାଗୁଡ଼ିକୁ ଦେଖୁଛନ୍ତି।

### କଶ୍ମୀରରେ ଜନମତ ସଂଗ୍ରହ ଦାବିରେ ପାକିସ୍ତାନ ସଂସଦରେ ପ୍ରସ୍ତାବ ପାରିତ

ଇସ୍‌ଲାମାବାଦ, ୧୯।୨

ଭାରତର କଶ୍ମୀରରେ ଜନମତ ସଂଗ୍ରହ କରିବା ଦାବିରେ ମଙ୍ଗଳବାର ପାକିସ୍ତାନର ସଂସଦ ପକ୍ଷରୁ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ପାରିତ କରାଯାଇଛି। ପାକିସ୍ତାନର କଶ୍ମୀର ବ୍ୟାପାର ମନ୍ତ୍ରୀ ଅମିର ମୁକାମ ଗୃହରେ ଏହି ପ୍ରସ୍ତାବକୁ ଉପସ୍ଥାପନ କରିଛନ୍ତି। ଉକ୍ତ ପ୍ରସ୍ତାବ ଅନୁଯାୟୀ, କଶ୍ମୀରୀ ବାସିନ୍ଦାଙ୍କର ଆତ୍ମ ନିର୍ଦ୍ଧାରଣ ଅଧିକାର ରହିଛି। ଏହି ଅଧିକାରର ସୁରକ୍ଷା ନିମନ୍ତେ ପାକିସ୍ତାନର ନୈତିକ, ରାଜନୈତିକ ଏବଂ କୂଟନୈତିକ ସମର୍ଥନ ସର୍ବଦା ରହିଆସିଛି। ତେବେ ପୂର୍ବରୁ ପାକିସ୍ତାନର ଏହି ଦାବିକୁ ଭାରତ ଅନେକଥର ପ୍ରତ୍ୟାଖ୍ୟାନ କରିସାରିଛି। ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା ଏବଂ ରହିବ ବୋଲି ଭାରତ କହିଆସିଛି।

### ଶିନ୍ଦେଙ୍କ ୨୦ ବିଧାୟକଙ୍କ ସୁରକ୍ଷା ହ୍ରାସ

ମୁମ୍ବାଇ,୧୯।୨

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଶାସକ ମହାମେଣ୍ଟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢ଼ିଥିଲାବେଳେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ସୋମବାର ଏକ ନୂଆ ମୋଡ଼ ନେଇଛି। ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବା ଗୃହ ବିଭାଗ ଶିନ୍ଦେଙ୍କ ଶିବସେନାର ୨୦ ଜଣ ବିଧାୟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ହ୍ରାସ ବା ପ୍ରତ୍ୟାହାର କରିଛି। ସେମାନଙ୍କୁ ୱାଇ ପ୍ଲସ୍ ସୁରକ୍ଷା ଯୋଗାଇ ଦିଆଯାଇ ଆସୁଥିବାବେଳେ ଏବେ ମାତ୍ର ଜଣେ କନ୍‌ଷ୍ଟେବଲ ସୁରକ୍ଷା ଦାୟିତ୍ୱରେ ରହିବେ।

## ଖବର ପ୍ରକାଶନ ପୂର୍ବରୁ ସାବଧାନ ରହୁ ଗଣମାଧ୍ୟମ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୨

ସୁପ୍ରିମକୋର୍ଟ ବୁଧବାର ଏକ ମାମଲାର ଶୁଣାଣିକରି ସମାଜରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି। ୨୦୧୪ ଜୁନ୍ ୨୭ରେ ଏକ ପେଣ୍ଟିଂ ନିଲାମକାରୀ ସଂସ୍ଥାକୁ ନେଇ ଜାତୀୟ ସ୍ତରୀୟ ଖବରକାଗଜ ଟାଇମ୍ସ ଇଣ୍ଡିଆର ସମ୍ପାଦକୀୟରେ ଅପମାନଜନକ ଲେଖା ପ୍ରକାଶିତ କରାଯାଇଥିବା ଅଭିଯୋଗକରି ଖବରକାଗଜର ସମ୍ପାଦକୀୟ ନିର୍ଦ୍ଦେଶକ ଜୟଦୀପ ବୋଷ ଏବଂ ଅନ୍ୟ ସାମ୍ବାଦିକଙ୍କ ବିରୋଧରେ ଆପରାଧିକ ମାନହାନି ମାମଲା ରୁଜୁ କରାଯାଇଥିଲା। ବୁଧବାର ସୁପ୍ରିମକୋର୍ଟ ଉକ୍ତ ମାନହାନି ମାମଲାକୁ ଖାରଜ କରିଦେଇଛନ୍ତି। ଶୁଣାଣି ବେଳେ ଷ୍ଟିସ୍ ଜେ.ବି. ପାର୍ଡିୱାଲା ଏବଂ ଜଷ୍ଟିସ୍ ଜେ.ବି. ଆର୍ ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି, ଜନତାଙ୍କର ମତକୁ ଆକାର ଦେବାରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ତେଣୁ ବେପରୁଆ ସାମ୍ବାଦିକତା ସମାଜ ପାଇଁ ଭୟାବହ ଏବଂ ଏହାର ଦୀର୍ଘକାଳୀନ ପାରିଣାମ ପଡ଼ିପାରେ। ଖବରଦାତାମାନଙ୍କୁ କୌଣସି ଖବର କିମ୍ବା ମନ୍ତବ୍ୟ ପ୍ରକାଶ କରିବା ପୂର୍ବରୁ ଏହାର ସତ୍ୟତା ଏବଂ ନିରପେକ୍ଷତାକୁ ସୁନିଶ୍ଚିତ କରିବା ଆବଶ୍ୟକ।

## ରାଜନୈତିକ କାରଣରୁ ସୁନୀତାଙ୍କୁ ମହାକାଶରେ ଛାଡ଼ିଥିଲେ ବାଇଡେନ୍: ମସ୍କ

ୱାଶିଂଟନ, ୧୯।୨

ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ତାଙ୍କ ସାଥୀ ମହାକାଶଚାରୀ ବୁଚ୍ ୱିଲ୍‌ମୋର ଗତ ପ୍ରାୟ ୧୦ ମାସରୁ ଅଧିକ ସମୟ ଧରି ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ଫସି ରହିଛନ୍ତି। ସୁନୀତାଙ୍କୁ ବିଭିନ୍ନ ରାଜନୈତିକ କାରଣରୁ ବାଇଡେନ୍ ପ୍ରଶାସନ ମହାକାଶରେ ଛାଡ଼ି ଦେଇଥିବା ନେଇ ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପରାମର୍ଶଦାତା ତଥା ସ୍ପେସ୍ ଏକ୍ସ' ପ୍ରତିଷ୍ଠାତା ଏଲନ ମସ୍କ ଏକ ଆମେରିକୀୟ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଛନ୍ତି। ଏହି ସାକ୍ଷାତ୍‌କାରରେ ଟ୍ରମ୍ପ କହିଛନ୍ତି, ବାଇଡେନ୍ ପ୍ରଶାସନ ସୁନୀତାଙ୍କୁ ମହାକାଶରେ ଫସାଇ ଦେଇଥିଲେ। ଟ୍ରମ୍ପଙ୍କୁ ମସ୍କ ସମର୍ଥନ ଜଣାଇ କହିଛନ୍ତି, ଆମେରିକାର ପୂର୍ବ ପ୍ରଶାସନ ସମୟରେ ସୁନୀତାଙ୍କୁ ମହାକାଶ ପଠାଯାଇଥିବା ବେଳେ ତାଙ୍କର ପ୍ରତ୍ୟାବର୍ତ୍ତନ ପାଇଁ କୌଣସି ବିଶେଷ ଉଦ୍ୟମ ହୋଇ ନ ଥିଲା। ସୁନୀତା ଏବଂ ବୁଚ୍‌ଙ୍କର ପୃଥିବୀ ପ୍ରତ୍ୟାବର୍ତ୍ତନ ନେଇ ପଚରାଯିବାରୁ ମସ୍କ କହିଛନ୍ତି, ପୂର୍ବରୁ ବହୁବାର ଆଇଏସ୍‌ଏସ୍‌ରୁ ମହାକାଶଯାତ୍ରୀଙ୍କୁ ସଫଳତାର ସହ ଫେରାଇ ଅଣାଯାଇଛି। ଏଥିରେ କିଛି ନୂତନତ୍ୱ ନାହିଁ। ଆଉ ୪ ସପ୍ତାହ ମଧ୍ୟରେ ଉଭୟ ସୁନୀତା ଏବଂ ବୁଚ୍‌ଙ୍କୁ ପୃଥିବୀ ଫେରାଇ ଅଣାଯିବାର ମିଶନ ସଫଳ ହେବ। ରାଷ୍ଟ୍ରପତି ଟ୍ରମ୍ପଙ୍କ ଅନୁରୋଧ କ୍ରମେ ସ୍ପେସ୍ ଏକ୍ସ' ଏବଂ ନାସା ପକ୍ଷରୁ ଉଭୟଙ୍କୁ ଫେରାଇ ଆଣିବା ପ୍ରକ୍ରିୟାକୁ ଗତିଶୀଳ କରାଯାଇଛି। ବାଇଡେନ୍ ପ୍ରଶାସନ ସୁନୀତାଙ୍କ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟାକୁ ହାସ୍ୟାସ୍ପଦ ଭାବେ ସ୍ଥଗିତ କରି ରଖିଥିଲେ ବୋଲି ମସ୍କ କହିଛନ୍ତି। ଏହା ସାକ୍ଷାତ୍‌କାରରେ ଟ୍ରମ୍ପ ଦାବି କରି କହିଛନ୍ତି, ସୁନୀତା ଏବଂ ବୁଚ୍‌ଙ୍କୁ ଫେରାଇ ଆଣିବା ପାଇଁ ବାଇଡେନ୍‌ଙ୍କ ପ୍ରଶାସନ ମସ୍କଙ୍କର କମ୍ପାନୀ ସ୍ପେସ୍ ଏକ୍ସ'କୁ ଗ୍ରୀନ୍ ସିଗନାଲ ଦେଇ ନ ଥିଲେ। ପ୍ରକାଶ ଯେ, ୨୦୨୪ ଜୁନ୍‌ରେ ଉଭୟ ସୁନୀତା ଏବଂ ବୁଚ୍ ଏକ ୮ ଦିନିଆ ମିଶନରେ ଆଇଏସ୍‌ଏସ୍ ଯାଇଥିବାବେଳେ ବୋଇଂ ଏୟାରଲାଇନ୍ସ କ୍ୟାପ୍‌ସୁଲରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବା ଯୋଗୁ ସେମାନେ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ।


ଏଲନ ମସ୍କ

## ଫୁରସତ୍

### ଲାଇଭ୍ କନ୍‌ସର୍ଟରେ ବାପାଙ୍କ ଭିଡିଓ କଲ୍

ଚଣ୍ଡିଗଡ଼

ବଲିଉଡ୍‌ର ଲୋକପ୍ରିୟ ଗାୟକ ଅରିଜିତ ସିଂଙ୍କର ଏକ ଭିଡିଓ ସମ୍ପ୍ରତି ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମଙ୍ଗଳବାର ଚଣ୍ଡିଗଡ଼ରେ ଆୟୋଜିତ ଏକ ଲାଇଭ୍ କନ୍‌ସର୍ଟରେ ଅରିଜିତ୍ ସଙ୍ଗୀତ ପରିବେଷଣ କରୁଥିବାବେଳେ ହଠାତ୍ ତାଙ୍କୁ ତାଙ୍କ ବାପାଙ୍କ ଭିଡିଓ କଲ୍ ଆସିଥିଲା। ତେବେ କନ୍‌ସର୍ଟ ମଝିରେ ଅରିଜିତ ବାପାଙ୍କ ଭିଡିଓ କଲ୍‌କୁ କାଟି ନ ଥିଲେ। ସେ କଲ୍ ରିସିଭ୍ କରି ବାପାଙ୍କୁ ଭିଡିଓ କଲ୍‌ରେ ରଖି ଗୀତ ଗାଇବା ଜାରି ରଖିଥିଲେ। କିଛି ସମୟ ପରେ ଅରିଜିତ ତାଙ୍କ ଫୋନ୍‌ର ସ୍କ୍ରିନ୍‌କୁ ଦର୍ଶକଙ୍କ ଆଡ଼କୁ ବୁଲାଇଥିଲେ ଏବଂ ଗୀତା ଗାଇବା ମଝିରେ ହିଁ ତାଙ୍କ ବାପାଙ୍କୁ କନ୍‌ସର୍ଟରେ ଉପସ୍ଥିତ ଦର୍ଶକଙ୍କୁ ଦେଖିବାକୁ କହିଥିଲେ। ସେହିପରି ଅରିଜିତ ଦର୍ଶକଙ୍କୁ କହିଥିଲେ, ତାଙ୍କ ବାପା ଭିଡିଓ କଲ୍‌ରେ ଅଛନ୍ତି। କନ୍‌ସର୍ଟରେ ବହୁସଂଖ୍ୟାରେ ଲୋକଙ୍କୁ ଦେଖି ତାଙ୍କ ବାପା ଖୁସି ହୋଇଯାଇଥିଲେ। ଅରିଜିତଙ୍କ ଏହି ଅନ୍ଦାଜକୁ ସୋସିଆଲ ମିଡିଆରେ ବହୁ ୟୁଜର୍ସ ପ୍ରଶଂସା କରିଛନ୍ତି।


ଅରିଜିତ ସିଂ

### ଶାନ୍ତି ପ୍ରତିଷ୍ଠାରେ ସାମାଜିକ ନ୍ୟାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

#### ବିଶ୍ୱ ସାମାଜିକ ନ୍ୟାୟ ଦିବସ



ପ୍ରତିବର୍ଷ ଫେବୃଆରୀ ୨୦ରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ କରାଯାଉଛି। ବିଶ୍ୱରୁ ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରି,ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଦୂର କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ମଣିଷ ମଣିଷ ଭିତରେ ଏପରି କି ଦେଶ ଦେଶ ମଧ୍ୟରେ ଶାନ୍ତି, ସହାବସ୍ଥାନ ପ୍ରତିଷ୍ଠା କରିବାରେ ସାମାଜିକ ନ୍ୟାୟର ଭୂମିକା ରହିଛି। ଲିଙ୍ଗଗତ, ବୟସ, ଜାତି, ଧର୍ମ, ସମ୍ପ୍ରଦାୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ସାମାଜିକ ବାଧାକୁ ହଟାଇ ଦେବା ଦ୍ୱାରା ଆମେ ସହଜରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିପାରିବା। ଏଥିପାଇଁ ୨୬ ନଭେମ୍ବର,୨୦୦୭ରେ ଜାତିସଂଘ ସାଧାରଣ ପରିଷଦ ୨୦ ଫେବୃଆରୀକୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିବାପରେ ୨୦୦୯ରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଏକ ନିଷ୍ପକ୍ଷ ଜଗତୀକରଣ ପାଇଁ ସାମାଜିକ ନ୍ୟାୟ ଉପରେ କରାଯାଇଥିବା ଘୋଷଣାନାମାକୁ ଆନ୍ତର୍ଜାତିକ ଶ୍ରମ ସଂଘ( ଆଇଏଲଓ) ଗ୍ରହଣ କରିବା ଦ୍ୱାରା ସାମାଜିକ ନ୍ୟାୟ ପ୍ରତି ଜାତିସଂଘର ପ୍ରତିବଦ୍ଧତା ପ୍ରତିପାଦିତ ହୋଇଛି। ଏହି ଘୋଷଣାନାମା ୧୦ ଜୁନ,୨୦୦୮ରେ କରାଯାଇଥିଲା। ସମସ୍ତଙ୍କ ପାଇଁ ନିଯୁକ୍ତି, ସାମାଜିକ ସୁରକ୍ଷା, ସାମାଜିକ ବକ୍ତବ୍ୟ ଏବଂ ମୌଳିକ ନୀତି ଓ ଅଧିକାର ଉପରେ ଏହା ଗୁରୁତ୍ୱ ଦିଏ। ପୂର୍ବରୁ ଆଇଏଲଓ ଦ୍ୱାରା ୧୯୪୪ ଏବଂ ୧୯୯୮ରେ ଦୁଇଟି ଘୋଷଣା କରାଯାଇଥିଲେ ମଧ୍ୟ ୨୦୦୮ ଘୋଷଣାନାମା ଜଗତୀକରଣ ଯୁଗରେ ଏକ ନୂଆ ଦିଶା ଦେଖାଇଛି। ଏକ ଜଟିଳ ରାଜନୈତିକ ଅଭିଯାନ ଦ୍ୱାରା ଏହା ସମ୍ଭବ ହୋଇଥିଲା ଓ ଏଥିପାଇଁ ଏକ ବିସ୍ତୃତ ସହମତି ପ୍ରକାଶ ପାଇଥିଲା।

ବିଶ୍ୱରେ ୨୦୦୮ ପରେ ନିଯୁକ୍ତି ହାର ବାର୍ଷିକ ୦.୧ ପ୍ରତିଶତ ବୃଦ୍ଧି ପାଉଛି। ଏହା ୨୦୦୦ରୁ ୨୦୦୭ ମଧ୍ୟରେ ଥିଲା ୦.୯ ପ୍ରତିଶତ। ଏବେ ସୁଦ୍ଧା ୬୦ ପ୍ରତିଶତ ଶ୍ରମିକଙ୍କ ପାଖରେ କୌଣସି ପ୍ରକାର କାମ ଉପଲବ୍ଧ ହୋଇପାରିନି। ୪୫ ପ୍ରତିଶତରୁ ସାମାନ୍ୟ ଅଧିକ ଶ୍ରମିକ ସ୍ଥାୟୀ ଓ ପୂରା ଦରମା ପାଉଛନ୍ତି ଏବଂ ଏହା ମଧ୍ୟ ହ୍ରାସ ପାଇବାରେ ଲାଗିଛି। ନିଯୁକ୍ତି ପାଇବା ଯୋଗ୍ୟ ବୟସରେ ୨୦୧୮ରେ ୨୦୧ ମିଲିୟନ ଲୋକ କାମ ପାଇ ନ ଥିବାବେଳେ ୨୦୧୯ରେ ୨୧୨ ମିଲିୟନ ଲୋକ କାମ ନ ପାଇ ରହିଛନ୍ତି। ଏଣୁ ୨୦୩୦ ସୁଦ୍ଧା ୬୦୦ ମିଲିୟନ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସାମାଜିକ ନ୍ୟାୟ ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ।

### ସମାଜର ମୃତ୍ୟୁ ହୋଇଯାଇଛି: ସ୍ୱରା

ମୁମ୍ବାଇ


ସ୍ୱରା ଭାସ୍କର

ସମ୍ପ୍ରତି ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କର ଫିଲ୍ମ 'ଛାବା' ବକ୍ସ ଅଫିସରେ ନିଜ ଜଲ୍‌ୱା ଦେଖାଇଚାଲିଛି। ରିଲିଜ୍ ହେବାର ମାତ୍ର ୫ ଦିନ ମଧ୍ୟରେ ଏହି ଫିଲ୍ମ କେବଳ ଭାରତୀୟ ଫିଲ୍ମ ହଲଗୁଡ଼ିକରୁ ୨୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିଛି। ତେବେ ଏହି ଫିଲ୍ମକୁ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭର ଦଳାଚକଟା ସହ ଯୋଡ଼ି ଅଭିନେତ୍ରୀ ସ୍ୱରା ଭାସ୍କରା ଏକ୍ସ'ରେ ଏକ ସମାଲୋଚନା ମୂଳକ ପୋଷ୍ଟ କରିଛନ୍ତି। 'ଛାବା' ଫିଲ୍ମରେ ଲୋକଙ୍କ ପକ୍ଷରୁ ଆସୁଥିବା ଭାବନାତ୍ମକ ପ୍ରତିକ୍ରିୟାକୁ ନେଇ ସ୍ୱରା ଲେଖିଛନ୍ତି, ୫୦୦ ବର୍ଷ ତଳେ ହିନ୍ଦୁଙ୍କ ଉପରେ ହୋଇଥିବା ଅତ୍ୟାଚାରକୁ ଏକ କାଳ୍ପନିକ ଚଳଚ୍ଚିତ୍ରରେ ଦେଖାଯିବାକୁ ନେଇ ଲୋକେ କ୍ରୋଧିତ ହୋଇଯାଉଛନ୍ତି। ଅନ୍ୟପକ୍ଷରେ, ମହାକୁମ୍ଭର ଖରାପ ପରିଚାଳନା ଏବଂ ଦଳାଚକଟା ମୃତ୍ୟୁକୁ ନେଇ ସେମାନଙ୍କୁ କ୍ରୋଧ ଆସୁନାହିଁ। ମହାକୁମ୍ଭରେ ମୃତଦେହଗୁଡ଼ିକୁ ବୁଲ୍‌ଡୋଜର ସାହାଯ୍ୟରେ ବାହାର କରାଯାଇଥିଲା। କିନ୍ତୁ ଏହା ବିରୋଧରେ କେହି ମଧ୍ୟ ପ୍ରତିବାଦ କଲେ ନାହିଁ। ବାସ୍ତବରେ ଆମେ ରହୁଥିବା ସମାଜରେ ଲୋକଙ୍କର ବୁଦ୍ଧି ଏବଂ ଆତ୍ମା ମରିଯାଇଛି ବୋଲି ସ୍ୱରା କହିଛନ୍ତି। ପ୍ରକାଶ ଯେ, 'ଛାବା' ଫିଲ୍ମ ଶମ୍ଭାଜୀ ମହାରାଜଙ୍କ ଜୀବନୀକୁ ନେଇ ଆଧାରିତ ରହିଛି। ଶମ୍ଭାଜୀ ମହାରାଜଙ୍କୁ ଅତ୍ୟାଚାର କରାଯାଉଥିବା ନେଇ ଫିଲ୍ମର ଅନ୍ତିମ ଦୃଶ୍ୟରେ ପ୍ରକାଶ ପାଇଛି। ଏହି ଦୃଶ୍ୟ ଦେଖି ଲୋକେ ଭାବ ବିହ୍ୱଳ ହେବା ସହ କ୍ରୋଧିତ ହୋଇ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ କରିଥିଲେ।







କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଓ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ଘଟଣାକୁ ନେଇ ବୁଧବାର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ସିପିଆଇ(ଏମ୍ଏଲ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ଏବଂ ଏବିଭିପି ପକ୍ଷରୁ ଲୋୟର ପିଏମ୍‌ଜିଠାରେ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**କିଟ୍‌ରେ ଛାତ୍ରୀ ମୃତ୍ୟୁ, ନିର୍ଯାତନା ଘଟଣା**

# ତଦନ୍ତ ଆରମ୍ଭକଲା ଉଚ୍ଚସ୍ତରୀୟ କମିଟି

- କିଟ୍ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା ଜାରି
- ମହିଳା ହଷ୍ଟେଲ ଅଧିକାରୀଙ୍କୁ ନୋଟିସ

ଭୁବନେଶ୍ୱର,୧୯।୨ (ସତ୍ୟଜିତ୍ ରାଉତ)

କିଟ୍ ବିଶ୍ୱ ବିଦ୍ୟାଳୟରେ ବି.ଟେକ୍ ଛାତ୍ରୀ ପ୍ରକ୍ରିତି ଲାମସଲ୍‌ଙ୍କ ଆତ୍ମହତ୍ୟା ଏବଂ ନେପାଳୀ ଛାତ୍ରୀଛାତ୍ରଙ୍କୁ ବଳପୂର୍ବକ କଲେଜରୁ ବିତାଡ଼ିତ କରି ନିର୍ଯାତନା ଘଟଣାରେ ବିବାଦ ଅଧିକ ଘନେଇବାରେ ଲାଗିଛି। କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ତେବେ ଏହି ଘଟଣାରେ ଗୁମର ଖୋଲିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଗଠନ ହୋଇଥିବା ୩ ଜଣିଆ ଉଚ୍ଚସ୍ତରୀୟ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ବୁଧବାର ତଦନ୍ତ ଆରମ୍ଭ କରିଛି। ଅପରାହ୍ନରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା, ଉଚ୍ଚ ଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ କ୍ୟାମ୍ପସ୍‌ରେ ପହଞ୍ଚି ଛାତ୍ରୀଛାତ୍ର, ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖଙ୍କୁ ପଚରାଉଚରା କରିଛନ୍ତି। ଏଥିସହ ଘଟଣାସ୍ଥଳ ମଧ୍ୟ ପରିଦର୍ଶନ କରି ସ୍ଥିତି ପରଖିବା ସହ ଅଧିକ ଖୋଳତାଡ଼ କରିଛନ୍ତି। ଏହାକୁ ନେଇ ଗଣମାଧ୍ୟମରେ ସତ୍ୟବ୍ରତ କହିଛନ୍ତି, କଲେଜର ବିଭିନ୍ନ ଲୋକ ଓ ପ୍ରଭାବିତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା ହୋଇଛି। ଆମେ କ'ଣ କରିବୁ, ସେଥିପାଇଁ ଘଟଣାସ୍ଥଳ ପରିଦର୍ଶନ କଲୁ। ଏହା ପ୍ରଥମ ପରିଦର୍ଶନ ହୋଇଥିବାବେଳେ ଆଗକୁ ତଦନ୍ତ ଆଗେଇବ। ତଦନ୍ତରୁ ଯେଉଁ ତଥ୍ୟ ସାମ୍ନାକୁ ଆସିବ, ତାକୁ ନେଇ ରାଜ୍ୟ ସରକାରଙ୍କୁ ଏକ ରିପୋର୍ଟ ପ୍ରସ୍ତୁତ କରି ଦିଆଯିବ ବୋଲି ସଚିବ ସାହୁ କହିଛନ୍ତି। ସେହିପରି ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଟୁଇନ୍ ସିଟି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ମଧ୍ୟ କ୍ୟାମ୍ପସ୍‌ରେ ପହଞ୍ଚି ଅନୁସନ୍ଧାନ କରିଛନ୍ତି। ପୋଲିସ କମିଶନର ସିଂ କହିଛନ୍ତି, କିଟ୍ କ୍ୟାମ୍ପସ୍ ଏବେ ପୋଲିସ ଅନୁଧ୍ୟାନରେ ରହିଛି। ଜବତ ମୋବାଇଲ ଓ ଲାପ୍‌ଟପ୍‌କୁ ଷ୍ଟେଟ୍ ଫରେନ୍‌ସିକ ସାଇନ୍ସ ଲାବୋରେଟୋରି (ଏସ୍ଏଫ୍ଏସ୍ଏଲ୍)କୁ ପଠାଯାଇଛି। ସବୁ ଦିଗକୁ ନେଇ ତଦନ୍ତ ହେଉଛି ବୋଲି ସେ କହିଛନ୍ତି। ଅପରପକ୍ଷରେ କଲେଜ ମୁଖ୍ୟ ଫାଟକ ସାମ୍ନାରେ ବିଭିନ୍ନ ପ୍ଲାକାର୍ଡ ଧରି ଛାତ୍ରୀଛାତ୍ରମାନେ ଧାରଣା ଜାରି ରଖିଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ସରକାରଙ୍କ ତତ୍ତ୍ୱାବଧାନରେ ଏକ ଷ୍ଟୁଡେଣ୍ଟ କାଉନ୍‌ସିଲ୍ ଗଠନ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ସେହିପରି ନବନିର୍ମାଣ ଯୁବ ଛାତ୍ର ସଂଗଠନ (ଏନ୍‌ୱାଇସିଏସ୍) ଏବଂ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେଶନ୍ (ଏଆଇଏସ୍ଏଫ୍) ପକ୍ଷରୁ ମଧ୍ୟ କଲେଜ ସାମ୍ନାରେ ଧାରଣା ଦିଆଯାଇଛି। କିଟ୍ ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତ ଆନ୍ଦୋଳନସ୍ଥଳରେ ପହଞ୍ଚି ଏନ୍‌ୱାଇସିଏସ୍ ରାଜ୍ୟ ସଂଯୋଜକ ଏମ୍.ଡି ମନୱର ଅଲ୍ଲୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ତାଙ୍କୁ ଏକାଧିକ ପ୍ରଶ୍ନ ପଚରାଯାଇଥିଲା। ଜହେଲେ ସେ ଉତ୍ତର ନ ଦେଇ ସେଠାରୁ ପଳାଇଯାଇଥିଲେ ବୋଲି ଜଣାପଡିଛି। ଅପରପକ୍ଷରେ ନେପାଳୀ ଛାତ୍ରୀଙ୍କୁ ଦୁର୍ବ୍ୟବହାର ସହ ଧମକ ଦେଇ ହଷ୍ଟେଲରୁ ବିଦା କରିଥିବା ଦୁଇ ମହିଳା ଅଧିକାରୀଙ୍କୁ ପଚରାଉଚରା ପାଇଁ ପୋଲିସ ପକ୍ଷରୁ ନୋଟିସ ହୋଇଥିବା ଜଣାପଡିଛି।



ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

## ପୁରୁଷବନ୍ଧୁଙ୍କୁ ୩ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ

ନେପାଳୀ ଛାତ୍ରୀ ପ୍ରକ୍ରିତିଙ୍କୁ ବ୍ଲାକ୍‌ମେଲ୍ କରି ତାଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ମାମଲାରେ ଗିରଫ ହୋଇ ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଥିବା ଅଭିଯୁକ୍ତ ପୁରୁଷବନ୍ଧୁ ଆଦଭିକ୍ ଶ୍ରୀବାସ୍ତବ ପୋଲିସ ରିମାଣ୍ଡରେ ଆସିବେ। ତାଙ୍କୁ ୩ ଦିନିଆ ରିମାଣ୍ଡରେ ଆଣିବାକୁ ଇନ୍‌ଫୋସିଟି ଥାନା ପକ୍ଷରୁ ଭୁବନେଶ୍ୱର ଜେଏମ୍ଏଫ୍‌ସି-୨ କୋର୍ଟରେ ବୁଧବାର ଆବେଦନ ହୋଇଛି। କୋର୍ଟ ଏହାକୁ ଗ୍ରହଣ କରି ଅନୁମତି ଦେବା ପରେ ପୋଲିସ ଆଦଭିକ୍‌ଙ୍କୁ ଜେଲରୁ ଆଣି ପଚରାଉଚରା କରିବ। କେଉଁଦିନଠୁ ପ୍ରକ୍ରିତିଙ୍କୁ ସେ ପ୍ରେମ କରୁଥିଲେ, ସମ୍ପର୍କରେ ଫାଟ ସୃଷ୍ଟି ହେବାର କାରଣ, କାହିଁକି ନିର୍ଯାତନା ଦେଲେ, କିଭଳି ନିର୍ଯାତନା ଦେଉଥିଲେ ଆଦି ଦିଗକୁ ନେଇ ଆଦଭିକ୍‌ଙ୍କୁ ପଚରାଉଚରା କରିବାକୁ ପୋଲିସ ଯୋଜନା କରିଛି। ଏହି ମାମଲାରେ ପୋଲିସ ନିକଟରେ ଯେଉଁ ପ୍ରମାଣ ଅଛି ଅଭିଯୁକ୍ତ ଆଦ୍‌ଭିକଙ୍କୁ ପଚରାଉଚରା କରି ଉକ୍ତ ପ୍ରମାଣକୁ ଅଧିକ ଶକ୍ତିଶାଳୀ କରିବୁ ବୋଲି କମିଶନର କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରକ୍ରିତିଙ୍କ ମୃତ୍ୟୁ ପରେ ତାଙ୍କ ସାଙ୍ଗ ତଥା ସମ୍ପର୍କୀୟ ଭାଇ ସିଦ୍ଧାନ୍ତ ସିଗ୍‌ଦେଲ୍‌ଙ୍କ ଏତଲା ଆଧାରରେ ଇନ୍‌ଫୋସିଟି ଥାନା ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଦଫା ୧୦୮ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ମାମଲା (ନଂ.୫୪/୨୦୨୫) ରୁଜୁ କରିଛି। ଆଦଭିକ୍ ରାଜ୍ୟ ବାହାରକୁ ଖସି ପଳାଉଥିବା ବେଳେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ସୋମବାର ଗିରଫ ହୋଇଥିଲେ।

# ଅଚ୍ୟୁତ ସାମନ୍ତଙ୍କ କୁଶପୁତ୍ତଳିକା ଦାହକଲା ଏବିଭିପି

ଭୁବନେଶ୍ୱର,୧୯।୨(ସୁଚିସ୍ମିତା ସାହୁ)

ଭୁବନେଶ୍ୱରସ୍ଥିତ କିଟ କ୍ୟାମ୍ପସରେ ଚାଲିଥିବା ଛାତ୍ର ଅଶାନ୍ତି ଏବେ ଜାରି ରହିଥିବା ବେଳେ ଲୋୟର ପିଏମଜିରେ ଏବିଭିପି ପକ୍ଷରୁ ବିକ୍ଷୋପ ପ୍ରଦର୍ଶନ କରାଯାଇଛି। ଛାତ୍ରୀଛାତ୍ରମାନେ ନାରାବାଜି ଦେବା ସହିତ ଅଚ୍ୟୁତ ସାମନ୍ତଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। କିଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଲାଗି ଓଡ଼ିଶା ଓ ନେପାଳର ସଂପର୍କରେ ମଳିନ ପଡ଼ିଛି। ମୃତ ନେପାଳି ଛାତ୍ରୀଙ୍କୁ ନ୍ୟାୟ ଦାବି କରିବା ସହିତ ଦୋଷୀ ଉପରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କିଟ୍ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ଏବଂ ଛାତ୍ରୀଛାତ୍ରଙ୍କୁ ମାଡ଼ମରିବା ଅଭିଯୋଗରେ ଅଚ୍ୟୁତ ସାମନ୍ତଙ୍କୁ ଆରେଷ୍ଟ କରାଯାଉ । ବିଦେଶୀ ଛାତ୍ରଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର ପାଇଁ ଦୁଇ ଜଣ ମାଡ୍ୟାମଙ୍କୁ ଗିରଫ କରାଯାଉ ବୋଲି ଏବିଭିପି ଦାବି କରିଛି।




# କିଟ୍ ଉପକୁଳପତି, ଛାତ୍ରୀଛାତ୍ରଙ୍କୁ ଭେଟିଲେ ରାଷ୍ଟ୍ରୀୟ ଅଭିଭାବକ ମହାସଂଘ କର୍ମକର୍ତ୍ତା

ଭୁବନେଶ୍ୱର,୧୯।୨(ସୁଚିସ୍ମିତା ସାହୁ)

**ଛାତ୍ରୀ ମୃତ୍ୟୁର ପରବର୍ତ୍ତୀ ଘଟଣାକୁ କିଟ୍ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ସମ୍ପୂର୍ଣ୍ଣ ଭୁଲ୍ ଥିଲା**

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଓ ପ୍ରତିବାଦ କରୁଥିବା ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ପରେ ଜୋର୍‌ଜବରଦସ୍ତ କଟକ ରେଳ ଷ୍ଟେଶନରେ ଛଡାଯିବା ଘଟଣାକୁ ଆନ୍ଦୋଳନ ଜାରି ରହିଥିବାରୁ କ୍ୟାମ୍ପସରେ ଅଶାନ୍ତି ପରିବେଶ ଲାଗି ରହିଛି। ଏ ସମ୍ବନ୍ଧରେ ପ୍ରକୃତ ତଥ୍ୟ ଜାଣିବା ନିମନ୍ତେ ବୁଧବାର ରାଷ୍ଟ୍ରୀୟ ଅଭିଭାବକ ମହାସଂଘ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏବଂ ଜାତୀୟ ମାନବାଧିକାର ସାମ୍ମୁଖ୍ୟ ସଭାପତି ରମେଶ ଭାରତୀଙ୍କ ନେତୃତ୍ୱରେ ୬ ଜଣିଆ ଦଳ କିଟ୍ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ। ସେମାନେ ଘଟଣା ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଉପକୁଳପତି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ମାନବାଧିକାର ସାମ୍ମୁଖ୍ୟ ଉପସଭାପତି ତପନ ପତି, ଅଭିଭାବକ ମହାସଂଘ କର୍ମକର୍ତ୍ତା ତାପସ ଦାସ, ଅନନ୍ତ ରାଉତ ଏବଂ ଶିଶିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା ପରେ ସେମାନେ ଗଣମାଧ୍ୟମକୁ କହିଛନ୍ତି, ଛାତ୍ରୀ ମୃତ୍ୟୁର ପରବର୍ତ୍ତୀ ଘଟଣାକୁ କିଟ୍ କର୍ତ୍ତୃପକ୍ଷ ଯେଉଁଭଳି ଭାବରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ତାହା ସମ୍ପୂର୍ଣ୍ଣ ଭୁଲ୍ ଥିଲା। କର୍ତ୍ତୃପକ୍ଷ ଠିକ୍ ଭାବେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ ହୁଏତ ଘଟଣା ଏତେ ବାଟ ପର୍ଯ୍ୟନ୍ତ ଯାଇ ନ ଥାନ୍ତା। ହଷ୍ଟେଲ ଛାଡିଥିବା ପିଲାଙ୍କ ମଧ୍ୟରୁ ୮୦% ହଷ୍ଟେଲ ଫେରି ଆସିଛନ୍ତି ଓ ପ୍ରତ୍ୟେକ ନେପାଳୀ ଛାତ୍ରୀଛାତ୍ରଙ୍କ ସହ ଅଧିକାରୀମାନେ ଯୋଗାଯୋଗରେ ଅଛନ୍ତି ବୋଲି ପ୍ରତିନିଧିମାନେ ଜଣାଇଛନ୍ତି। ଏଥିସହ ଏହି ପ୍ରତିନିଧି ଦଳ କେତେଜଣ ପୀଡିତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ ଓ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନ୍ୟାୟିକ ପଦକ୍ଷେପ ନିଆଯିବ ବୋଲି ସେମାନେ ଛାତ୍ରୀଛାତ୍ରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ**

## ନେପାଳ ଛାତ୍ରୀଛାତ୍ରଙ୍କୁ...

ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ମଧ ମୁଖ୍ୟମନ୍ତ୍ରୀ ଭରସା ଦେଇଛନ୍ତି। ଏହି ଘଟଣାକୁ ନେଇ ନେପାଳର ଦୁଇ ପ୍ରତିନିଧି ନେପାଳ ବୈଦେଶିକ ବ୍ୟାପାର ବିଭାଗର କାଉନ୍‌ସିଲର ସଞ୍ଜୀବଙ୍କ ସହ ନବୀନ ରାଜ ଅଧିକାରୀ ଓଡ଼ିଶାରେ ପହଞ୍ଚି ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଛନ୍ତି। ବୁଧବାର ରାଜ୍ୟ ଅତିଥି ଭବନରେ ସେମାନଙ୍କ ସହିତ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। କିଟ୍‌ରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ସହିତ ଉଚିତ ପଦକ୍ଷେପ ନିଆଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଉଚ୍ଚଶିକ୍ଷା ମନ୍ତ୍ରୀ ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଅର୍‌ଜୁ ରାଣା ଦେଉବାଙ୍କ ସହିତ ଭିଡିଓ କଲ୍ ମାଧ୍ୟମରେ କଥା ହୋଇଥିଲେ। ଘଟଣାର ନିରପେକ୍ଷ ତଦନ୍ତ ସହିତ ନେପାଳ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ସୂର୍ଯ୍ୟବଂଶୀ ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରିବା ସହିତ ଓଡ଼ିଶା 'ବସୁଧୈବ କୁଟୁମ୍ବକମ୍' ବିଚାରରେ ବିଶ୍ୱାସ ରଖେ ବୋଲି ଉଲ୍ଲେଖ କରିଛନ୍ତି। ମୃତ ଛାତ୍ରୀଜଣକ କେବଳ ନେପାଳର ଝିଅ ନୁହେଁ, ସେ ଓଡ଼ିଶା ମାଟିର ମଧ ଝିଅ। ଘଟଣାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ ସହିତ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସରକାର ତତ୍ପର ଅଛନ୍ତି। ନେପାଳ-ଭାରତ ସୁସମ୍ପର୍କ ଅକ୍ଷୁର୍ଣ୍ଣ ରହିବ ବୋଲି ଆମେ ବିଶ୍ୱାସ ଦେଉଛୁ। ଏଥିସହ ଏହି ସମ୍ବେଦନଶୀଳ ମୁହୂର୍ତ୍ତରେ କ୍ୟାମ୍ପସରେ ଶାନ୍ତି ବଜାୟ ରଖିବା ଏବଂ ବୈଦେଶିକ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ସରାକାରଙ୍କ ତ୍ୱରିତ ପଦକ୍ଷେପରେ ନେପାଳର ବୈଦେଶିକ ମନ୍ତ୍ରୀ ତଥା ସରକାର ସନ୍ତୋଷ ବ୍ୟକ୍ତ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।



ନେପାଳ ପ୍ରତିନିଧିଙ୍କ ସହ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଲୋଚନା କରୁଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଧାପିକା ଅଧାପକଙ୍କୁ ଦରମା ପ୍ରଦାନ ଦାବିରେ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- ଅଚ୍ୟୁତ ସାମନ୍ତଙ୍କୁ ଗିରଫ କରିବା ଦାବିରେ ସିପିଆଇର ରାସ୍ତା ରୋକୋ ଓ ବିକ୍ଷୋଭ, ସ୍ଥାନ: ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍‌ର ମାସିକ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତି ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୪ଟା ୩୦।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୨୫ତମ ରୌପ୍ୟଜୟନ୍ତୀ, ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଜମାତ୍ ଅହମ୍ମଦିୟା ତରଫରୁ ହଜରତ ମୁସ୍‌ଲେ ମଉଦ ଦିବସ ପାଳନ, ସ୍ଥାନ: ଜାମା ମସ୍‌ଜିଦ, ଜମାତ ଅହମ୍ମଦିୟା, ପଙ୍କାଳ, ତିଗିରିଆ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କାଇପଦର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ମହୋତ୍ସବ, ପୁସ୍ତକ ମେଳା ଓ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନ, ସ୍ଥାନ: ହାବେଳି ପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ମ୍ୟୁନିସିପାଲି ସରକାରୀ ଉଚ୍ଚ ବିଦ୍ୟାଳୟ, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ବାବା ତାରକେଶ୍ୱରଙ୍କ ପୀଠରେ ଜଳାଭିଷେକ ଓ ଯଜ୍ଞ, ସ୍ଥାନ: ଶିରିପୁର, ବାସ୍ତିଦିପୁର, ଅଚ୍ୟୁତପୁର, ଖଇରା, ସମୟ: ପୂର୍ବାହ୍ନ ୭ଟା।
- ବିଶାଳ ଗଣଧାରଣା, ସ୍ଥାନ: ଖାଉଟି ଅଦାଲତ ସମ୍ମୁଖ, କଚେରୀ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଶିବିରର ଚତୁର୍ଥ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ: ମଧାହ୍ନ ୨ଟା ୩୦।

## ଭଦ୍ରକ
- ଦିବଂଗତ ଶିକ୍ଷକ କୃତିବାସ ମହାନ୍ତିଙ୍କ ସ୍ମୃତି ସମାରୋହ ଓ କବିତା ପାଠୋତ୍ସବ, ସ୍ଥାନ: ମାଳପୁର, ପୀରହାଟ ବଜାର, ତିହିଡ଼ି, ସମୟ: ସକାଳ ୯ଟା।
- ହନୁମାନ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: କନ୍ଥିଆ, ବନ୍ତ, ସମୟ: ସକାଳ ୯ଟା।
- ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା ଓ ଯଜ୍ଞ ଆରମ୍ଭ, ସ୍ଥାନ: ମୂଳଗାଁ, ଭଦ୍ରକ, ସମୟ: ଅପରାହ୍ନ ୧ଟା।
- ଚାରୁ ଚନ୍ଦ୍ର ମେମୋରିଆଲ ସର୍ବଭାରତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଚାରୁ ଚନ୍ଦ୍ର ଇଂଲିଶ ମାଧ୍ୟମ ବିଦ୍ୟାଳୟ ପରିସର, ବନ୍ତ, ସମୟ: ଅପରାହ୍ନ ୪ଟା।
- ପାଲା ପରିବେଷଣ, ସ୍ଥାନ: ଭୈରବପୁର ଭବାନୀ ଶଙ୍କର ମହାଦେବ ମନ୍ଦିର ପରିସର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ହନୁମାନଙ୍କ ନୂତନ ବିଗ୍ରହ ସ୍ଥାପନ ଓ କଳସ ଯାତ୍ରା ଗ୍ରାମ ପରିକ୍ରମା, ସ୍ଥାନ: ବିରିଡିହା, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- କରଞ୍ଜିଆ ସହିତ ବିଜେଏମ୍‌ସିସି କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ,ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ:ସାରସକ୍ଷେତ୍ର, ସାରସକଣା,ସମୟ:ପୂର୍ବାହ୍ନ ୧୧ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଉଁଶିଆ ଭୀମ ମେଳା ପଡ଼ିଆ, ବଡ଼ସାହି,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ରୟାଲ କଲେଜ ଅଫ ଫାର୍ମାସୀର ବାର୍ଷିକୋତ୍ସବ, ସ୍ଥାନ: କଲେଜ ପରିସର,ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ବ୍ଲକସ୍ତରୀୟ ନିପୁଣ ଓଡ଼ିଆ ମେଳା, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋପାଳପୁର, ସମୟ: ସକାଳ ୧୧ ଟା।

## ଢେଙ୍କାନାଳ
- କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: ସର୍କିଟ୍ ହାଉସ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୪୫।

## ଜଗତ୍‌ସିଂହପୁର
- ପୁରୀରେ ହେବାକୁ ଥିବା କଂଗ୍ରେସର ସଂକଳ୍ପ ଯାତ୍ରା ପାଇଁ ପାରାଦୀପରୁ ରାଲି ଆରମ୍ଭ, ସ୍ଥାନ: ନଗର କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା
- ଶ୍ରୀଅଭିରାମ ପରମହଂସ ଦେବଙ୍କ ସନାତନ ଧର୍ମ ସମ୍ମିଳନୀ, ସ୍ଥାନ: ମହୁଲିଆ, ରାଜନଗର, ସମୟ: ସକାଳ ୬ଟା।
- ଆଜାଦ କ୍ଲବ ପକ୍ଷରୁ ଫୁଟ୍‌ବଲ ଖେଳ, ସ୍ଥାନ: କେନ୍ଦ୍ରାପଡ଼ା ସରକାରୀ ହାଇସ୍କୁଲ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ଶ୍ରୀବିଶ୍ୱେଶ୍ୱର ମହାଦେବ ନିକଟ, ଗରଦପୁର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ୧୩ତମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ:ସକାଳ ୭ଟା।
- ଶ୍ରୀଶ୍ରୀ ଶିରିଡି ସାଇ ବାବାଙ୍କର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଯାତ୍ରା, ସୂର୍ଯ୍ୟପୂଜା ଓ ଅଙ୍କୁରାରୋପଣ, ସ୍ଥାନ: ନୟାଗଡ଼ ବ୍ଲକ ତୁଳସୀପୁରସ୍ଥ ୫୭ନଂ.ଜାତୀୟ ରାଜପଥ ପାର୍ଶ୍ୱ, ସମୟ:ସକାଳ ୮ଟା।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ଉଦ୍‌ଯାପନ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଗୁଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ମିଲେଟ୍ସ ତିଆରି ସାମଗ୍ରୀ ପ୍ରଶିକ୍ଷଣ ଶିବିର, ସ୍ଥାନ: କାଶୀପୁର ବ୍ଲକ ଡୁଡୁକା ବାହାଲ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ନବରଙ୍ଗପୁର ଏମ୍‌ପିଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ, ସ୍ଥାନ: ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ପ୍ରଶ୍ନପତ୍ର ଓ ଉତ୍ତର ଖାତା ଛପାଇବା, ଯୋଗାଇବା ନେଇ ଜିଲାସ୍ତରୀୟ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।

## କୋରାପୁଟ
- ଜଳବାୟୁ ବନ୍ଧୁତ୍ୱପୂର୍ଣ୍ଣ ଓ ସ୍ଥାୟୀ ଜୀବିକା କାର୍ଯ୍ୟକ୍ରମ, ସ୍ଥାନ: ଚଣାବାଡ଼ ପଞ୍ଚାୟତ କୃଷି କ୍ଷେତ୍ର, ଦଶମନ୍ତପୁର, ସମୟ: ମଧାହ୍ନ ୧୨ଟା ୩୦।
- ପିଏମ ବିଶ୍ୱକର୍ମା ଯୋଜନା ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ସିବିଏସ୍‌ଇ ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ଦିନ, ସ୍ଥାନ: କୋରାପୁଟ ପିଏମ୍ ଜବାହର ନବୋଦୟ ବିଦ୍ୟାଳୟ, ସମୟ :ପୂର୍ବାହ୍ନ ୧୦ ଟା ୩୦।

## ସମ୍ବଲପୁର
- ଯୋଗ ପରିବାର ଆୟୋଜିତ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ସଭ୍ୟମାନଙ୍କ ପ୍ରୟାଗ ରାଜ ଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ : ସମଲେଶ୍ୱରୀ ମନ୍ଦିର ପରିସର, ସମୟ : ସକାଳ ୭ଟା।
- ସ୍ୱୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜିତ ୧୩ତମ ଦିନବନ୍ଧୁ ଗୋସ୍ୱାମୀ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୮ଟା ୩୦।
- ସମଗ୍ର ଶିକ୍ଷା ଆୟୋଜିତ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବୈଷୟିକ ଓ ସାଂସ୍କୃତିକ ଉତ୍ସବ, ସ୍ଥାନ: ଭିସୁଟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଷିଆନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା(ପଶ୍ଚିମ ଓଡ଼ିଶା ସ୍ତରୀୟ) ବିଜୟ ବାହାଦୂର ସିଂହ ଏବଂ ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କୋରାପୁଟ ଏବଂ ସୁନ୍ଦରଗଡ ଜିଲା ମଧ୍ୟରେ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ : ଅପରାହ୍ନ ୩ଟା।

## ରାଉରକେଲା
- ଆଦର୍ଶ ପାଠାଗାର ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା ୩୦।
- ଆମେ ଓଡ଼ିଆ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୩ ଖଦ୍ଦ ଭବନ, ସମୟ: ଅପରାହ୍ନ ୪ଟା

## ସୁନ୍ଦରଗଡ଼
- ଜିଲା ଆଇନ ସେବା ପ୍ରାଧୀକରଣ ତରଫରୁ ଆଇନ ସଚେତନତା ଶିବିର,ସ୍ଥାନ: ଭେଡାବାହାଲ ସରକାରୀ ହାଇସ୍କୁଲ,ସମୟ: ଅପରାହ୍ନ ୩ଟା।
- ବିଶ୍ୱ ଶାନ୍ତି ଅଖଣ୍ଡ ବ୍ରହ୍ମ ଯଜ୍ଞ ନିମନ୍ତେ କଳସ ଯାତ୍ରା,ଅଖଣ୍ଡ ବ୍ରହ୍ମ ଧୂନୀ ସ୍ଥାପନ,ସ୍ଥାନ:ହେମଗିରି କୋଡବାହାଲ ଆଞ୍ଚଳିକ ମହିମା ଆଶ୍ରମ,ସମୟ:ଅପରାହ୍ନ ୪ଟା।
- ବରଙ୍ଗାକଛାର ପଞ୍ଚାୟତର ପରୁଆବେଡା ପ୍ରାଥମିକ ବିଦ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ କ୍ୟାମ୍ପ,ସମୟ: ପୂର୍ବାହ୍ନ ୯ ଟା।
- ବଡ଼ଗାଁ ନର୍ସିଂ କଲେଜର ବାର୍ଷିକ ଉତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ,ସମୟ: ଅପରାହ୍ନ ୪ଟା ୩୦।

## ବରଗଡ଼
- ଶ୍ରୀମହାକାଳେଶ୍ୱର ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗଙ୍ଗାଧର ନଗର, ବରଗଡ଼, ସମୟ: ସକାଳ ୮ଟା।
- ଶ୍ରୀଦୁର୍ଗା ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଘେଁସ୍, ସୋହେଲା, ସମୟ: ସକାଳ ୮ଟା
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ତାଲଶ୍ରୀଗିଡ଼ା, ବରଗଡ଼, ସମୟ: ସକାଳ ୯ଟା।
- ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବିଜାଡ଼ୋଲ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଆନ୍ତଃ ରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମର ତୃତୀୟ ଦିବସ, ସ୍ଥାନ: ଭବାନୀପାଟଣା ଇଟିସି ପ୍ରଶିକ୍ଷଣ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ର ବଜେଟକୁ ବିରୋଧ କରି ବାମପନ୍ଥୀ ସଂଗଠନ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଚବିଶ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତୀ, ସ୍ଥାନ: ପୁରୁନ୍ଥୁଣ୍ଡା ଗ୍ରାମ, ବୌଦ୍ଧ, ସମୟ: ସକାଳ ୮ଟା।
- ଦ୍ୱିତୀୟ ସେବା ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ବାବା ଗୁପ୍ତେଶ୍ୱର ମନ୍ଦିର ପଡିଆ, ବୁରୁବୁଡ଼ା, ହରଭଙ୍ଗା, ସମୟ: ସକାଳ ୯ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଆଳତି, ସ୍ଥାନ: କୋମନା ବ୍ଲକ ପଳସିପାଣି ପଞ୍ଚାୟତ କାଶିପଲା ଗାଁ, ସମୟ: ପ୍ରାତଃ ୫ଟା ୩୦।

## ଝାରସୁଗୁଡ଼ା
- ଭାଗବତ ସପ୍ତାହ ପାଳନ, ସ୍ଥାନ: ବାଗଡିହି ଭାଗବତ ମନ୍ଦିର, ସମୟ: ସକାଳ ୮ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଜଳ ବିଭାଜିକା ଯାତ୍ରା, ସ୍ଥାନ: ଜୁନିୟର ଖେଳ ପଡ଼ିଆ, ଲଖନପୁର, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତା, ପିଲାଙ୍କ ସମ୍ବନ୍ଧୀୟ ଥିବା ଦୁଶ୍ଚିନ୍ତା ସମ୍ପର୍କରେ ଚିନ୍ତିତ ରହିବେ। ଠିକ୍ ସମୟରେ କାମ ସମ୍ପନ୍ନ କଷ୍ଟକର ହୋଇପାରେ। ପରିବାର ହେଉ କିମ୍ବା କର୍ମକ୍ଷେତ୍ର, ପ୍ରତି ସମସ୍ୟାକୁ ସୁଧାରିନେବାରେ ଅସୁବିଧା ହେବନାହିଁ। ଦ୍ୱିଜା ନକ୍ଷତ୍ରର ବାଣିଜ୍ୟ, ନିର୍ମାଣ, ପରିବହନ, ବ୍ୟବସାୟିକସ୍ଥିତି ପ୍ରାୟତଃ ହାଲୁକା ରହିବ।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟାରମ୍ଭ, ଆଲୋଚନା, ବନ୍ଧୁମିଳନ ପାଇଁ ସୁନ୍ଦର ସୁଯୋଗ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି ହେବ। କୃତ୍ତିକା ନକ୍ଷତ୍ରର କୌଣସି ଆଲୋଚନାରେ ତର୍କ ଓ ବିବାଦୀୟ କଥା, ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢିଯିବ। ପରିବହନରେ ସମସ୍ୟା, କର୍ମପରିସରରେ ଶତ୍ରୁତା ହେତୁ ଚିନ୍ତା କରିପାରନ୍ତି।

**ମିଥୁନ** ଅନ୍ୟକୁ ଖୁଆଇ ପିଆଇ ଘରେ, ବାହାରେ ସବୁଠି ଆଦର, ସ୍ନେହ ଆପଣଙ୍କ ଲୋକପ୍ରିୟତାକୁ ବଢ଼ାଇ ଦେବ। ମୃଗଶିରାର ଫେରିଯାଇଥିବା ବନ୍ଧୁ ଲେଉଟି ଆସିବାରୁ ଆପଣ ଖୁସି ହେବେ ନାହିଁ। ବାକିଥିବା ଲୋକଟିକୁ ବକେୟା ମାଗିବାରୁ ପରିସ୍ଥିତି ଉତ୍ତେଜନାମୂଳକ ହେବ। ଅଜଣା ଲୋକ ସହ ବାକ୍‌ବିତଣ୍ଡା ସୃଷ୍ଟି ହେବ।

**କର୍କଟ** ଉପକୃତ ହୋଇଥିବା ବ୍ୟକ୍ତିଙ୍କ ବେଖାତିର ମନୋଭାବ ହେତୁ ଟିକିଏ କଥାରେ ରାଗିପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିବ। ଅଶ୍ଳେଷାର ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇ ପାରନ୍ତି। ପୁରୁଣା ସମସ୍ୟା ତୁଟି ଯାଇଥିଲେ ମଧ୍ୟ ନୂତନ ସମସ୍ୟା ଦେଖାଦେବ।

**ସିଂହ** ସଚେତନତାର ଅଭାବ ସାଙ୍ଗକୁ ସ୍ୱାସ୍ଥ୍ୟ ପ୍ରତି ଜଗି ରଖି ନ ଚଳିଲେ ଅସୁବିଧାର ସମ୍ମୁଖୀନ ହେବେ। ପୂର୍ବାଫାଲଗୁନୀ ନକ୍ଷତ୍ର ବନ୍ଧୁଙ୍କଠାରୁ ନାସ୍ତି ବାକ୍ୟ ଶୁଣି ବିଷାଦଗ୍ରସ୍ତ ହେବେ। ହଜିଯାଇଥିବା ଜିନିଷ ଫେରି ପାଇବେ, ଅବଶ୍ୟ କିଛି ସମୟ ହଇରାଣ ହେବାକୁ ପଡିବ। ପରିବହନ, ସଂଗଠନ ଓ ରାଜନୀତି ପାଇଁ ଦିନଟି ମନ୍ଦ ନୁହେଁ।

**କନ୍ୟା** କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ଉତ୍ତରାଫାଲଗୁନୀ ନକ୍ଷତ୍ର ସ୍ୱର୍ଣକାରତର କଥାରେ ଚିହ୍ନାପଡିଲେ ସମସ୍ୟା ସୃଷ୍ଟି ହେବ। ଜରୁରୀ କାମରେ ବାହାରକୁ ଯିବାକୁ ଇଚ୍ଛା ନ ଥିଲେ ମଧ୍ୟ ବାଧ ହେବେ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡିପାରେ।

**ତୁଳା** ସ୍ୱାତୀନକ୍ଷତ୍ର କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ଦିଗ୍‌ଦର୍ଶନ ଦେଇ ପ୍ରଶଂସିତ ହେବେ। ଆବଶ୍ୟକତା ପୂରଣ ଲାଗି ଅର୍ଥ ଯୋଗାଡ଼ରେ ହଇରାଣ ହୋଇପାରନ୍ତି। ନୂତନ ଗାଡି, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର, ପୋଷାକପତ୍ର କିଣିବା ପାଇଁ ମନ ବଳାଇ ପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ବନ୍ଧୁଟି ଦୂରେଇ ଯିବାରୁ ମନରେ ସରସତା ରହିବ ନାହିଁ।

**ବିଛା** ଅନୁରାଧା ନକ୍ଷତ୍ରର ଅପୂରଣୀୟ ଅଭିଳାଷ ମାନସିକ ସ୍ତରକୁ ହଲ୍‌ଚଲ୍ କରିପାରେ। ଆଜି ନୂଆ କାମ ଆରମ୍ଭ ସାଙ୍ଗକୁ ଆନୁଷଙ୍ଗିକ ସହଯୋଗ ମଧ୍ୟ ପାଇଯିବେ। କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ବାଣିଜ୍ୟ, ସାମ୍ବାଦିକତା, ସାହିତ୍ୟଚର୍ଚ୍ଚା, ଆନୁଷ୍ଠାନିକ ଆଲୋଚନାକୁ ପୂରା କରିବେ।

**ଧନୁ** ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ଆଜି ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରର ଟେନ୍‌ସନ୍ ଦୂର ହେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଆଶା ପୂରଣ ମାନସରେ ଅନ୍ୟର ପ୍ରହେଳିକାପୂର୍ଣ୍ଣ କଥାରେ ପଡି ପଛରେ ଦୌଡିପାରନ୍ତି।

**ମକର** ନୂତନ ବନ୍ଧୁତା ସ୍ଥାପନ ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇରହିବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟମନସ୍କହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଧନିଷ୍ଠା ନକ୍ଷତ୍ର କଳା, ସାହିତ୍ୟ, କ୍ରୀଡ଼ାଦି ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କୁମ୍ଭ** ନିଜର ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ପାରିବାରିକ କ୍ଷେତ୍ରରେ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ପୂର୍ବଭାଦ୍ରପଦ ନକ୍ଷତ୍ର ପ୍ରଶାସନ, ଗବେଷଣା ଆଦିରେ ଆଶାନୁଯାୟୀ ଫଳ ପାଇବେ। ଈର୍ଷାପରାୟଣ ବ୍ୟକ୍ତି ପ୍ରତିଷ୍ଠାକୁ ସହି ନ ପାରି କଟୁ ମନ୍ତବ୍ୟ ଦେଇପାରନ୍ତି।

**ମୀନ** ଆଜି କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ହୋଇପାରେ। ପୁନଶ୍ଚ କାର୍ଯ୍ୟବ୍ୟସ୍ତତା ଯୋଗୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା ଓ ପରିବହନ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

ଆଜି ଫେବୃଆରୀ ୨୦ ତାରିଖ, ବିଶ୍ୱ ସାମାଜିକ ନ୍ୟାୟ ଦିବସ, ଫାଲଗୁନ କୃଷ୍ଣପକ୍ଷ ସପ୍ତମୀ ଯୁକ୍ତ ଅଷ୍ଟମୀ ଗୁରୁବାର, ରାଶିନକ୍ଷତ୍ର-ଦିବା ଘ.୦୧.୨୯ ମି. ପର୍ଯ୍ୟନ୍ତ ବିଶାଖା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ବିଦ୍ୟାରମ୍ଭ ଓ ପ୍ରତିଷ୍ଠାଦି ସକାଶେ ଶୁଭଦିନ। ସକାଳ ଘ.୦୬.୧୬ ଗତେ ଘ.୦୭.୪୮ ମଧ୍ୟେ, ଘ.୧୦.୫୧ ଗତେ ଘ.୦୧.୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୨୬ ଗତେ ଘ.୦୨.୫୨ ମଧ୍ୟେ ରାହୁ କାଳ।

# ବୁଣାକାରଙ୍କୁ ସଶକ୍ତ କରିବା ବର୍ତ୍ତମାନର ଆହ୍ୱାନ: ମନ୍ତ୍ରୀ ପ୍ରଦୀପ ବଳସାମନ୍ତ

## ୨୩ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ

### ୨୨୫ ଷ୍ଟଲ୍, ୧୫ କୋଟିର ବ୍ୟବସାୟ ଲକ୍ଷ୍ୟ

**ଭୁବନେଶ୍ୱର,୧୯।୨(ଅନୁରାଧା ମହାରଣା)** ଭୁବନେଶ୍ୱର ୟୁନିଟ-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ବୁଧବାର ୨୩ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଦୀପ କହିଛନ୍ତି, ହସ୍ତତନ୍ତ ଆମ ଗରିମାମୟ ଐତିହ୍ୟର ବାର୍ତ୍ତାବହ। ଏହା ଆମ ଅସ୍ମିତାର ନିଦର୍ଶନ। ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ହେଉଛି ବର୍ତ୍ତମାନ ସମୟର ଆହ୍ୱାନ। ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଲେ, ଉତ୍କୃଷ୍ଟ ବୟନ କଳାକୁ ବଞ୍ଚାଇ ରଖିବା ପାଇଁ ଅଧିକରୁ ଅଧିକ ଗ୍ରାହକ ଆଗେଇ ଆସି ବୁଣାକାରଙ୍କୁ ଉତ୍ସାହିତ କରିବା ଉଚିତ।

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପ୍ରଯୋଜନାରେ ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ (ବୟନିକା) ପକ୍ଷରୁ ଏହି ହସ୍ତତନ୍ତ ମେଳା ଏପ୍ରିଲ ୧ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ପୂର୍ବାହ୍ନ ୧୧ଟା ୩୦ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ଏଠାରୁ ଲୋକମାନେ ବିଶେଷ ରିହାତି ଦରରେ ମନପସନ୍ଦର ହାତତିଆରି ବସ୍ତ୍ର କିଣିପାରିବେ। ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ଖାଦ୍ୟ ଓ ପିଲାଙ୍କ ପାଇଁ ଖେଳକୁଦର ବ୍ୟବସ୍ଥା କରାଯାଇଛି। ଏବର୍ଷ ମୋଟ ୨୨୫ଟି ଷ୍ଟଲ ଖୋଲାଯାଇଥିବାବେଳେ ୧୫ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ବୟନିକା ଆଶା ରଖିଛି। ଏହି ପ୍ରଦର୍ଶନୀରେ ଓ ବିଭିନ୍ନ ଅଞ୍ଚଳର ଲୋକାଦୃତ ବୟନବସ୍ତ୍ର ସମ୍ବଲପୁରୀ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧି, ହାବସପୁରୀ ଆଦି ଉପଲବ୍ଧ ହେଉଛି। କରୁଣା ରେଶମ ବସ୍ତ୍ର ଲୋକଙ୍କୁ ଆକୃଷ୍ଟ କରୁଛି।

## ଟାରିଫ୍ ଉପରେ...

ପ୍ରଥମ ପୃଷ୍ଠାରୁ...

କରିବାର ଦିନକ ପରେ ଫକ୍ସ ନ୍ୟୁଜ୍‌କୁ ସାକ୍ଷାତ୍‌କାର ବେଳେ ଭାରତ ସହିତ ଆମେରିକାର ନୂଆ ଟାରିଫ୍ ନୀତିକୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ବିଲିୟନେୟାର ବିଜ୍‌ନେସମ୍ୟାନ୍ ଏଲନ୍ ମସ୍କଙ୍କ ସହ ଏକ ଟିଭି ଚ୍ୟାନେଲକୁ ମିଳିତ ଭାବେ ସାକ୍ଷାତ୍‌କାର ଦେଇ ଟ୍ରମ୍ପ୍ କହିଛନ୍ତି, ଭାରତକୁ ଆମେରିକାର ପାରସ୍ପରିକ ଟିକସ ବ୍ୟବସ୍ଥାରୁ ଆଦୌ ରିହାତି ମିଳିବ ନାହିଁ। ସେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅବଗତ କରାଇଥିବା ବିଷୟ ମଧ୍ୟ ଇଣ୍ଟରଭ୍ୟୁ ବେଳେ ସୂଚନା ଦେଇଛନ୍ତି। ଟ୍ରମ୍ପଙ୍କ କହିବା ହେଲା, ଆମେରିକା ଏବେ ଭାରତ ସମେତ ସବୁ ଦେଶ ସହ ସମାନ ବାଣିଜ୍ୟିକ ନୀତି ଆପଣାଇବ। ଭାରତରେ କେତେକ ଆମେରିକୀୟ ଉତ୍ପାଦ ଉପରେ ବିଶ୍ୱର ସବୁଠୁ ଅଧିକ ଟାରିଫ୍ ଲଗାଯାଉଛି। ବିଶେଷକରି ଅଟୋମୋବାଇଲ୍ ସେକ୍ଟରରେ ବିଦେଶୀ କାର୍‌ଗୁଡ଼ିକ ଉପରେ ଭାରତର ଟିକସ ୧୦୦% ରହିଛି।

ଭାରତ ଆମେରିକୀୟ ସାମଗ୍ରୀ ଉପରେ ଯେତିକି ଟିକସ ଲଗାଇବ ଆମେରିକା ମଧ୍ୟ ଅନୁରୂପ ଟିକସ ଲଗାଇବ ବୋଲି ମୋଦିଙ୍କୁ ଟ୍ରମ୍ପ୍ କହିଥିଲେ। ମୋଦି କହିଥିଲେ, ନା, ମୁଁ ଏହାକୁ ପସନ୍ଦ କରୁନାହିଁ। ଟ୍ରମ୍ପ୍ କହିଥିଲେ, ଆପଣ ଯେତିକି ଟିକସ କଷିବେ, ମୁଁ ମଧ୍ୟ ସେତିକି ଟିକସ କଷିବି। ଏହି ନୀତି ମୁଁ ସବୁ ଦେଶ ସହ ଲାଗୁ କରିବି। ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ମସ୍କ ସମର୍ଥନ କରି କହିଥିଲେ, ହଁ, ଭାରତ ଅଟୋ ଆମଦାନୀ ଉପରେ ୧୦୦% ଟାରିଫ୍ ଲଗାଉଛି। ଟ୍ରମ୍ପ୍ ମଧ୍ୟ ଏହାକୁ ଅତ୍ୟଧିକ ବୋଲି ଦୋହରାଇଥିଲେ। ରାଷ୍ଟ୍ରପତି ଟ୍ରମ୍ପ୍ ପୁଣି ଦୋହରାଇଥିଲେ, ଏଭଳି ଟାରିଫ୍ ଯୋଗୁ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ଭାରତରେ କାର୍ ବିକ୍ରି କରିବା ଅସମ୍ଭବ ହୋଇପଡ଼ିଛି। ଏହା ଆମେରିକୀୟ ଅର୍ଥନୀତି ପାଇଁ ଅନୁପଯୁକ୍ତ।

ଟ୍ରମ୍ପଙ୍କ ପ୍ରସ୍ତାବିତ ରେସିପ୍ରୋକାଲ ଟାରିଫ୍ ବ୍ୟବସ୍ଥାରେ ଆମେରିକା ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଭାରତ ଭଳି ଟିକସ ଲଗାଇବ। ଏହି ପ୍ରସଙ୍ଗରେ ତାଙ୍କ ସହ କେହି ଯୁକ୍ତି କରିପାରିବେ ନାହିଁ। 'ମୁଁ ଯଦି କହିବି ୨୫%, ତେବେ ସେମାନେ କହିବେ ଓ.. ତାହା ଭୟଙ୍କର। ତେଣୁ ମୁଁ କହୁଛି, ସେମାନେ ଯେତେ ଟିକସ ଲଗାଇବେ, ଆମେ ସେତେ ଟିକସ କଷିବୁ।' ଟ୍ରମ୍ପଙ୍କ ଏହି ଟିପ୍ପଣୀରୁ ବୈଶ୍ୱିକ ବାଣିଜ୍ୟରେ ଭାରତ ଓ ଆମେରିକା ମଧ୍ୟରେ ସମ୍ଭାବ୍ୟ ଲଢ଼େଇର ସଙ୍କେତ ମିଳିଛି।

ପ୍ରକାଶ ଯେ, ଭାରତୀୟ ଟାରିଫ୍‌କୁ ନେଇ ଏହା ଟ୍ରମ୍ପଙ୍କ ପ୍ରଥମ ନକାରାତ୍ମକ ମନ୍ତବ୍ୟ ନୁହେଁ। ଟ୍ରମ୍ପ୍ ନିଜ ପ୍ରଥମ କାର୍ଯ୍ୟକାଳରେ ମଧ୍ୟ (୨୦୧୯ ମେ'ରେ) ଭାରତର ଟିକସ ବ୍ୟବସ୍ଥାକୁ ସମାଲୋଚନା କରି ଭାରତଙ୍କୁ 'ଟାରିଫ୍ କିଙ୍ଗ୍' ଆଖ୍ୟା ଦେଇଥିଲେ। ମୋଦିଙ୍କ ସଦ୍ୟ ଆମେରିକା ଗସ୍ତ ବେଳେ ଉଭୟ ଦେଶ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦୩୦ ସୁଦ୍ଧା ଦ୍ୱିଗୁଣିତ କରି ୫୦୦ ନିୟୁତ ଡଲାରରେ ପହଞ୍ଚାଇବା ପାଇଁ ସହମତି ପ୍ରକାଶ କରିଛନ୍ତି। ଏଥିସହ ଚଳିତବର୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ପାଇଁ ମଧ୍ୟ ରାଜି ହୋଇଛନ୍ତି। ୨୦୨୪ରେ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୧୮.୨ ବିଲିୟନ୍ ଡଲାର ରହିଥିଲା। ଭାରତ ଆମେରିକାରୁ ୫,୭୪୯ ସାମଗ୍ରୀ ଆମଦାନୀ କରିଥିଲା, ଯାହାର ମୂଲ୍ୟ ୪୦.୭ ବିଲିୟନ୍ ଡଲାର ହେବ। ସେହିପରି ଆଲୋଚ୍ୟ ଆର୍ଥିକବର୍ଷରେ ଭାରତରୁ ଆମେରିକାକୁ ୭,୩୪୬ ସାମଗ୍ରୀ ରପ୍ତାନି କରାଯାଇଥିଲା, ଯାହାର ମୂଲ୍ୟ ୭୭.୫ ବିଲିୟନ୍ ଡଲାର ରହିଥିଲା।

## ସ୍କୁଲ ପାଚେରି...

କରି ଆମ୍ବୁଲାନ୍ସ ଯୋଗେ ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଡାକ୍ତର ତାଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର କୁମାର ରାଉତରାୟ ସ୍କୁଲରେ ଅନୁପସ୍ଥିତ ଥିଲାବେଳେ ଘଟଣା ବାବଦରେ ଖବର ପାଇ ସେଠାରେ ପହଞ୍ଚି ସାଇସ୍ୱରୂପଙ୍କୁ ନେଇ ଏସ୍‌ସିବି ମେଡିକାଲ ଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କଣ୍ଟାପଡ଼ା ଅତିରିକ୍ତ ତହସିଲଦାର ଆଦ୍ୟାଶା ପ୍ରିୟଦର୍ଶିନୀ ବଳ, କଣ୍ଟାପଡ଼ା ବିଡିଓ ସ୍ୱପ୍ନିତା ନାୟକ, କଟକ ସଦର ଉପଖଣ୍ଡ ଅଧିକାରୀ କିରଣ କୁମାର ହେମ୍ବ୍ରମ, ଗୋବିନ୍ଦପୁର ଥାନାଧିକାରୀ ସୋନାଲି ଆନନ୍ଦ ସଶସ୍ତ୍ର ପୋଲିସ ଫୋର୍ସ ସହ ବିଦ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସରକାରଙ୍କ ପକ୍ଷରୁ ଯାହା ସହାୟତା ଦିଆଯିବା କଥା ତାହା ପ୍ରଦାନ କରାଯିବ ବୋଲି ଅତିରିକ୍ତ ତହସିଲଦାର ବଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ ଜାରି ରଖିଥିଲେ। ସନ୍ଧ୍ୟାରେ ମୃତ ଛାତ୍ରଙ୍କ ବାପା ଶିଶିର ଭୋଇ ପାଚେରି ନିର୍ମାଣ କରିଥିବା ଠିକାଦାରଙ୍କ ଅବହେଳା ଯୋଗୁ ଏଭଳି ଘଟଣା ଘଟିଛି ବୋଲି ଗୋବିନ୍ଦପୁର ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଧାନ ଶିକ୍ଷକ ରାଉତରାୟ ଘଟଣା ବାବଦରେ କହିଛନ୍ତି, ଉକ୍ତ ପାଚେରି ୭ ବର୍ଷ ପୂର୍ବେ ନିର୍ମାଣ ହୋଇଥିବାବେଳେ ୨୦୨୧ ମସିହାରେ ତାହାର ମରାମତି ହୋଇଥିଲା। ବର୍ତ୍ତମାନ ବୋଧହୁଏ ତାହା ଦୁର୍ବଳ ହୋଇପଡ଼ିଥିଲା। ଫଳରେ ପାଚେରି ଭୁଷୁଡ଼ି ପଡ଼ି ଏପରି ଅଘଟଣ ଘଟିଥିବା ପ୍ରଧାନ ଶିକ୍ଷକ କହିଛନ୍ତି। ତେବେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ ସେ ସେଥିରେ ସହଯୋଗ କରିବେ ବୋଲି ସହମତି ଜଣାଇଛନ୍ତି।

## ସଙ୍ଗମ ଜଳ ପ୍ରଦୂଷଣ...

ସରକାର ଏକପ୍ରକାର ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। କେନ୍ଦ୍ରୀୟ ଏଜେନ୍ସିର ରିପୋର୍ଟକୁ ୟୁପି ସରକାର ଖଣ୍ଡନ କରିବା ପରେ ଉଭୟଙ୍କ ଆଭିମୁଖ୍ୟର ବିରୋଧାଭାସ ବର୍ତ୍ତମାନ ସାମ୍ନାକୁ ଆସିଛି। ସିପିସିବି ତଥ୍ୟ ଅନୁଯାୟୀ, ଜାନୁଆରୀ ୧୩ ତାରିଖ ସଙ୍ଗମ ଜଳରେ ଲିଟର ପିଛା ୩.୯୪ ମିଲିଗ୍ରାମ ବିଓଡି ରହିଥିଲା। ସେଥିରେ ସୁଧାର ଆସି ଜାନୁଆରୀ ୧୪ରେ ୨.୨୮ ମିଲିଗ୍ରାମକୁ ଖସିଥିଲା। ଏହାପରେ ଏହି ଜଳ ପ୍ରାୟତଃ ସ୍ନାନ ଉପଯୋଗୀ ସ୍ତରରେ ରହିନାହିଁ। କାରଣ ସଙ୍ଗମ ଜଳରେ ଲିଟର ପିଛା ବିଓଡି ଜାନୁଆରୀ ୧୬ରେ ୫.୦୯ ମିଲିଗ୍ରାମ, ୧୮ତାରିଖ(ଅପରାହ୍ନ ୫ଟା)ରେ ୪.୬ ମିଲିଗ୍ରାମ, ୧୯ ତାରିଖ(ସକାଳ ୮ଟା)ରେ ୫.୨୯ ମିଲିଗ୍ରାମ ରହିଥିଲା। ସେହିପରି ଜାନୁଆରୀ ୨୪ରେ ୪.୦୮ ମିଲିଗ୍ରାମ ଏବଂ ଜାନୁଆରୀ ୨୯ ମୌନୀ ଅମାବାସ୍ୟାରେ ସଙ୍ଗମ ଜଳରେ ବିଓଡି ଲିଟର ପିଛା ୩.୨୬ ମିଲିଗ୍ରାମ ରହିଥିଲା। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କୁ ସିପିସିବି ଏ ସଂକ୍ରାନ୍ତରେ ଏକ ରିପୋର୍ଟ ଗତ ଫେବୃଆରୀ ୩ରେ ପ୍ରଦାନ କରିଛି।

## ସିଇସି, ଇସି...

ସେ ନିବେଦନ କରିଥିଲେ। ସିଇସି ଏବଂ ଇସି ନିଯୁକ୍ତି କ୍ଷେତ୍ରରେ ୨୦୨୩ରେ ସାମ୍ବିଧାନିକ ପୀଠ ଦେଇଥିବା ରାୟର ଅନୁପାଳନ କରି ଏ ସମ୍ପର୍କିତ ପ୍ୟାନେଲରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ପରିବର୍ତ୍ତେ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ରଖାଯିବା ଉପରେ ପ୍ରଶାନ୍ତ ଭୂଷଣ ଆଇନଗତ ପ୍ରଶ୍ନ ଉଠାଇଥିଲେ। ତେବେ ଅପରାହ୍ନ ୩ଟାରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ, ଏହାର ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯିବାର ଆବଶ୍ୟକତା ଥିବାରୁ ହୋଲି ଛୁଟି ପରେ ବିଚାର କରାଯିବ।

ଅନ୍ୟପକ୍ଷେ ଫେବୃଆରୀ ୧୭ରେ କେନ୍ଦ୍ର ସରକାର ଇସି ଜ୍ଞାନେଶ କୁମାରଙ୍କୁ ପରବର୍ତ୍ତୀ ସିଇସି ନିଯୁକ୍ତ କରିଥିଲେ। ନୂଆ ଆଇନ ଅଧୀନରେ ସିଇସି ନିଯୁକ୍ତ ହେବାରେ ଜ୍ଞାନେଶ ହେଉଛନ୍ତି ପ୍ରଥମ, ଯାହାଙ୍କ କାର୍ଯ୍ୟକାଳ ୨୦୨୯ ଜାନୁଆରୀ ୨୬ରେ ଶେଷ ହେବ। ଏପରି କି ୨୦୨୯ ଲୋକ ସଭା ନିର୍ବାଚନ ମଧ୍ୟ ତାଙ୍କ ତତ୍ତ୍ୱାବଧାନରେ ହୋଇପାରେ। ସେହିପରି ୧୯୮୯ ବ୍ୟାଚ୍ ହରିୟାଣା କ୍ୟାଡର୍‌ର ଆଇଏଏସ୍ ଅଫିସର ବିବେକ ଯୋଶୀଙ୍କୁ ନିର୍ବାଚନ କମିଶନର ନିଯୁକ୍ତ କରାଯାଇଛି। ଯୋଶୀ ଏବଂ ବିବେକ ବୁଧବାର ନିଜ ଦାୟିତ୍ୱ ସମ୍ଭାଳିଛନ୍ତି। ସୁପ୍ରିମକୋର୍ଟ ଏହି ନିଯୁକ୍ତି ସମ୍ପର୍କିତ ଆବେଦନର ଶୁଣାଣି କରିବାକୁ ପୂର୍ବରୁ ସ୍ଥିର ହୋଇଥିବାବେଳେ ସରକାର ଏହା ପୂର୍ବରୁ ଜ୍ଞାନେଶଙ୍କୁ ନିଯୁକ୍ତି ଦେଇଥିବାରୁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହାକୁ ସମାଲୋଚନା କରିଛନ୍ତି। ସେପଟେ ଟିଏମ୍‌ସିର କ୍ରିଷ୍ଣାନଗର ଏମ୍‌ପି ମହୁଆ ମୋଇତ୍ର ୨୦୨୩ର ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଆଇନଜୀବୀ ତଲ୍‌ହା ଅବ୍‌ଦୁଲ ରହମାନ୍‌ଙ୍କ ଜରିଆରେ ସେ ନିଜ ପିଟିଶନ ଦାଖଲ କରିଛନ୍ତି। ଭାରତରେ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତାକୁ ଏହା ପ୍ରଭାବିତ କରୁଥିବାରୁ ସିଇସି ଏବଂ ଇସିଙ୍କ ନିଯୁକ୍ତି ସମ୍ପର୍କିତ ଆଇନର ସମୀକ୍ଷା କରାଯାଉ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି।

## ବିପର୍ଯ୍ୟୟ ମୁକାବିଲା...

ଅଧୀନରେ ରହିବ। ସେହିପରି ଆନ୍ଧ୍ରପ୍ରଦେଶ ପାଇଁ ୬୦୮.୦୮କୋଟି ଟଙ୍କା, ନାଗାଲାଣ୍ଡ ପାଇଁ ୧୭୦.୯୯କୋଟି ଟଙ୍କା, ତେଲଙ୍ଗାନା ପାଇଁ ୨୩୧.୭୫କୋଟି ଟଙ୍କା ଏବଂ ତ୍ରିପୁରା ପାଇଁ ୨୮୮.୯୩କୋଟି ଟଙ୍କା ରହିଛି। ଏହି ଅତିରିକ୍ତ ସହାୟତା ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡିଆରଏଫ)ରୁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥିବା ପାଣ୍ଠିଠାରୁ ଅଧିକ, ଯାହା ପୂର୍ବରୁ ରାଜ୍ୟମାନଙ୍କ ପାଇଁ ଉପଲବ୍ଧ ଅଛି। ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏସଡିଆରଏଫରୁ ୨୭ଟି ରାଜ୍ୟକୁ ୧୮,୩୨୨.୮୦ କୋଟି ଟଙ୍କା ଏବଂ ଏନଡିଆରଏଫରୁ ୧୮ଟି ରାଜ୍ୟକୁ ୪,୮୦୮.୩୦ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଏମଏଫ)ରୁ ୧୪ଟି ରାଜ୍ୟକୁ ୨,୨୦୮.୫୫ କୋଟି ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଏମଏଫ)ରୁ ୮ଟି ରାଜ୍ୟକୁ ୭୧୯.୭୨ କୋଟି ଟଙ୍କା ପ୍ରଦାନ କରିଛନ୍ତି।

## ରେଖା ଗୁପ୍ତା...

ନ ଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରେ କ୍ଷମତାସୀନ ହେବାରେ ରେଖା ହେଉଛନ୍ତି ଏକମାତ୍ର ମୁଖ୍ୟମନ୍ତ୍ରୀ। ଏହି ୫୦ ବର୍ଷୀୟ ନେତ୍ରୀ ଶାଲିମାରବାଗ୍ ଆସନରେ ଆପ୍ ପ୍ରାର୍ଥୀ ବନ୍ଦନା କୁମାରଙ୍କୁ ୨୯,୦୦୦ରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ହରାଇଥିଲେ। ସେ ଖୁବ୍‌ଶୀଘ୍ର ଏଲ୍‌ଜି ଭି.କେ. ସାକ୍ସେନାଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇବେ ବୋଲି ଜଣାପଡ଼ିଛି।

କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରବିଶଙ୍କର ପ୍ରସାଦ ଏବଂ ଓ.ପି. ଧନକରଙ୍କ ଉପସ୍ଥିତିରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ଭାଜପାର ସମସ୍ତ ୪୮ ନବନିର୍ବାଚିତ ବିଧାୟକ ସାମିଲ ଥିଲେ। ଦଳର ବରିଷ୍ଠ ନେତା ପରଭେଶ ବର୍ମା, ବିଜେନ୍ଦ୍ର ଗୁପ୍ତା ଓ ସତୀଶ ଉପାଧ୍ୟାୟ ମୁଖ୍ୟମନ୍ତ୍ରୀ ପଦ ପାଇଁ ରେଖାଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଫେବୃଆରୀ ୮ରେ ନିର୍ବାଚନ ଫଳ ପ୍ରକାଶ ପାଇଥିଲେ ମଧ୍ୟ ଏହାର ୧୧ ଦିନ ପରେ ମୁଖ୍ୟମନ୍ତ୍ରୀ ଚୟନ କରିବାରେ ବିଳମ୍ବକୁ ନେଇ ଆପ୍ ପକ୍ଷରୁ ସମାଲୋଚନା କରାଯାଇଛି।

# ବର୍ଷକୁ ୨ଥର ସିବିଏସ୍‌ଇ ୧୦ମ ବୋର୍ଡ ପରୀକ୍ଷା

## ୨୦୨୬-୨୭ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ

**ଭୁବନେଶ୍ୱର,୧୯।୨ (ସୁଚିସ୍ମିତା ସାହୁ)**

ଛାତ୍ରୀଛାତ୍ରଙ୍କ ମନରେ ପରୀକ୍ଷା ଚାପ କମାଇବାକୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ବଡ଼ ପଦକ୍ଷେପ ନେବାକୁ ଯାଉଛି। ବର୍ଷକୁ ଦୁଇଟି ପର୍ଯ୍ୟାୟରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ଏନେଇ ସିବିଏସ୍‌ଇ ପକ୍ଷରୁ ବୁଧବାର ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ସିବିଏସ୍‌ଇର ଏହି ନୂତନ ବ୍ୟବସ୍ଥା ୨୦୨୬-୨୭ ଶିକ୍ଷାବର୍ଷରୁ ଏକକାଳୀନ ଲାଗୁ କରାଯିବାର ଯୋଜନା ରହିଛି। ଏହାଦ୍ୱାରା ବୋର୍ଡ ପରୀକ୍ଷାରେ ଛାତ୍ରୀଛାତ୍ର ଉତ୍ତମ ପ୍ରଦର୍ଶନ କରିବାକୁ ସୁଯୋଗ ପାଇବେ ଓ ସେମାନଙ୍କ ଦକ୍ଷତାଭିତ୍ତିକ ମୂଲ୍ୟାଙ୍କନ ସମ୍ଭବ ହେବ ବୋଲି କୁହାଯାଇଛି। ଏଥିସହିତ ବିଦେଶରେ ଥିବା ୨୬୦ଟି ସ୍କୁଲ ନିମନ୍ତେ ସିବିଏସ୍‌ଇ ବୈଶ୍ୱିକ ପାଠ୍ୟକ୍ରମ ମଧ୍ୟ ଲାଗୁ କରିବ। ଏହି ନୂତନ ବ୍ୟବସ୍ଥା ଚାପମୁକ୍ତ ଶିକ୍ଷା ପରିବେଶ ସୃଷ୍ଟି ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଶିକ୍ଷା ମନ୍ତ୍ରାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ସିବିଏସ୍‌ଇ, ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି), କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍) ଏବଂ ନବୋଦୟ ବିଦ୍ୟାଳୟ ସମିତି (ଏନ୍‌ଭିଏସ୍)ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି କେତେକ ପ୍ରସ୍ତାବିତ ଯୋଜନା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ପ୍ରସ୍ତାବିତ ଯୋଜନା ସମ୍ବନ୍ଧରେ ୨୪ ତାରିଖ ସୋମବାର ଜନମତ ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ରହିଛି।

ମନ୍ତ୍ରାଳୟର ଜଣେ ଅଧିକାରୀ କହିଛନ୍ତି ଯେ, ୱାନ୍-ଟାଇମ (ବର୍ଷକରେ ଥରେ) ବୋର୍ଡ ପରୀକ୍ଷାକୁ ନେଇ ଛାତ୍ରୀଛାତ୍ର ଅତ୍ୟନ୍ତ ଚାପରେ ରହୁଛନ୍ତି। ଗୋଟିଏ ଥରରେ ସର୍ବାଧିକ ଅଙ୍କ ଲାଭ କରିବା ଜନିତ ପ୍ରବଳ ଚାପରୁ ଛାତ୍ରୀଛାତ୍ରଙ୍କୁ ମୁକ୍ତ କରି ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ନିମନ୍ତେ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ବର୍ଷକୁ ଦୁଇଥରରେ କରାଇବାକୁ ନିଷ୍ପତ୍ତି ହୋଇଛି। ଏକାଧିକ ସୁଯୋଗ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନର ଏକ ସୁବିଧାଜନକ ପରିବେଶ ପ୍ରଦାନ କରିବା ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ ରହିଛି। ପିଲାମାନେ ଅଧିକ ଅଙ୍କ ଲାଭ କରିବା ଆଶାରେ ବାରମ୍ବାର ପଢ଼ି ପାଠ ମୁଖସ୍ଥ କରିବା ପରିବର୍ତ୍ତେ ବିଷୟଗୁଡ଼ିକୁ ବୁଝିବା ପରେ ମନେ ରଖିବେ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିରେ ପାରମ୍ପରିକ ସାରାଂଶ ଭିତ୍ତିକ ମୂଲ୍ୟାଙ୍କନ ପରିବର୍ତ୍ତେ ଦକ୍ଷତା ଭିତ୍ତିକ ମୂଲ୍ୟାଙ୍କନକୁ ପ୍ରାଧାନ୍ୟ ପୂର୍ବକ ଗଠନମୂଳକ ଶିକ୍ଷା ଓ ଦକ୍ଷତା ବୃଦ୍ଧି ଉପରେ ଦୃଷ୍ଟିନିବଦ୍ଧ କରାଯାଇଛି। ବିଦ୍ୟାର୍ଥୀମାନେ ବୌଦ୍ଧିକ ବିକାଶର ଲକ୍ଷ୍ୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏକାଧିକଥର ପରୀକ୍ଷା ଦେବାର ସୁଯୋଗ ପ୍ରଦାନ ନେଇ ଆମେରିକାରେ ପ୍ରଚଳିତ ଏସ୍‌ଏଟି ବ୍ୟବସ୍ଥା ସହିତ ଏହି ବ୍ୟବସ୍ଥା ପ୍ରାୟ ସମାନ। ପରୀକ୍ଷା ଦେବାର ଏକାଧିକ ସୁଯୋଗ ମିଳିବା ଦ୍ୱାରା ବିଭିନ୍ନ ପୃଷ୍ଠଭୂମିରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ନିଜର ଦକ୍ଷତା ପ୍ରମାଣିତ କରିବାର ଉଚିତ ସୁଯୋଗ ମିଳିପାରିବ। ଏହି ପ୍ରଗତିଶୀଳ ମଲ୍ୟାଙ୍କନ ମଡେଲର ସଫଳ ପ୍ରଣୟନ ନିମନ୍ତେ ସିବିଏସ୍‌ଇ ପକ୍ଷରୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଲୋକଙ୍କ ପାଖକୁ ଯିବୁ: ଭକ୍ତ ଦାସ



ପିପିଲିଠାରେ ବୁଧବାର କଂଗ୍ରେସ ସଂକଳ୍ପ ଯାତ୍ରାରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ଦଳୀୟ ନେତୃବୃନ୍ଦ।

**ପିପିଲି,୧୯।୨(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)**

### କଂଗ୍ରେସର ସଙ୍କଳ୍ପ ଯାତ୍ରା

ପିପିଲିରେ ବୁଧବାର କଂଗ୍ରେସର ସଂକଳ୍ପ ପଦଯାତ୍ରାକୁ ଭବ୍ୟ ସ୍ୱାଗତ କରାଯାଇଛି। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର, ପୁରୀ ଜିଲ୍ଲା ସଭାନେତ୍ରୀ ନିରୁପମା ପାତ୍ର, ବରିଷ୍ଠ ନେତା ପ୍ରସାଦ ହରିଚନ୍ଦନ, ଜ୍ଞାନ ପଟ୍ଟନାୟକ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର ତାରାପ୍ରସାଦ ବାହିନୀପତି ଏବଂ ସୁରେଶ ରାଉତରାୟଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ବିଭିନ୍ନ ବର୍ଗର ଲୋକେ ଏହି ପଦଯାତ୍ରାରେ ସାମିଲ ହୋଇଛନ୍ତି। ଉତ୍ତରା ଛକଠାରେ କଂଗ୍ରେସ କର୍ମୀମାନେ ସଭାପତି ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ମଙ୍ଗଳବାର ପିପିଲି କ୍ରିଷ୍ଣାଗାର୍ଡେନ ପର୍ଯ୍ୟନ୍ତ ସଂକଳ୍ପ ଯାତ୍ରା ଆସିବା ପରେ ବୁଧବାର ସକାଳୁ ପୁରୀ ଅଭିମୁଖେ ବାହାରିଥିଲା। ଏହି ଅବସରରେ ପିପିଲି ବଜାରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପିସିସି ସଭାପତି ଦାସ କହିଛନ୍ତି, ତୃଣମୂଳ ସ୍ତରରେ ସାଧାରଣ ଲୋକଙ୍କ ସହ ଯୋଡ଼ି ହେବ ଏହି ଯାତ୍ରା। କଂଗ୍ରେସ ଏକଜୁଟ ହେବ ଏବଂ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ ଜାରି ରଖିବ। ସେଥିପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରି କଂଗ୍ରେସ ଲୋକଙ୍କ ପାଖକୁ ଯିବ ବୋଲି ଦାସ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇ ରାତିରେ ପିପିଲିରେ ପହଞ୍ଚିଥିଲା। ସେଠାରେ ରାତ୍ର ରହଣି ପରେ ବୁଧବାର ସକାଳୁ ପୁଣି ପଦଯାତ୍ରା ଆରମ୍ଭ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଢିଙ୍କି ପେଟ ତଳେ ଗାତ,**
**ଧରିଥିଲି ସୁନା ଫୁଲିଆ ହାତ;**
**ଟେକା ପାଣି ଟେକା ଭାତ ।**

ବାହାସାହା ହୋଇ ଘରକୁ ଆଣିଥିବା ଘରଣୀ ଆଦୌ କର୍ମ କୁଶଳତା ନୁହେଁ। ଭଲକୁ ଆଶରା କରି ଭେଲ। ଘରକୁ ଘରଣୀ ଆସିଲେ ମନ ଜାଣି ରାନ୍ଧି ବାଢି ପରଷି ଦେବ ବୋଲି ଆଶା ରଖିଥିବା ସ୍ୱାମୀ ନିଜର ଆଶା ଆଶାରେ ରହିଯାଉଥିବା ଦେଖି ମନ ଉଣା କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢିଙ୍କିଶାଳରେ ଢେଙ୍କାନାଳ ଚିନ୍ତା।**

ସ୍ଥାନ ଦେଖି କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯିବା ହିଁ ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଏପରିସ୍ଥିତିରେ ଆସ୍ଥାନ ଓ ଅସମୟରେ ଅପ୍ରାସଙ୍ଗିକ ବିଷୟ ଆଲୋଚନା କରାଯିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରାଜ୍ୟରେ ୪୮ଲକ୍ଷ ୬୫ହଜାର ୮୫୦ ଚାଷୀ ଅଛନ୍ତି

**ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)**

ରାଜ୍ୟରେ ୪୮ଲକ୍ଷ ୬୫ହଜାର ୮୫୦ଜଣ ଚାଷୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୯ଲକ୍ଷ ୫ହଜାର ୧୮୪ ଭାଗଚାଷୀ, ୮ଲକ୍ଷ ୮୭ହଜାର ୨୭୨ଜଣ କ୍ଷୁଦ୍ର ଚାଷୀ ଓ ୩୬ଲକ୍ଷ ୩୬ହଜାର ୬୫୮ଜଣ ନାମମାତ୍ର ଚାଷୀ ରହିଛନ୍ତି। ରାଜ୍ୟରେ ପ୍ରଧାନମନ୍ତ୍ରୀ କିଷାନସମ୍ମାନନିଧି ଯୋଜନାରେ ଅକ୍ଟୋବର ୨୦୨୪ ସୁଦ୍ଧା ୩୧ଲକ୍ଷ ୫୧ହଜାର ୭୦୦ଚାଷୀ ଉପକୃତ ହୋଇଛନ୍ତି। ଏ ନେଇ ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ ଶକ୍ତି ମନ୍ତ୍ରୀ କେଭି ସିଂ ଦେଓ ଲିଖିତ ଉତ୍ତର ରଖିଛନ୍ତି। ସେହିଭଳି ସିଏମ୍ କିଷାନ ଯୋଜନାରେ ୪୫ଲକ୍ଷ ୫୭ହଜାର ୭୩୩ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩୯ହଜାର ୩୦୩ ଭୂମିହୀନ କୃଷି ପରିବାର ଉପକୃତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀ ଖରିଫ ଋତୁରେ ୧୫ ଲକ୍ଷ ୧୭ ହଜାର ଚାଷୀ ଓ ରବି ଋତୁରେ ୧ ଲକ୍ଷ ୮୩ ହଜାର ଚାଷୀ ପଞ୍ଜୀକରଣ କରିଥିବା ଉପମୁଖ୍ୟମନ୍ତ୍ରୀ ସିଂଦେଓ ସୂଚନା ଦେଇଛନ୍ତି।

## ୫ବର୍ଷରେ ୩୬ ସୁନା ବ୍ୟବସାୟୀ ଓଜନ ମାପ ଠକେଇରେ ଧରାପଡ଼ିଛନ୍ତି

**ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)**

ଗତ ୫ବର୍ଷରେ ୩୬ଜଣ ସୁନା ବ୍ୟବସାୟୀ ଓଜନ ମାପ ଠକେଇରେ ଧରାପଡିଛନ୍ତି। ସେମାନଙ୍କଠାରୁ ୪ଲକ୍ଷ ୯୭ହଜାର ୫୦୦ଟଙ୍କାର ଜରିମାନା ଆଦାୟ ହୋଇଥିବା ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବୁଧବାର ବିଧାନସଭାରେ ବିଜେଡ଼ି ବିଧାୟକ ପ୍ରଶାନ୍ତ ବେହେରା ପ୍ରଶ୍ନ ରଖିଥିଲେ ଯେ, ଗତ ୫ବର୍ଷରେ କେଉଁ ସୁନା ଗହଣା ଦୋକାନରେ ମାନକ ଓ ମାପକରେ ତ୍ରୁଟି ଧରାଯାଇଛି ଏବଂ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉତ୍ତରରେ ମନ୍ତ୍ରୀ ପାତ୍ର ଏହି ତଥ୍ୟ ରଖିଥିଲେ। ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ସେ କହିଛନ୍ତି, ୮ଜଣ ବଡ଼ ବ୍ୟବସାୟୀ ନକଲି ହଲ୍‌ମାର୍କରେ ସୁନା ବିକ୍ରି କରୁଥିବା ଅଭିଯୋଗରେ ଧରାପଡିଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ଲାଇସେନ୍ସ ବାତିଲ କରାଯାଇଛି ଓ ଜଣଙ୍କ ବିରୋ:ଧରେ ଠକେଇ ମାମଲା ରୁଜୁ କରାଯାଇଛି।

## ଗୃହ ଚଳାଇ ନ ଦେଲେ କାର୍ଯ୍ୟାନୁଷ୍ଠାନ: ବାଚସ୍ପତି

**ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)**

ବିଧାନସଭା ଅଧିବେଶନ ଆରମ୍ଭ ଦିନଠାରୁ ବିଭିନ୍ନ ପ୍ରସଙ୍ଗରେ ବାରମ୍ବାର ଗୃହ ମୁଲତବୀ ହେଉଛି। ବିରୋଧୀମାନେ ହଟ୍ଟଗୋଳ କରିବା ସହ ବାଚସ୍ପତିଙ୍କ ପୋଡିୟମ୍ ନିକଟକୁ ମାଡି ଆସୁଛନ୍ତି। ବୁଧବାର ମଧ୍ୟ ଗୃହରେ ସମାନ ଅବସ୍ଥା ଦେଖାଦେଇଥିଲା। ତେଣୁ ଏହାକୁ ଗମ୍ଭୀରତାର ସହ ନେଇ ବିରୋଧ ପ୍ରଦର୍ଶନ କରୁଥିବା ସଦସ୍ୟଙ୍କୁ ଚେତାବନୀ ଦେଇଛନ୍ତି ବାଚସ୍ପତି ସୁରମା ପାଢ଼ୀ। ଯଦି ଗୃହ କାର୍ଯ୍ୟକୁ ସମ୍ମାନ ନ ଦେବେ, ତେବେ ମୁଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହେବି। ଏପରିକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଚସ୍ପତି କହିଛନ୍ତି।




# ଏସ୍‌ସିବି ମେଡିକାଲ: ସାଇକେଲରେ ବୁହାହେଲେ ରୋଗୀ

**କଟକ,୧୯।୨(ଶିଳ୍ପା ପ୍ରିୟଦର୍ଶିନୀ)**

### ମିଳିଲାନି ବ୍ୟାଟେରି ଗାଡ଼ି

ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ରୋଗୀଙ୍କୁ ମିଳୁନି ବ୍ୟାଟେରି ଗାଡ଼ି ସୁବିଧା। ଫଳରେ ସାଇକେଲରେ ରୋଗୀଙ୍କୁ ବୁହାଯାଉଛି। ବୁଧବାର ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଘଟଣା ପୁଣି ଏସ୍‌ସିବିରେ ରୋଗୀଙ୍କୁ ସେବା ଯୋଗାଇଦେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନରେ ଢେଙ୍କାନାଳ ଅଞ୍ଚଳର ଜନୈକ ମହିଳାଙ୍କ ପେଟରେ ଯନ୍ତ୍ରଣା ହେବାରୁ ସେ ଏସ୍‌ସିବି ଆସିଥିଲେ। ମେଡିସିନ୍ ବିଭାଗରେ ଦେଖାଇବା ପରେ ଡାକ୍ତରଙ୍କ ପରାମର୍ଶ ମୁତାବକ ଅଲଟ୍ରାସାଉଣ୍ଡ କରାଇବା ପାଇଁ ରଞ୍ଜନରଶ୍ମି ବିଭାଗକୁ ଯାଇଥିଲେ। ସେଠାରେ ଅଲଟ୍ରାସାଉଣ୍ଡ କରାଇବା ପରେ ଆଉ ଗୋଟିଏ ବିଭାଗକୁ ଯିବା ପାଇଁ ମହିଳାଙ୍କ ସମ୍ପର୍କୀୟ ବ୍ୟାଟେରି ଗାଡ଼ିକୁ ଯୋଗାଯୋଗ କରିଥିଲେ ମଧ୍ୟ ଗାଡ଼ି ଆସି ନ ଥିଲା। ଫଳରେ ତାଙ୍କ ପୁଅ ବାଧହୋଇ ତାଙ୍କୁ ସାଇକେଲରେ ବସାଇ ନେଇଥିଲେ। ସମ୍ପୃକ୍ତ ମହିଳାଙ୍କ ପୁଅ ମାନସ ନାୟକ ଅଭିଯୋଗ କରିଛନ୍ତି ଯେ, ଏସ୍‌ସିବିରେ ସମସ୍ତ ସୁବିଧା ମିଳିବା ନେଇ ପ୍ରଚାର କରାଯାଉଛି, କିନ୍ତୁ ପ୍ରକୃତ ପକ୍ଷେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ମେଡିକାଲରେ କୌଣସି ସୁବିଧା ମିଳୁନାହିଁ। ଅନ୍ୟପକ୍ଷରେ ଏ ନେଇ ମେଡିକାଲ କୁଳସଚିବ ସୁବାସ ରାୟଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଉଲ୍ଲେଖ ଥାଉକି, ଏସ୍‌ସିବି ମେଡିକାଲରେ ପ୍ରଥମେ ୮ଟି ବ୍ୟାଟେରି ଗାଡ଼ି ଥିଲା। ତନ୍ମଧ୍ୟରେ ୫ଟି ଷ୍ଟ୍ରେଚର ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ସହ ଦୁଇଜଣ ଆଟେଣ୍ଡାଣ୍ଟ, ୨ଟି ସିଟିଂ ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ଓ ଜଣେ ଆଟେଣ୍ଡାଣ୍ଟ ଏବଂ ଗୋଟିଏ ଔଷଧ ଯୋଗାଣ ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ସହ ୨ଜଣ ଆଟେଣ୍ଡାଣ୍ଟ କାର୍ଯ୍ୟରତ ରହିଛନ୍ତି। ନାଲ୍‌କୋ ପକ୍ଷରୁ ଏହି ବ୍ୟାଟେରି ଗାଡ଼ି ମେଡିକାଲକୁ ପ୍ରଦାନ କରାଯାଇଥିଲା। ତେବେ ୮ଟି ଗାଡ଼ି ଯଥେଷ୍ଟ ହେଉ ନ ଥିବାରୁ ଉକ୍ତ କମ୍ପାନୀ ମେଡିକାଲକୁ ଆଉ ୪ଟି ଗାଡ଼ି ଗତବର୍ଷ ଜାନୁଆରୀ ପ୍ରଥମ ସପ୍ତାହରେ ଯୋଗାଇଦେଇଛି। ଫଳରେ ମୋଟ ବ୍ୟାଟେରି ଗାଡ଼ି ସଂଖ୍ୟା ୧୨ରେ ପହଞ୍ଚିଛି।

# କାର୍‌ରେ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି ରାଧାଗୋବିନ୍ଦ

**କଟକ,୧୯।୨ (ଶିଳ୍ପା ପ୍ରିୟଦର୍ଶିନୀ)**

### ୨୫ ହଜାର କି.ମି. ଅତିକ୍ରମ କରିସାରିଲେଣି

ମୁମ୍ବାଇ ବାସିନ୍ଦା ଆଇନଜୀବୀ ରାଧାଗୋବିନ୍ଦ (୩୭) ବିବେକାନନ୍ଦ ଜ୍ଞାନ ଜ୍ୟୋତି ଯାତ୍ରା ଆରମ୍ଭ କରିଛନ୍ତି। ନିଜ ପୁଅ ସାହେଜ ଚିଓ୍ଵା(୮)ଙ୍କ ସହ ସେ ଗତବର୍ଷ ଅଗଷ୍ଟ ୧୫ରୁ ଦିଲ୍ଲୀରୁ ଏହି ଯାତ୍ରାର ଶୁଭାରମ୍ଭ କରିଥିବାବେଳେ ଏପର୍ଯ୍ୟନ୍ତ ୨୦ଟି ରାଜ୍ୟ ବୁଲି ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଇଛନ୍ତି। ଏହି କ୍ରମରେ ବୁଧବାର ଅପରାହ୍ନରେ ରାଧାଗୋବିନ୍ଦ ପୁଅ ସହ କଟକ ଓଡ଼ିଆବଜାରସ୍ଥିତ ନେତାଜୀ ସଂଗ୍ରହାଳୟରେ ପହଞ୍ଚିଥିଲେ। ସଂଗ୍ରହାଳୟ ପରିଦର୍ଶନ କରିବା ପରେ ପୁନର୍ବାର ଯାତ୍ରା ଆରମ୍ଭ କରିଛନ୍ତି। ନିଜର କାର୍ ଯୋଗେ ଅଦ୍ୟାବଧି ସେ ପ୍ରାୟ ୨୫ହଜାର କିଲୋମିଟର ଅତିକ୍ରମ କରିସାରିଲେଣି। ନିଜ କାର୍‌ରେ ସଚେତନତା ବାର୍ତ୍ତା ମଧ୍ୟରେ 'ବେଟି ବଚାଓ ବେଟି ପଢ଼ାଓ', ଜିରୋ ପ୍ଲାଷ୍ଟିକ୍, ସେଭ୍ ନେଚର୍ ଆଣ୍ଡ ଆନିମଲ, ସେଭ୍ ଆର୍ଥ ଭଳି ପ୍ଲାକାର୍ଡ ସମେତ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋ ଲଗାଇଛନ୍ତି। ରାଧାଗୋବିନ୍ଦ କହିଛନ୍ତି, ନିଜ ସଞ୍ଚିତ ଅର୍ଥରୁ ୨୦୨୪ ଅଗଷ୍ଟ ୧୫ରେ ଏହି ସଚେତନତା ଯାତ୍ରା ଆରମ୍ଭ କରିଥିଲି। ୨୦୨୫ ଅଗଷ୍ଟ ୧୫ରେ ଦିଲ୍ଲୀରେ ଯାତ୍ରା ଶେଷ କରିବାକୁ ଲକ୍ଷ୍ୟ ରଖିଛି। ପ୍ରାୟ ୫୦ ହଜାର କିଲୋମିଟର ଅତିକ୍ରମ କରିବାର ଲକ୍ଷ୍ୟ ରହିଛି। ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ସଚେତନ କରାଉଛି। ନେତାଜୀ ସଂଗ୍ରହାଳୟ ପରିଦର୍ଶନ ଅବସରରେ କ୍ୟୁରେଟର ଅରୁନ୍ଧତୀ ମିଶ୍ରଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।




ନେତାଜୀ ସଂଗ୍ରହାଳୟ ପରିଦର୍ଶନ ଅବସରରେ ପୁତ୍ର ସାହେଜ ଚିଓ୍ଵାଙ୍କ ସହିତ ଆଇନଜୀବୀ ରାଧାଗୋବିନ୍ଦ।

# ବିଜୁଳି, ଘଡ଼ଘଡ଼ି: କୁଆପଥର ବର୍ଷା

### କାଳବୈଶାଖୀ ନେଇ ୨୫ ତାରିଖ ଯାଏ ସତର୍କତା

**ଭୁବନେଶ୍ୱର,୧୯।୨ (ଅନୁରାଧା ମହାରଣା)**

ରାଜ୍ୟର ବିଭିନ୍ନ ଜିଲାରେ ବୁଧବାର ବିଜୁଳି ଘଡଘଡି ସହ ବର୍ଷା ଆରମ୍ଭ ହୋଇଛି। କିଛି ସ୍ଥାନରେ ୪୦ରୁ ୫୦କି.ମି. ବେଗରେ ପବନ ବହିବା ସହ କୁଆପଥର ବର୍ଷା ହୋଇଛି। ବାଲେଶ୍ୱରରେ ସର୍ବାଧିକ ୧୭.୬ ମି.ମି. ବର୍ଷା ରେକର୍ଡ ହୋଇଥିବାବେଳେ ଏହା ତଳକୁ ମୟୂରଭଞ୍ଜ ଜିଲାର ବାରିପଦାରେ ୩.୮ ମି.ମି ବର୍ଷା ହୋଇଛି। ଏଥିସହ ମୟୂରଭଞ୍ଜର ବିଭିନ୍ନ ସ୍ଥାନ ସମେତ କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା, ଗଞ୍ଜାମ, ସମ୍ବଲପୁର, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଜିଲାରେ ମଧ୍ୟ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକାରୁ ତେଲେଙ୍ଗାନା ଯାଏ ସମୁଦ୍ର ପତନଠାରୁ ବାୟୁମଣ୍ଡଳର ୦.୯ କିମି ଉଚ୍ଚରେ ସୃଷ୍ଟି ନିମ୍ନଚାପରେଖା ପ୍ରଭାବରେ ୨୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ କାଳବୈଶାଖୀ ଭୟ ରହିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଜାରି କରିଛି। ଗୁରୁବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଆଦି ଜିଲାରେ ବିଜୁଳି ଘଡ଼ଘଡ଼ି ସହ ୪୦ରୁ ୫୦ କି.ମି. ବେଗରେ ପବନ ବହିବାର ଆଶଙ୍କା ରହିଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ କଟକ ଆଦି ଜିଲାର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଥିବାରୁ ୟେଲୋ ୱାର୍ନିଂ ଦିଆଯାଇଛି। ୨୧ ତାରିଖ ବେଳକୁ ବର୍ଷା ଓ ଘଡ଼ଘଡ଼ିର ପ୍ରଭାବ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି।

# ଆଲୋଜେନିକ୍ ପଦ୍ଧତିରେ ଅଲିଜାଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ ସଫଳ

**କଟକ,୧୯।୨ (ଶିଳ୍ପା ପ୍ରିୟଦର୍ଶିନୀ)**

- ଏସ୍‌ସିବି ମେଡିକାଲ: ଶିଶୁରୋଗୀଙ୍କ କ୍ଷେତ୍ରରେ ପ୍ରଥମ
- ସାନ ପାଇଁ ବଡ଼ଭଉଣୀ ଦାନ କଲେ ଷ୍ଟେମ୍‌ସେଲ୍

ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ସଫଳତା ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ରକ୍ତକର୍କଟ ପୀଡ଼ିତା ୨ବର୍ଷୀୟା ଅଲିଜା ନାଜ୍‌ଙ୍କ ଶରୀରରେ ଆଲୋଜେନିକ୍ ପଦ୍ଧତିରେ ସଫଳତାର ସହ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଛି। ଝାଡଖଣ୍ଡ ଧାନ୍‌ବାଦ ଅଞ୍ଚଳର ଶାହରୁଖ ଅଂଶାରୀଙ୍କ ଝିଅ ଅଲିଜାଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଥିବାବେଳେ ବଡ଼ ଭଉଣୀ ୪ବର୍ଷୀୟା ଆତିଫା ନାଜ୍ ତାଙ୍କୁ ଷ୍ଟେମ୍‌ସେଲ୍ ଦାନ କରିଥିଲେ। ପ୍ରତିରୋପଣ ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଆଗାମୀ ୭ଦିନ ମଧ୍ୟରେ ସେମାନଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ବୁଧବାର ମେଡିକାଲ ପକ୍ଷରୁ ସୂଚନା ମିଳିଛି।


ସୂଚନା ଅନୁଯାୟୀ, ଅଲିଜା ଗତବର୍ଷ ଜୁଲାଇ ୩ରେ ଜାମସେଦ୍‌ପୁରସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସମସ୍ତ ପରୀକ୍ଷାନିରୀକ୍ଷା ପରେ ଅଲିଜା ଆକ୍ୟୁଟ୍ ମାଇଲଏଡ୍ ଲ୍ୟୁକୋମିଆ ବା ଏକପ୍ରକାର ରକ୍ତ କର୍କଟ ରୋଗରେ ପୀଡ଼ିତ ଥିବାବେଳେ ତାହା ହାଇରିସ୍କ କାଟାଗୋରିରେ ଥିବା ନେଇ ଡାକ୍ତର କହିଥିଲେ। ଅଲିଜାଙ୍କ ପରିବାର ଲୋକଙ୍କୁ ଆଲୋଜେନିକ୍ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ କରାଇବାକୁ ଡାକ୍ତର ପରାମର୍ଶ ଦେବା ସହ ଉପଯୁକ୍ତ ଷ୍ଟେମ୍‌ସେଲ ଦାତା ଚିହ୍ନଟ କରିବାକୁ କହିଥିଲେ। ପରେ ଅଲିଜାଙ୍କ ବଡ଼ଭଉଣୀ ଆତିଫାଙ୍କ ଷ୍ଟେମ୍‌ସେଲ୍ ଦେବାକୁ ପରିବାର ଲୋକେ ସମ୍ମତି ପ୍ରକାଶ କରିଥିଲେ। ଟାଟା ମେମୋରିଆଲ ହସ୍ପିଟାଲରେ ଆତିଫା ଏବଂ ଅଲିଜାଙ୍କ ହ୍ୟୁମାନ୍ ଲିକୋସାଇଟିକ୍ ଆଣ୍ଟିଜେନ (ଏଚ୍‌ଏଲ୍‌ଏ) ପରୀକ୍ଷା କରାଯାଇଥିବା ବେଳେ ତାହା ୧୦୦ ପ୍ରତିଶତ ମେଳ ଖାଇଥିଲା। ତେବେ ସେଠାରେ ପ୍ରତିରୋପଣ ପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ମେଡିକାଲ ପକ୍ଷରୁ କୁହାଯାଇଥିଲା। ଶାହରୁଖଙ୍କ ଆର୍ଥିକ ସ୍ଥିତି ଠିକ୍ ନ ଥିବାରୁ ସେ ଏତେ ପରିମାଣର ଚିକିତ୍ସା ଖର୍ଚ୍ଚ ବହନ କରିପାରିବେ ନାହିଁ ବୋଲି ଜଣାଇଥିଲେ। ଏସ୍‌ସିବି ମେଡିକାଲର ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍‌ରେ ଏହି ପ୍ରତିରୋପଣ ନିଃଶୁଳ୍କ ଭାବେ କରାଯାଉଥିବାରୁ ଟାଟା ମେମୋରିଆଲ କର୍ତ୍ତୃପକ୍ଷ ଅଲିଜାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର କରିଥିଲେ। ଅଲିଜା ଚଳିତବର୍ଷ ଜାନୁଆରୀ ୭ରେ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ସମସ୍ତ ପରୀକ୍ଷାନିରୀକ୍ଷା ପରେ ୨୭ ତାରିଖରୁ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ସେହିପରି ଜାନୁଆରୀ ୨୮ରେ ଆତିଫାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ଆନୁଷଙ୍ଗିକ ପରୀକ୍ଷା ସରିବା ପରେ ଆଲୋଜେନିକ୍ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଥିଲା। ବିଭାଗୀୟ ମୁଖ୍ୟ ଡା. ଆର୍.କେ. ଜେନାଙ୍କ ନେତୃତ୍ୱରେ ଡା. ସୁଧା ସେଠୀ, ପ୍ରଫେସର ଡା. ଗୀତା ସେଠୀ, ଡା. ଅନ୍ୱେଷା ଦାଶ, ଡା. ମନମୋହନ ବିଶ୍ୱାଳ, ଡା. ପ୍ରାଚୀ ପ୍ରତୀଚୀ ଦାସ ପ୍ରମୁଖ ଆତିଫାଙ୍କଠାରୁ ସଂଗୃହୀତ ଷ୍ଟେମସେଲ୍ ଦ୍ୱାରା ଅଲିଜାଙ୍କ ଶରୀରରେ ଅସ୍ଥିମଜ୍ଜା ପ୍ରତିରୋପଣ କରିଥିଲେ। ଏହାପରେ ଉଭୟଙ୍କୁ ଆଇସିୟୁରେ ରଖାଯାଇଛି। ପ୍ରକାଶଥାଉ କି, ରାଜ୍ୟ ସରକାର ୨୦୧୪ରେ ଏସ୍‌ସିବି ହେମାଟୋଲୋଜି ବିଭାଗରେ ରକ୍ତ ଓ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ପଦକ୍ଷେପ ନେଇଥିଲେ। ପ୍ରଥମେ ଉକ୍ତବର୍ଷ ଅସ୍ଥିମଜ୍ଜା ପ୍ରତିରୋପଣ ଆରମ୍ଭ ହୋଇଥିଲା। ଅଦ୍ୟାବଧି ୧୭୬ ଜଣ କର୍କଟ ରୋଗୀଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ ହୋଇସାରିଲାଣି।



ଅଲିଜା ନାଜ୍

> ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ । ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ । କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା । କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା । –ଶ୍ରୀଅରବିନ୍ଦ

# କୁମ୍ଭ ପ୍ରଚ୍ଛଦର କାହାଣୀ



ଦେବଦତ୍ତ ପଟ୍ଟନାୟକ

ନିକଟରେ ପ୍ରୟାଗରାଜରେ ଚାଲିଥିବା କୁମ୍ଭମେଳାରେ ଦଳାଚକଟା ଘଟିଲା। ଏଥିରେ ଅନେକଙ୍କ ମୃତ୍ୟୁ ହେଲା, ଯାହା ଏକ ଦୁଃଖଦ ବିଷୟ। କୁମ୍ଭରେ ଅନେକ କୋଟି ଲୋକ ଏକାଠି ହୋଇଥିଲେ। ଭିଆଇପିଙ୍କୁ ପବିତ୍ର ଜଳରେ ବୁଡ଼ ପକାଇବା ପାଇଁ ସ୍ୱତନ୍ତ୍ର ସୁବିଧା ଦିଆଯାଉଛି, ତଥାପି ସେମାନେ କ୍ୱଚିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାସ୍ତବତା ହେଉଛି, କୁମ୍ଭରେ କେବଳ ସାଧାରଣ ଲୋକ ହିଁ ମୃତ୍ୟୁମୁଖରେ ପଡୁଛନ୍ତି। ଅନେକେ ବି କହିବେ ଏହି ମେଳାରେ ଯେଉଁମାନଙ୍କର ମୃତ୍ୟୁ ଘଟିଲା ସେମାନେ ସିଧା ସ୍ୱର୍ଗ ଗମନ କରିବେ। ଯେଉଁମାନେ ଏହି ମେଳାରେ ଏକତ୍ରିତ ହୋଇଛନ୍ତି ସତ୍ୟଯୁଗରେ ସମୁଦ୍ର ମନ୍ଥନରୁ ବାହାରିଥିବା ଅମୃତ ବିଷୟ ନିଶ୍ଚୟ ସ୍ମରଣ କରୁଥିବେ। ତେବେ କେବଳ ଧର୍ମୀୟ ବିଶ୍ୱାସ ହିଁ ଘଟୁଥିବା ପ୍ରତ୍ୟେକ ଦୁଃଖ ପଛର ଭୁଲ୍‌କୁ ନ ଖୋଜି ଏଡ଼ାଇ ଯାଇପାରେ।

ଦଳାଚକଟା ଘଟିଥିବା ସପ୍ତାହରେ ଚାଇନାର ବଡ଼ ସଫଳତା ସାମ୍ନାକୁ ଆସିଥିଲା। ଚାଇନାର ଡିପ୍‌ସିକ୍ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଆରମ୍ଭ କରିଥିଲା। ଏହା ବିଶ୍ୱରେ ପ୍ରଯୁକ୍ତି କ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟକୁ ଦୋହଲାଇ ଦେଲା। ଅନ୍ୟପଟେ ଏହି ସମୟରେ ଅନେକ ଲକ୍ଷ ଲୋକ ପ୍ରୟାଗର(ଆଲ୍ଲାହାବାଦକୁ ଛାଡ଼ି) ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ଲାଗି ସନାତନୀ ସୋସିଆଲ ମିଡିଆ ଦ୍ୱାରା ପ୍ରେରିତ ହୋଇଥିଲେ। କାରଣ ସେଠାରେ ଏକ ବିରଳ ଗ୍ରହ ସଂଯୋଗରେ ନଦୀ ଜଳ ଅମୃତଭଣ୍ଡାରରେ ପରିଣତ ହୋଇଥାଏ ବୋଲି ସେମାନେ ମନେକରନ୍ତି । ଏହି ମେଳାକୁ ନେଇ ସନାତନ ଧର୍ମର ଲୋକମାନେ ଆଧ୍ୟାତ୍ମିକ କ୍ଷେତ୍ରରେ ଭାରତର ପ୍ରାଧାନ୍ୟ ପ୍ରତିଷ୍ଠା କରିବାକୁ ଚେଷ୍ଟା କରନ୍ତି। ଭୌତିକ କ୍ଷେତ୍ରରେ ଥିବା ଭାରତର ଦୋଷ ଦୁର୍ବଳତା ଘୋଡ଼ାଇବାକୁ ଏହା ସେମାନେ କରିଥାନ୍ତି। ପବିତ୍ର ଦିବସରେ ମକ୍କା କିମ୍ବା ଜେରୁଜେଲମ ତୁଳନାରେ ଅଧିକ ଲୋକ ଏହି ସ୍ଥଳରେ ରହିଥିଲେ ବୋଲି ଔପଚାରିକ ଭାବେ ଘୋଷଣା କରାଯାଏ। ଏହା କୌଣସି ଔପଚାରିକ ଆଦେଶର ବାଧ୍ୟବାଧକତାରେ ନୁହେଁ ବରଂ ସ୍ୱେଚ୍ଛାକୃତ ଭାବେ ଲୋକେ ସମବେତ ହୋଇଥାନ୍ତି ବୋଲି କୁହାଯାଏ। ଏହା ହିଁ ହେଉଛି ସନାତନ ଧର୍ମର ଏକ ଅନନ୍ୟ ବୈଶିଷ୍ଟ୍ୟ ।

ଏବେ ଯେଉଁମାନେ ନିଜକୁ ସନାତନୀ ବୋଲି କୁହନ୍ତି, ସେମାନେ ଅନେକ ଶତାବ୍ଦୀ ପୂର୍ବରୁ ତିର୍ଥିକା ଭାବେ ଜଣାଶୁଣା ଥିଲେ। କାରଣ ସେମାନେ ପବିତ୍ର ସ୍ଥଳ( ତୀର୍ଥ)ରେ ସ୍ନାନ କରିବାକୁ ଭଲ ପାଉଥିଲେ । ଏହାର ଉଦ୍ଦେଶ୍ୟ ବିଷୟରେ ଜାଣିବାକୁ ନ ଚାହିଁ କେବଳ କାର୍ଯ୍ୟ କରିବା, ରୀତିନୀତି ପାଳନ କରାଯାଉଛି । କଥା ହେଉଛି ହିନ୍ଦୁ କିମ୍ବା ବୌଦ୍ଧ ଧର୍ମରେ ଜ୍ଞାନୋଦୟ ହେବା ପରଠାରୁ ଏଭଳି ମାନସିକତାକୁ ଜ୍ଞାନ ମାର୍ଗରେ ଦୂର କରିବାକୁ ଚେଷ୍ଟା କରାଯାଇଛି। ଏହା ସତ୍ତ୍ୱେ ଧାର୍ମିକ ଓ ନୈତିକ ଦୃଷ୍ଟିରୁ ଏହାକୁ ଠିକ୍ ମନେକରାଯାଉଛି । ଏଭଳି



ବିଚାର ସବୁ ଧର୍ମର ଏକ ମୁଖ୍ୟ ବୈଶିଷ୍ଟ୍ୟ। ଉଦାହରଣ ସ୍ୱରୂପ, ମୁସଲମାନ ହେବା ପାଇଁ ଜଣଙ୍କୁ ହଜ କରିବାକୁ ପଡ଼େ । ସନାତନୀ ହେବାକୁ ହେଲେ ତୁମକୁ ତୀର୍ଥ ସ୍ଥଳ ଭ୍ରମଣ ଓ ଦର୍ଶନ କରିବାକୁ ପଡ଼ିବ । ଏଭଳି ତୀର୍ଥ ୨୦୨୪ରେ ଅଯୋଧ୍ୟା ଏବଂ ୨୦୨୫ରେ ପ୍ରୟାଗରାଜ ବୋଲି ଗୁରୁମାନେ ଅଧିକ ପ୍ରଚାର କଲେ।

ଏହି ବିରାଟ ସମାବେଶ ବିଷୟରେ ସପ୍ତମରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ଚାଇନାର ବୌଦ୍ଧ ଇତିହାସରେ ପ୍ରଥମେ ସୂଚିତ କରାଯାଇଛି । ଚାଇନାର ବିଦ୍ୱାନ ଜୁଆନଜାଙ୍ଗ ଅନୁଧ୍ୟାନ କରିଥିଲେ ଯେ, ଅମରତ୍ୱ ପିପାସୁ ହିନ୍ଦୁମାନେ ଏକ ବଟବୃକ୍ଷର ଛାଇରେ ମୃତ୍ୟୁବରଣ କରିବାକୁ ଏଠାକୁ ଆସୁଥିଲେ। ଏହି ଗଛକୁ ଅକ୍ଷୟ ବଟ କିମ୍ବା ଅମର ବଟ କୁହାଯାଏ। ଏହା ଏବେ ମଧ୍ୟ ରହିଛି, ଯାହା ଷୋଡ଼ଶ ଶତାବ୍ଦୀରେ ଆକବରଙ୍କ ଦ୍ୱାରା ନିର୍ମିତ ଏକ ଦୁର୍ଗ ମଧ୍ୟରେ ବନ୍ଦ ହୋଇ ରହିଛି। ଏପରିକି ଏହା ପାଖକୁ ଯିବା ଲାଗି ଲୋକଙ୍କୁ ନିଷେଧ କରାଯାଇଛି। କିମ୍ବଦନ୍ତୀ ଅନୁଯାୟୀ, ଆକବର ପୂର୍ବଜନ୍ମରେ ଜଣେ ଯୋଗୀ ଥିଲେ। ସେ ଜଣେ ମ୍ଳେଚ୍ଛ ଭାବେ ଜନ୍ମ ନେବା ଲାଗି ଅଭିଶାପ ପାଇଥିଲେ, କାରଣ ସେ ଅଜାଣତରେ ଗାଈର ଏକ କେଶକୁ ତା'କ୍ଷୀର ସହ ପିଇ ଦେଇଥିଲେ। ପ୍ରାରବ୍ଧ ତାଙ୍କୁ ଏହି ସ୍ଥଳରେ ଏକ ବିଶାଳ ଦୁର୍ଗ ନିର୍ମାଣ କରିବାକୁ ପ୍ରେରିତ କରିଥିଲା। ସେ ଏହି ସହରର ନାମ ଦେଇଥିଲେ ଇଲ୍ଲାହାବାସ, ଯାହାର ଅର୍ଥ ହେଉଛି ଈଶ୍ୱରଙ୍କ ନିବାସ ସ୍ଥଳୀ। ଯୋଗୀ, ସାଧକ ଏବଂ ସନାତନୀ ରୀତିନୀତି ପ୍ରତି ଥିବା ତାଙ୍କ ଭଲପାଇବାକୁ ନେଇ ତାଙ୍କ ଦରବାରରେ ଥିବା ମୁସଲମାନ ରୁଢ଼ୀବାଦୀମାନେ ନାରାଜ ଥିଲେ।

ପବିତ୍ର ଅକ୍ଷୟ ବଟ ହେଉଛି ସେହି ଜାଗା, ଯେଉଁଠାରେ ଚଳିତ ଯୁଗର ପ୍ରଥମ ଜୈନ ତୀର୍ଥଙ୍କର ରିଷଭ ଦେବ ତାଙ୍କ ପ୍ରଥମ ଦିବ୍ୟ ପ୍ରବଚନ ଏକ ଗୋଲାକାର ଗୃହରେ ପ୍ରଦାନ କରିଥିଲେ। ଅହିଂସା କିଭଳି ଜନ୍ମମୃତ୍ୟୁ ଚକ୍ରକୁ ଶେଷ କରିପାରିବ ସେ ବିଷୟରେ ରିଶଭ ଦେବ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପ୍ରତି ୧୨ ବର୍ଷରେ ଯେତେବେଳେ ରିଷଭ ରାଶି ( ବୃଷ ରାଶି)ରେ ବୃହସ୍ପତି ପ୍ରବେଶ କରନ୍ତି ସେତେବେଳେ ତ୍ରିବେଣୀ ସଙ୍ଗମରେ ସ୍ୱତନ୍ତ୍ର ଭାବେ ମାଘ ମେଳା ଅନୁଷ୍ଠିତ ହୋଇଥାଏ। ରାଶିଗୁଡ଼ିକର ନାମ ଓ ତୀର୍ଥଙ୍କର ମଧ୍ୟରେ ଥିବା ସମ୍ପର୍କ ଏକ ସୁଯୋଗ ହୋଇ ନ ପାରେ। କୁମ୍ଭ ରାଶିରେ ବୃହସ୍ପତି ପ୍ରବେଶ କଲେ ହରିଦ୍ୱାରରେ ଧର୍ମୀୟ ସମାବେଶ କରାଗଲା ଏବଂ ସିଂହ ରାଶିରେ ବୃହସ୍ପତି ପ୍ରବେଶ କଲେ ନାସିକ ଓ ଉଜ୍ଜୟିନୀରେ ମେଳା ହେଲା। ଏଣୁ ଏହା ଥିଲା ଋଷଭ ମେଳା, କୁମ୍ଭ ମେଳା ଏବଂ ସିଂହସ୍ଥ ମେଳା । ୧୮୫୭ ସିପାହୀ ବିଦ୍ରୋହ ପରେ ସବୁ ମେଳାକୁ କୁମ୍ଭ ଭାବେ ନାମିତ କରାଗଲା ଏବଂ ଏଗୁଡ଼ିକୁ ଅମରତ୍ୱର ସୁଧା (ଅମୃତ ) ସହ ଯୋଡ଼ାଗଲା।

୧୮୫୭ ବିଦ୍ରୋହ ପରେ ଆଲ୍ଲାହାବାଦରେ ସେତେବେଳେ ମାଘ( ଜାନୁଆରୀ– ଫେବୃଆରୀ) ମାସରେ ପାରମ୍ପରିକ ଭାବେ ହେଉଥିବା ସମାବେଶକୁ କିଛି ବର୍ଷ ପାଇଁ ବନ୍ଦ କରାଯାଇଥିଲା। ଏହାକୁ ପୁନର୍ବାର ୧୮୬୦ ଦଶକରେ ଆରମ୍ଭ କରାଯାଇଥିଲା। ଇଷ୍ଟ ଇଣ୍ଡିଆ କମ୍ପାନୀ ସ୍ଥାନରେ ଶାସନ ଦାୟିତ୍ୱ ନେଇଥିବା ବ୍ରିଟିଶ ସରକାର ଧର୍ମୀୟ ବିଷୟରେ ହସ୍ତକ୍ଷେପ କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥାନୀୟ ଲୋକମାନେ ଏହି ସମାବେଶ ପାଇଁ ଦାବି କଲେ। କିନ୍ତୁ ଶେଷରେ ତାହାକୁ ବନ୍ଦ କରିଦିଆଗଲା। ପ୍ରତି ୧୨ ବର୍ଷରେ ହେଉଥିବା ମାଘ ମେଳାକୁ କୁମ୍ଭମେଳା ଭାବେ ୧୮୬୮ ପରେ ଘୋଷଣା କରାଗଲା। ୧୮୭୩ରେ ସଙ୍ଗମ ସହ ତ୍ରିବେଣୀ ଶବ୍ଦ ଯୋଡ଼ାଗଲା। ସ୍ପଷ୍ଟ ଭାବେ ଏହା ବୈଦିକ ସରସ୍ୱତୀ ସହ ଯୋଡ଼ାଯାଇଥିଲା। ସେବେଠାରୁ ମେଳା କେବଳ ସନାତନୀ ଆଧ୍ୟାତ୍ମିକତାରେ ସୀମିତ ହୋଇ ରହି ନାହିଁ, ବରଂ ଏହା ସନାତନ ଧର୍ମାବଲମ୍ବୀଙ୍କ ରାଜନୈତିକ ଶକ୍ତିର ଅଭିବ୍ୟକ୍ତି ପାଲଟି ଯାଇଛି।

ପ୍ରତି ୧୨ ବର୍ଷରେ ହେଉଥିବା ଏଠାକାର ମେଳାରେ ବିଭିନ୍ନ ସମ୍ପ୍ରଦାୟ ଯଥା ଶୈବ, ବୈଷ୍ଣବ, ନାଥ, ଉଦାସୀନ( ଶିଖ୍), କବୀରପନ୍ଥୀର ଯୋଦ୍ଧା ତପସ୍ୱୀ ବା ସାଧକମାନେ ଏକାଠି ହୋଇଥାନ୍ତି। ଏବେ ସମଲିଙ୍ଗୀଙ୍କ ପାଇଁ କିନ୍ନର ଆଖଡ଼ା ରହିଛି। ସନାତନ ଧର୍ମର ଏକ ଅଂଶରେ ସମଲିଙ୍ଗୀଙ୍କ କାହାଣୀ ଯୋଡ଼ିବା ସକାଶେ ଏବେ ଏହାକୁ ସାମ୍ନାକୁ ଅଣାଯାଇଛି। ଏହି ଦର୍ଶନୀୟ ମେଳାକୁ ସମସ୍ତେ ନିମନ୍ତ୍ରିତ ହୋଇଛନ୍ତି । ତୀର୍ଥଯାତ୍ରୀ ପର୍ଯ୍ୟଟନ ଅର୍ଥ ବ୍ୟବସ୍ଥାରୁ ଅର୍ଥ ସଂଗ୍ରହ ପାଇଁ ଏହା ହେଉଛି ଏକ ବଡ଼ ସମାବେଶ। ସନାତନ ଧର୍ମାବଲମ୍ବୀମାନେ ସ୍ୱାସ୍ଥ୍ୟପ୍ରଦ ପରିବର୍ତ୍ତେ ପବିତ୍ର ବୋଲି ଘୋଷଣା କରୁଥିବା ପବିତ୍ର ଜଳରେ ସର୍ବସମ୍ମୁଖରେ ବିଶ୍ୱର ଅତି ଧନୀ ବ୍ୟକ୍ତିବିଶେଷମାନେ ବୁଡ଼ ପକାଇବା ଆମେ ଦେଖିବାକୁ ପାଇପାରିଛୁ। ଏହି ସମୟରେ, ସେମାନେ ବୁଡ଼ରୁ ଫେରିବା ଯାଏ ଗରିବ ଲୋକଙ୍କୁ ଅପେକ୍ଷା କରିବାକୁ ହେବ , ଯାହା ସେମାନେ ସବୁବେଳେ କରିଆସୁଛନ୍ତି। ଧର୍ମୀୟ ବିଶ୍ୱାସ ସାଧାରଣ ଭାରତର ନାଗରିକଙ୍କୁ ଅସୀମ ଧୈର୍ଯ୍ୟ ଦେଇଛି। ସେମାନେ ଅପେକ୍ଷା କରି ମରିବେ, ତଥାପି ଅସନ୍ତୋଷ ପ୍ରକାଶ କରିବେ ନାହିଁ କି ପ୍ରତିବାଦ କରିବେ ନାହିଁ।

–devduttofficial@gmail.com

# ପାଠାଗାର: ଆଶା ଓ ଆଶଙ୍କା



ସୁନୀଲ କୁମାର ମିଶ୍ର

ପାଠାଗାରଗୁଡ଼ିକର ଭୂମିକା ଅବର୍ଣ୍ଣନୀୟ। ପ୍ରାଚୀନ କାଳରୁ ପାଠକ ନିମନ୍ତେ ପାଠାଗାର ପାଠ୍ୟ ଉପକରଣ ଦ୍ୱାରା ପାଠକର ମନକୁ ଶାନ୍ତ କରିଥାଏ। ପାଠକଟିଏ ପାଠାଗାରରେ ବସି ପୁସ୍ତକ ଖୋଲି ଲୀନହୋଇଯାଏ ଶିକ୍ଷଣ ପ୍ରକ୍ରିୟାରେ। ପ୍ରାଚୀନ ଯୁଗରେ ଶିଷ୍ୟମାନେ ଗୁରୁକୁଳରୁ ଶିକ୍ଷା ଗ୍ରହଣ କରୁଥିଲେ । ଆଧୁନିକ ଯୁଗରେ ଗ୍ରନ୍ଥାଗାରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିଜ ଉଚ୍ଚ ଅଭିଳାଷକୁ ସାକାର କରିବା ନିମନ୍ତେ ବିଭିନ୍ନ ରାଜ୍ୟ ଓ ଜିଲାରୁ ଅନେକ ବିଦ୍ୟାର୍ଥୀ ପାଠାଗାରକୁ ନିଜର ପୁଞ୍ଜି ବୋଲି ଭାବି ନେଇଥାନ୍ତି। ଅଧାରୁ ଅଧିକ ସମୟ ପାଠାଗାରରେ ଅତିବାହିତ କରିଥାନ୍ତି, ଆଖିରେ ଚାକିରି କରିବାର ଅସୁମାରୀ ଆଶାକୁ ଧରି ସେ କର୍ମପଥରେ ଆଗେଇ ଚାଲିଥାଏ। କେତେକ ଜିଲାରେ ପାଠାଗାର ଅଛି ଓ କେତେକରେ ପାଠାଗାରର ଅଭାବ ମଧ୍ୟ ରହିଛି। ଏହାଦ୍ୱାରା ବିଦ୍ୟାର୍ଥୀମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରନ୍ଥାଗାରଗୁଡ଼ିକରେ ପଦବୀ ଖାଲି ପଡ଼ିଥିବା ସତ୍ତ୍ୱେ ରାଜ୍ୟ ସରକାର ଯୁବପିଢ଼ିମାନଙ୍କୁ ବୃତ୍ତିଗତ ସୁଯୋଗ ଯୋଗାଇବାରେ ବିଫଳ ହୋଇଛନ୍ତି। ବିଡ଼ମ୍ବନାର ବିଷୟ, ଅବସରପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତି ଦିଆଯାଉଥିବାବେଳେ ଯୁବତୀଯୁବକମାନଙ୍କୁ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ନିଯୁକ୍ତି ଦିଆ ନ ଯାଇ ଅଣଦେଖା କରାଯାଉଛି। ଯୁବକଙ୍କ ଆକାଂକ୍ଷାକୁ ଖୋଲା ଅବମାନନା କରାଯାଉଛି। ଗ୍ରନ୍ଥାଗାରିକ ପଦବୀ ପାଇଁ ନିଯୁକ୍ତିର ଅଭାବ ନିମନ୍ତେ ଯୁବକମାନଙ୍କ ବାରମ୍ବାର ଅନୁରୋଧ ଓଡ଼ିଶା ସରକାରଙ୍କ କର୍ଣ୍ଣପାତ ହେଉନାହିଁ ଏବଂ ସରକାରଙ୍କ ନିଷ୍କ୍ରିୟତା କେବଳ ସଙ୍କଟକୁ ଡାକି ଆଣୁଛି। ଓଡ଼ିଶାର ପୂର୍ବ ସରକାର ବିଭିନ୍ନ ବିଭାଗରେ ବିଭିନ୍ନ ପଦବୀ ସୃଷ୍ଟିକରିଥିଲେ। ବର୍ତ୍ତମାନର ସରକାର ଉକ୍ତ ପଦବୀ ପୂରଣ କରିବାରେ ବିଫଳ ହୋଇଛନ୍ତି, ଯାହାକି ଦୁଃଖର ବିଷୟ। ଏହି ବିଭାଗର ଗୁରୁତ୍ୱ ଏବଂ ପୂର୍ଣ୍ଣ ଆବଶ୍ୟକତାକୁ ଅବହେଳାକରି ରାଜ୍ୟର ସାମଗ୍ରିକ ବିକାଶରେ ବାଧା ସୃଷ୍ଟି କରୁଛନ୍ତି। ଆମର ସାମ୍ପ୍ରତିକ ସରକାରଙ୍କ ଉଦ୍ଦେଶ୍ୟ 'ସମସ୍ତଙ୍କୁ ନେଇ,ସମସ୍ତଙ୍କ ପାଇଁ ବିକାଶ' ଇଚ୍ଛାକୃତ ଫଳାଫଳ ଦେଉନାହିଁ। ଓଡ଼ିଶାର ଅଭିବୃଦ୍ଧି ଏବଂ ବିକାଶକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ବା ଦିଗରେ ଉପଯୁକ୍ତ କାର୍ଯ୍ୟ ହେଉନାହିଁ । ବାସ୍ତବତା ଏକ ଭିନ୍ନ କାହାଣୀ ଦର୍ଶାଉଛି।

କେନ୍ଦ୍ରୀୟ ଏବଂ ରାଜ୍ୟ ସ୍ତରର ଯୁବକମାନଙ୍କ ଆକାଂକ୍ଷା ପୂରଣ କରିବାକୁ ସଂଘର୍ଷ କରୁଛି । ସମସ୍ତଙ୍କ ପାଇଁ ବିକାଶ ଦିଗରେ କାର୍ଯ୍ୟ କରିବାକୁ ସରକାରଙ୍କ ନିକଟରେ ଦାବି କରିବା ସତ୍ତ୍ୱେ ତାହା ପୂରଣ ହୋଇ ନ ଥିବା ପ୍ରତିଶ୍ରୁତି ଅନେକଙ୍କୁ ନିରାଶ କରିଛି। ପୂର୍ବ ସରକାରଙ୍କ ଦୀର୍ଘ ବର୍ଷର ଶାସନ ପରେ ମଧ୍ୟ ପାଠାଗାରର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସକ୍ଷମ ହୋଇ ନ ଥିଲେ ଏବଂ ଖାଲି ଥିବା ପଦବୀଗୁଡ଼ିକ ପୂରଣ ମଧ୍ୟ କରିପାରି ନ ଥିଲେ। ବର୍ତ୍ତମାନର ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ମଧ୍ୟ ସେ ମଧ୍ୟ ପାଠାଗାରକୁ ନେଇ କିଛି ପଦକ୍ଷେପ ଗ୍ରହଣ କରିବାକୁ ଅସମର୍ଥ । କିନ୍ତୁ ଆମର ଆଶା ସରକାର ଖୁବ୍ ଶୀଘ୍ର ଏସବୁ ସମସ୍ୟାର ସମାଧାନ କରିବେ । ଓଡ଼ିଶାର ଗ୍ରନ୍ଥାଗାରଗୁଡ଼ିକରେ ଅନେକ ପଦବୀ ପୂରଣ ହୋଇନାହିଁ। ସରକାରଙ୍କ ନିଷ୍କ୍ରିୟତା ଯୋଗୁ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗର ଅଭାବ ଦେଖାଦେଇଛି। ଜିଲା ପାଠାଗାର,ସମନ୍ୱିତ ପାଠାଗାର,ସ୍ମାରକୀ ପାଠାଗାର, ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିବା ସହ ଖାଲିଥିବା ପଦବୀଗୁଡିକରେ ନିଯୁକ୍ତିର ଅଭାବ। ପାଠାଗାରଗୁଡ଼ିକର ସୁଦୃଢ଼ତା ସମାଜ ନିମନ୍ତେ ଏକ ଉନ୍ନତ ପଦକ୍ଷେପ ରୂପେ ବିବେଚିତ ହେବ। ଚାକିରି କ୍ଷେତ୍ରରେ ଆବେଦନର ବୟସସୀମାକୁ ୪୩ ବର୍ଷକୁ ବୃଦ୍ଧିକରିବା ଉଚିତ। ଫଳରେ ଗ୍ରନ୍ଥାଗାରିକ ଚାକିରି ଆଶାୟୀମାନେ ଆବେଦନ କରିବା ପାଇଁ ସୁଯୋଗ ପାଇପାରିବେ। କାରଣ ପୂର୍ବ ସରକାର ବହୁ କମ୍ ପଦବୀରେ ନିଯୁକ୍ତି କରିଥିଲେ, ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ ଥିଲା। କାରଣ ସଂସ୍କୃତି ବିଭାଗ ଅଧୀନରେ ଥିବା ଗ୍ରନ୍ଥାଗାରଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ କର୍ମଚାରୀଙ୍କ ଅଭାବ ରହିଛି। ଏସବୁ ସମସ୍ୟା ପ୍ରତି ସରକାର ଦୃଷ୍ଟିଦେଲେ ସମାଜ ଉପକୃତ ହେବା ସହ ଅନେକ ଚାକିରି ଆଶାୟୀ ଆଶ୍ୱସ୍ତି ଅନୁଭବ କରିବେ ।

ମୋ:୯୭୭୬୮୪୨୬୭୨

## ଏଇ ଭାରତରେ

ଶିକ୍ଷାଦାନ ବ୍ୟତୀତ ସ୍କୁଲର ପାରିପାର୍ଶ୍ୱିକ ପରିବେଶରେ ଉନ୍ନତି କରି ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ସାଜିଛନ୍ତି ମଧ୍ୟପ୍ରଦେଶର ଗୋପାଳ ଭାଲୱାଲ। ସେ ରାଜଗଡ଼ର ମୋହନପୁର କଲୋନିରେ ଥିବା ସରକାରୀ ସମନ୍ୱିତ ମଧ୍ୟ ଇଂରାଜୀ ସ୍କୁଲରେ ଶିକ୍ଷକ ଅଛନ୍ତି। ପ୍ରତିଦିନ ସ୍କୁଲରେ ଶିକ୍ଷାଦାନ କରିବା ସହ ସ୍କୁଲର ସାମଗ୍ରିକ ବିକାଶ କରିବାକୁ ସକ୍ଷମ ହୋଇଛନ୍ତି। ୨୦୧୮ରେ ଏହି ସ୍କୁଲ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ଏଠାକୁ ଅଧିକ ପିଲା ଆସୁ ନ ଥିଲେ। ସ୍କୁଲରେ ମୋଟ ୨୩ ପିଲା ଥିଲେ। ସ୍କୁଲର ସ୍ଥିତି ମଧ୍ୟ ଅତ୍ୟନ୍ତ ଖରାପ ଥିଲା। ଶ୍ରେଣୀ ଗୃହ ଅନ୍ଧାରିଆ ରହୁଥିଲା। ତେବେ ତାହାକୁ ଆକର୍ଷଣୀୟ କରିବା ସକାଶେ ଭାଲୱାଲ ସରକାରୀ ଅନୁଦାନକୁ ଅପେକ୍ଷା ନ କରି ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ସ୍କୁଲରେ ରଙ୍ଗ ଦେଇଛନ୍ତି । ଏହାବ୍ୟତୀତ ଏକ ବଗିଚା କରିବା ସହ ଜଳ ଯୋଗାଣର ବ୍ୟବସ୍ଥା କରିଛନ୍ତି। ସେ ମଧ୍ୟ ଏକ ଲାଇବ୍ରେରି କରିଛନ୍ତି ଓ ଏଥିରେ ୨,୦୦୦ରୁ ଅଧିକ ବହି ଅଛି। ଭାଲୱାଲଙ୍କ ଚେଷ୍ଟାରେ ସ୍କୁଲରେ ଏବେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇ ୧୦୦ରେ ପହଞ୍ଚିଲାଣି। ଏସବୁ କାର୍ଯ୍ୟ ଶେଷ କରି ବର୍ତ୍ତମାନ ସ୍କୁଲରେ ବିଭିନ୍ନ ଆଧୁନିକ ଶିକ୍ଷା ଉପକରଣ ଆଣିବାକୁ ସେ ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୦ ଫେବୃଆରୀ ୧୯୭୬**

- ଓଡ଼ିଶା ବିକ୍ରିକର (ସଂଶୋଧନ) ବିଲ୍ ୧୯୭୫କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି।
- ଫରାକା ଜଳର ବିନିଯୋଗ ସମ୍ପର୍କୀୟ ଆଲୋଚନା ପାଇଁ ବାଂଲାଦେଶର ସର୍ତ୍ତାରୋପ ଉଦ୍ୟମକୁ ଭାରତର ପ୍ରତ୍ୟାଖ୍ୟାନ।
- ୟୁରୋପୀୟ ସରକାର ବିଦ୍ରୋହୀ କବି ନବରୁଲଙ୍କୁ ସେ ଦେଶର ନାଗରିକତ୍ୱ ଅର୍ପଣ କରିଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | 6 | 1 | | 4 | | | |
| | | 2 | | 6 | | | | 1 |
| 4 | | | | | | | | |
| 3 | | | | 9 | 5 | 7 | | |
| 5 | | | 6 | | | 4 | | |
| | | | 7 | | | | | 6 |
| | | | | | 7 | | | 9 |
| | | 1 | 9 | | | 2 | | 3 |
| | | 5 | | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 2 | 1 | 7 | 6 | 3 | 5 | 8 |
| 8 | 3 | 7 | 9 | 4 | 5 | 6 | 2 | 1 |
| 1 | 5 | 6 | 2 | 3 | 8 | 9 | 7 | 4 |
| 7 | 4 | 9 | 6 | 8 | 1 | 5 | 3 | 2 |
| 2 | 1 | 3 | 4 | 5 | 9 | 8 | 6 | 7 |
| 5 | 6 | 8 | 7 | 2 | 3 | 1 | 4 | 9 |
| 9 | 2 | 1 | 5 | 6 | 7 | 4 | 8 | 3 |
| 3 | 7 | 5 | 8 | 1 | 4 | 2 | 9 | 6 |
| 6 | 8 | 4 | 3 | 9 | 2 | 7 | 1 | 5 |

ଗତକାଲିର ଉତ୍ତର

# ନୀରବ ମହାମାରୀ



ରଜତ ବଂଶଲ


ଭାରତ ଏକ ଯୁବ ଦେଶ। ଏହାର ଜନସଂଖ୍ୟାର ମୋଟ ୫୩.୭% ହେଉଛନ୍ତି ଯୁବକ। ତେବେ ଚିନ୍ତାର ବିଷୟ ହେଉଛି, ସେମାନେ ଏବେ ଏକ ନୀରବ ମହାମାରୀର ସମ୍ମୁଖୀନ ହେଉଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର 'ଭାରତରେ ଦୁର୍ଘଟଣାଜନିତ ମୃତ୍ୟୁ ଏବଂ ଆତ୍ମହତ୍ୟା ୨୦୨୨' ଶୀର୍ଷକ ରିପୋର୍ଟ ଅନୁଯାୟୀ, ଉକ୍ତ ବର୍ଷ ୧୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିଲେ, ଯାହା ସେହି ବର୍ଷର ମୋଟ ଆତ୍ମହତ୍ୟାର ୭.୬% ଥିଲା। ୧୮ ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୧୨୩ ଆତ୍ମହତ୍ୟାର କାରଣ ଥିଲା ପରୀକ୍ଷାରେ ବିଫଳତା, ଯେଉଁଥିରେ ୫୭୮ ଛାତ୍ର ଓ ୫୭୫ ଛାତ୍ରୀ ଶିକାର ହୋଇଥିଲେ।

୨୦୨୧ ରୁ ୨୦୨୨ ମଧ୍ୟରେ ଛାତ୍ର ଆତ୍ମହତ୍ୟା ୬% ହ୍ରାସ ପାଇଥିବାବେଳେ ଛାତ୍ରୀ ଆତ୍ମହତ୍ୟା ୭% ବୃଦ୍ଧି ପାଇଛି। ୨୦୨୧ରେ ୧୩,୦୮୯ ଶିକ୍ଷାର୍ଥୀ ଆତ୍ମହତ୍ୟା ରିପୋର୍ଟ ହୋଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୮% ବୃଦ୍ଧି ପାଇଛି। ଗତ ୨ ଦଶନ୍ଧି ମଧ୍ୟରେ ଭାରତରେ ଶିକ୍ଷାର୍ଥୀ ଆତ୍ମହତ୍ୟା ବାର୍ଷିକ ୪% ହାରରେ ବୃଦ୍ଧି ପାଇଛି, ଯାହା ମୋଟ ଆତ୍ମହତ୍ୟା ହାରର ୨ଗୁଣ। ଆତ୍ମହତ୍ୟା ହାରରେ ଉଲ୍ଲେଖନୀୟ ବୃଦ୍ଧି ସହ ଓଡ଼ିଶା ମଧ୍ୟ ଶୀର୍ଷ ରାଜ୍ୟଗୁଡ଼ିକ ଭିତରେ ସ୍ଥାନ ପାଇଛି।

ଶିକ୍ଷାର୍ଥୀ ଆତ୍ମହତ୍ୟା ରୂପକ ନୀରବ ମହାମାରୀ ଦିନକୁ ଦିନ ବଢ଼ିଚାଲିଛି। ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ଯୁବ ମନକୁ କେଉଁ କେଉଁ କାରଣ ପ୍ରବର୍ତ୍ତାଇଥାଏ ? ଉତ୍ତରଟି ସରଳ ନୁହେଁ। କେତେଜଣ ଛାତ୍ରୀଛାତ୍ର ହୁଏତ ନିଜର କିମ୍ବା ପରିବାରର ଆକାଂକ୍ଷା ପୂରଣରେ ବିଫଳ ହୋଇଥାନ୍ତି ; କେତେକେ ହୁଏତ ଆର୍ଥିକ ଅସୁବିଧାର ସମ୍ମୁଖୀନ ହୁଅନ୍ତି,ଆଉ କେତେକେ ବ୍ୟକ୍ତିଗତ କିମ୍ବା ପାରିବାରିକ ସମସ୍ୟା ସହ ଯୁଝିଥାଇପାରନ୍ତି ; କେହି କେହି ନିର୍ଯାତନା କିମ୍ବା ଭେଦଭାବର ଶିକାର ହୋଇଥାଇପାରନ୍ତି। ବିଶେଷଜ୍ଞ ତଥା ଏଥିରୁ ବର୍ତ୍ତିଥିବା ଛାତ୍ରୀଛାତ୍ରଙ୍କ ଅନୁଯାୟୀ, ଏହି ମହାମାରୀର କେତେକ କାରଣ ରହିଛି।

ଆଜିର ପ୍ରତିଯୋଗିତାମୂଳକ ପାଠ୍ୟକ୍ରମରେ ଘଣ୍ଟା ଘଣ୍ଟା ଅଧ୍ୟୟନ ଓ କ୍ରମାଗତ ପରୀକ୍ଷାର ଚାପ ରହୁଛି। ଅଧିକାଂଶ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ଆଧାର ର୍‍ୟାଙ୍କିଙ୍ଗ୍ କରନ୍ତି। ଏହା ଭଲ ସ୍କୋର କରି ନ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୀନମନ୍ୟତା ସୃଷ୍ଟିକରେ। ଫଳରେ ସେମାନେ ପାଠପଢ଼ାକୁ ନେଇ ଚାପଗ୍ରସ୍ତ ରହନ୍ତି। ଅନେକ ବାପମାଆ ବହୁ ଅର୍ଥ ଖର୍ଚ୍ଚକରି ପିଲାଙ୍କୁ ପଢ଼ାଇଥାନ୍ତି। ସେମାନେ ପିଲାଠାରୁ ଅଧିକ ଆଶାକରନ୍ତି ଓ ଲକ୍ଷ୍ୟ ହାସଲ ପାଇଁ ଚାପ ପକାଇଥାନ୍ତି। କେତେଜଣ ବାପମାଆ ନିଜ ପିଲାକୁ ଅନ୍ୟ ପିଲା ସହ ତୁଳନା କରନ୍ତି ଏବଂ ଭଲ ପ୍ରଦର୍ଶନ ନ କଲେ ଅପମାନ ଦେଇଥାନ୍ତି। ଏହାଦ୍ୱାରା ସେମାନେ ନିଜକୁ ଅସହାୟ ମନେକରିଥାନ୍ତି।

ଅଧିକାଂଶ ଛାତ୍ରୀଛାତ୍ର ବାହାରେ ରହି ଅଧ୍ୟୟନ କରିଥାନ୍ତି। ସେମାନଙ୍କୁ ଏକ ନୂତନ ପରିବେଶ ସହ ଖାପ ଖୁଆଇବାକୁ ପଡ଼େ। ହଷ୍ଟେଲରେ ସେମାନେ ପର୍ଯ୍ୟାପ୍ତ ସୁବିଧା କି ଯତ୍ନ ମିଳେନାହିଁ। ଅନେକ ଛାତ୍ରୀଛାତ୍ର ସାଙ୍ଗସାଥୀ କିମ୍ବା ଘର ମାଲିକଙ୍କଠାରୁ ନିର୍ଯାତନା ଅବା ଭେଦଭାବର ଶିକାର ହୁଅନ୍ତି।



ଅଧ୍ୟୟନ ଚାପ, ପିତାମାତାଙ୍କ ପ୍ରତ୍ୟାଶା ଓ ସାମାଜିକ ସହଯୋଗ ଅଭାବ ଛାତ୍ରୀଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। ସେମାନଙ୍କ ମଧ୍ୟରେ ଚିନ୍ତା, ଉଦାସୀନତା, ଅନିଦ୍ରା, ଆତ୍ମସମ୍ମାନ ହାନି କିମ୍ବା ଆତ୍ମହତ୍ୟା ଭାବନା ସୃଷ୍ଟି ହୋଇପାରେ। ତଥାପି ଅନେକ ଛାତ୍ର ଅଜ୍ଞତା ହେତୁ ଆନୁଷ୍ଠାନିକ ସହାୟତା ଲୋଡ଼ନ୍ତିନାହିଁ। ତେଣୁ ସେମାନେ ଗୁଣାତ୍ମକ ମାନସିକ ସ୍ୱାସ୍ଥ୍ୟସେବା ପାଇପାରନ୍ତି ନାହିଁ। ଯଦିଓ ଏହି ନୀରବ ମହାମାରୀର ସହଜ ସମାଧାନ ନାହିଁ, ତେବେ କିଛି ସମ୍ଭାବ୍ୟ ପଦକ୍ଷେପ ନିଆଯାଇପାରେ।

ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ, ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ଓ ସାଙ୍ଗସାଥୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସକାରାତ୍ମକ ପରିବେଶ ସୃଷ୍ଟିକରିବା ଉଚିତ। ନିଜ ଆଗ୍ରହ ଅନୁସାରେ ସହ–ଶୈକ୍ଷିକ କାର୍ଯ୍ୟକଳାପରେ ଅଂଶଗ୍ରହଣ, ନୂଆ ଲୋକଙ୍କ ସହ ବନ୍ଧୁତା ଆଉ ମନୋରଞ୍ଜନ ପାଇଁ ସେମାନଙ୍କୁ ଉତ୍ସାହିତ କରାଯିବା କଥା। ଆବଶ୍ୟକ ହେଲେ ସେମାନଙ୍କୁ ଭାବନାତ୍ମକ ସମର୍ଥନ ଓ ମାର୍ଗଦର୍ଶନ ମଧ୍ୟ ଦେବା ଉଚିତ।

ପାଠ୍ୟକ୍ରମକୁ ଅଧିକ ନମନୀୟ ଓ ସନ୍ତୁଳିତକରି ଛାତୀଛାତ୍ରଙ୍କ ଉପରେ ଅଧ୍ୟୟନ ଚାପ ହ୍ରାସ କରାଯାଇପାରିବ। କେବଳ ପରୀକ୍ଷାକୁ ଆଧାରକରି ର୍‍ୟାଙ୍କିଙ୍ଗ୍ କରିବା ପରିବର୍ତ୍ତେ ବ୍ୟକ୍ତିଗତ ପାର୍ଥକ୍ୟ ଓ ଦକ୍ଷତାକୁ ସମ୍ମାନ ଦେବା ଦରକାର। ସେମାନଙ୍କ ଦକ୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ପରାମର୍ଶ ଦିଆଯିବା ଆବଶ୍ୟକ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରାଯିବା ଜରୁରୀ। ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ଓ ତାହାର ମୁକାବିଲା ସମ୍ପର୍କରେ ଶିକ୍ଷାଦେବା ସହ ଉଦାସୀନତା କିମ୍ବା ଆତ୍ମହତ୍ୟାପ୍ରବଣତା ଦେଖାଦେଲେ ଆନୁଷ୍ଠାନିକ ସହାୟତା ଓ ପରାମର୍ଶ ନେବାକୁ ଉତ୍ସାହିତ କରିବା ଉଚିତ।

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମହତ୍ୟା ରୋକିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା କରାଯିବା ଆବଶ୍ୟକ। ହଷ୍ଟେଲରେ ସ୍ପ୍ରିଙ୍ଗ୍‌ଯୁକ୍ତ ପଙ୍ଖା ବ୍ୟବହାର ବାଧ୍ୟତାମୂଳକ ହେବା ଜରୁରୀ। ଛାତ୍ରୀଛାତ୍ରଙ୍କ ମାନସିକ ପରୀକ୍ଷା ଓ ପରାମର୍ଶ କେନ୍ଦ୍ର ସ୍ଥାପନକରି ସେମାନଙ୍କ କାର୍ଯ୍ୟକଳାପ ଓ ସ୍ୱାସ୍ଥ୍ୟ ଉପରେ ଦୃଷ୍ଟି ରଖିବା ଉଚିତ। ସେମାନଙ୍କ ମଧ୍ୟରେ କୌଣସି ଅସୁବିଧାର ଲକ୍ଷଣ ଦେଖାଦେଲେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ତେବେ ଏହି ନୀରବ ମହାମାରୀର ମୁକାବିଲା ପାଇଁ ଏତକ ପଦକ୍ଷେପ ଯଥେଷ୍ଟ ନୁହେଁ। ଏଥିପାଇଁ ଏକ ସାମଗ୍ରିକ ପାଠ୍ୟକ୍ରମ କାର୍ଯ୍ୟକାରୀ କରାଯିବା ଆବଶ୍ୟକ, ଯାହା କେବଳ ଶୈକ୍ଷିକ ଉତ୍କର୍ଷ ଉପରେ ନୁହେଁ ବରଂ ମାନସିକ ସୁସ୍ଥତା ଉପରେ ମଧ୍ୟ ଧ୍ୟାନ ରଖିବ। ଅଧିକନ୍ତୁ, ପିତାମାତାମାନେ ଫଳାଫଳ ପାଇଁ ଚାପଦେବା ପରିବର୍ତ୍ତେ ପିଲାମାନଙ୍କର ଆକାଂକ୍ଷା ଓ ସୀମିତତା ଉପରେ ଧ୍ୟାନଦେବା ଉଚିତ।

ଏହି ମହାମାରୀର ବିଲୋପ ପାଇଁ ଶିକ୍ଷା ଓ ସଫଳତା ପ୍ରତି ଆମ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଦକ୍ଷତା ଓ ସଫଳତାର ଏକମାତ୍ର ସୂଚକ ଭାବେ ମାର୍କ ଓ ର୍‍ୟାଙ୍କକୁ ଗୁରୁତ୍ୱ ଦେବା ଅନୁଚିତ। ସେମାନଙ୍କ ଆଗ୍ରହ ଓ ଦକ୍ଷତାକୁ ବିଚାର ନ କରି ପିଲାମାନଙ୍କ ଉପରେ ଆମର ସ୍ୱପ୍ନ ଓ ଅଭିଳାଷକୁ ଲଦିଦେବା ବନ୍ଦ କରିବା ଆବଶ୍ୟକ। ପିଲାଙ୍କୁ ଅନ୍ୟମାନଙ୍କ ସହ ତୁଳନା କି ସେମାନଙ୍କ ମନରେ ହୀନମନ୍ୟତା ସୃଷ୍ଟିକରିବା ଅନୁଚିତ।

କେବଳ ଶାରୀରିକ ସ୍ୱାସ୍ଥ୍ୟ ଓ ନିରାପତ୍ତା ନୁହେଁ; ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଯତ୍ନନେବା, ସେମାନଙ୍କର ଭାବନା ଓ ଚିନ୍ତାଧାରାକୁ ବୁଝିବା, ମୁକ୍ତ ଆଲୋଚନା କରିବା ସହ ସେମାନଙ୍କ ନିଷ୍ପତ୍ତିକୁ ସମ୍ମାନଦେବା ଆବଶ୍ୟକ। ପିଲାଙ୍କୁ ନିଃସର୍ତ୍ତ ସ୍ନେହ ଦରକାର, ତେବେ ଯାଇ ସେମାନଙ୍କୁ ଏହି ନୀରବ ମହାମାରୀ କବଳରୁ ରକ୍ଷା କରାଯାଇପାରିବ।

ବେହେରା, ଧର୍ମଗଡ଼, କଳାହାଣ୍ଡି
ମୋ: ୮୬୩୭୨୯୯୫୯୫

## ପାଠକ ଶ୍ରେଷ୍ଠ ବିଚାରକ

### ଅଧା ବଟିକା ଅସୁବିଧା

ମହାଶୟ,

କେତେକ କ୍ଷେତ୍ରରେ ଡାକ୍ତରମାନେ ରୋଗୀଙ୍କୁ କୌଣସି ବଟିକାର ଅଧା ସେବନ କରିବାକୁ ପରାମର୍ଶ ଦେଇଥାନ୍ତି। କିନ୍ତୁ ଦେଖାଯାଉଛି କେତେକ ବଟିକାରେ ଅଧାରେ କୌଣସି ଚିହ୍ନ ଦିଆଯାଉ ନ ଥିବାରୁ ଏହାକୁ ଆନୁମାନିକ ଅଧାରୁ ଭାଙ୍ଗିବା ବା କଟିବା ଦ୍ୱାରା ଏହା ଛୋଟ ବଡ଼ ହୋଇଯାଇଥାଏ। ପୁନଶ୍ଚ ଅଧିକାଂଶ ବୟସ୍କ ଲୋକଙ୍କ ପକ୍ଷେ ବିଶେଷତଃ ଶୀତଦିନେ ସକାଳେ ଦେହହାତ ଥରୁଥିବାରୁ ଏହାକୁ ଆନୁମାନିକ ଅଧାରୁ ହାତରେ ଭାଙ୍ଗିବା ସମ୍ଭବ ହେଉ ନ ଥିବାରୁ ଏମାନେ ଗୁଆକାଟି ବା ଛୁରିରେ ବହୁ କଷ୍ଟରେ କାଟିଥାନ୍ତି। ଏହାଦ୍ୱାରା ଏହା ଛୋଟବଡ଼ ଓ କିଛି ଅଂଶ କ୍ଷୟ ହେବା ସହ କେବେ କେବେ ତେରଛା ଭାବେ କଟିବା ଫଳରେ ଏମାନେ ପ୍ରତ୍ୟହ ସମାନ ଡୋଜ୍‌ର ବଟିକା ସେବନ କରିପାରି ନ ଥାନ୍ତି। ଏଣୁ ଡାକ୍ତରମାନେ ଅଧା ବଟିକା ପ୍ରେସ୍କ୍ରାଇବ କଲାବେଳେ ଅଧା ଚିହ୍ନ ବଟିକା ତଥା ବୟସ୍କଙ୍କ ଅସୁବିଧାକୁ ଚାହିଁ ଆବଶ୍ୟକୀୟ ପୂରା ବଟିକା ପ୍ରେସ୍କ୍ରାଇବ କରିବା ଉଚିତ। ଅଧିକନ୍ତୁ ଔଷଧ କମ୍ପାନୀଗୁଡ଼ିକ ମଧ୍ୟ ବଟିକାରେ ଅଧା ଚିହ୍ନ ପ୍ରତି ଗୁରୁତ୍ୱ ଦେବା ସହ ବଟିକା କାଟିବା ଯନ୍ତ୍ର ବଜାରକୁ ଛାଡ଼ିଲେ ଏ ଅସୁବିଧା ଦୂର ହୋଇପାରନ୍ତା।

– ରାଜ କୁମାର ସାମଲ, ଅରେଇ, ବିଞ୍ଝାରପୁର, ଯାଜପୁର

## ଚିରନ୍ତନୀ

ପଉଷର ପଞ୍ଚମୀ ଚାଁଦ
ଆକାଶର କୋଣେ ଦେଲା ହସି
ମଧୁମାସ ଆଗମନୀ–ଭାଷା
ଜରା–ହୃଦେ ଯଉବନ–ଆଶା
ପୌଷର ପଞ୍ଚମୀ ଶଶି
ଢାଳି ଦେଲା ଦୂରେ ହସି ହସି।
–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୁବନେଶ୍ୱର ଏମ୍ସରେ ସିବିଆଇ ଚଢ଼ାଉ

## ଜାଲ୍ ପ୍ରମାଣପତ୍ର ଜରିଆରେ ସ୍ଥାୟୀ ଚାକିରି ଅଭିଯୋଗ, ୫ କର୍ମଚାରୀଙ୍କ ସାର୍ଟିଫିକେଟ ଜବତ

ଭୁବନେଶ୍ୱର,୧୯।୨ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ ନିଯୁକ୍ତି ନାଁରେ ଅନିୟମିତତା ଅଭିଯୋଗ। ଜାଲ କାଗଜପତ୍ର ଜରିଆରେ ଚୁକ୍ତିଭିତ୍ତିରେ ଠିକା କର୍ମଚାରୀ ଭାବେ କାମ କରୁଥିବା ୫ଜଣଙ୍କୁ ବିଭିନ୍ନ ପଦପଦବୀରେ ସ୍ଥାୟୀ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିବା ପରେ ଭୁବନେଶ୍ୱର ସିବିଆଇ ଟିମ୍‌ର ୯ଜଣ ସଦସ୍ୟ ବୁଧବାର ଏମ୍ସକୁ ଯାଇ ଏକାଡେମୀ ବ୍ଲକର ତୃତୀୟ ମହଲାରେ ଚଢ଼ାଉ କରି କର୍ମଚାରୀଙ୍କୁ ଜେରା କରିଛି। ଏହାସହ ଅଭିଯୋଗ ହୋଇଥିବା ୫ଜଣ ସ୍ଥାୟୀ କର୍ମଚାରୀଙ୍କ କାଗଜପତ୍ର ଅଫିସରୁ ଜବତ କରିଛି। ଅଙ୍କୁର କର, ରାଜଶ୍ରୀ ପଣ୍ଡା, ସମ୍ବିତ ମିଶ୍ର, ସାଇ ସାଗର କର, ସଂଗ୍ରାମ ମିଶ୍ରଙ୍କ ସାର୍ଟିଫିକେଟ ସିବିଆଇ ଜବତ କରିଥିବା ସୂଚନା ମିଳିଛି । ତେବେ ଏହି କାଗଜପତ୍ର ନକଲି ଜଣାପଡ଼ିଲେ ସିବିଆଇ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂତ୍ରରୁ ସୂଚନା ମିଳିଛି।




ଅନ୍ୟପଟେ ଏହି ମାମଲାରେ ମାଷ୍ଟର ମାଇଣ୍ଡ କୁହାଯାଉଥିବା ଏକ ଠିକା ସଂସ୍ଥା ଏଜେନ୍ସିର ମ୍ୟାନେଜର ସ୍ମୃତି ସାଗର କରଙ୍କୁ ହେପାଜତକୁ ନେଇ ସିବିଆଇ ଅଧିକ ଖୋଳତାଡ଼ ଚଳାଇଛି।

ମିଳିଥିବା ସୂଚନାନୁସାରେ ୨୦୨୩ରେ ବିଭିନ୍ନ ପଦବୀ ପାଇଁ ଏମ୍ସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ପୂର୍ବରୁ ଚୁକ୍ତିଭିତ୍ତିରେ ଠିକା କର୍ମଚାରୀଭାବେ କାମ କରୁଥିବା ୫ଜଣ ପରୀକ୍ଷାରେ ଉପକୃତ ହୋଇ ସ୍ଥାୟୀ ଭାବେ ଚାକିରି କରିଥିଲେ। ହେଲେ ଚାକିରି ବେଳେ ସେମାନେ ଦେଇଥିବା ସାର୍ଟିଫିକେଟ ଉପରେ ସନ୍ଦେହ ହେବାରୁ ସିବିଆରେ ଏନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ସିବିଆଇ ପକ୍ଷରୁ ବୁଧବାର ଚଢାଉ କରାଯାଇଛି।

# ଦୋଷୀ କକାଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

### ସମ୍ପର୍କୀୟ ଝିଆରୀଙ୍କୁ ବଳାତ୍କାର ମାମଲା

ବାଲେଶ୍ୱର, ୧୯।୨(ବାଞ୍ଛାନିଧି ଦେ)

ସମ୍ପର୍କୀୟ ଝିଆରୀଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ବୁଧବାର ବାଲେଶ୍ୱର ଆଡହକ୍ ଆଡିଶନାଲ ଜିଲା ଏବଂ ସେସନ୍ସ ଜଜ୍ ଅନୀତା ସାହୁ ଅଭିଯୁକ୍ତ କକାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଲାଗି ଜିଲା ଆଇନସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ତାଳମହୁରି ଗ୍ରାମର ଭରତ ଦାସ ସମ୍ପର୍କୀୟ ଝିଆରୀଙ୍କୁ ଭଲ ଜାଗାରେ ବିବାହ କରାଇବା ପାଇଁ ପ୍ରଲୋଭନ ଦେଖାଇଥିଲେ। ଏଥିପାଇଁ ପୂଜା ପାଠ ବାହାନାରେ ଏକ ନିରୋଳା ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏ କଥା କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବାବେଳକୁ ଯୁବତୀ ଜଣକ ୩ମାସର ଗର୍ଭବତୀ ଥିଲେ। ଏ ସମ୍ପର୍କରେ ଗତ ୨୦୧୮ ସେପ୍ଟେମ୍ବର ୧୫ରେ ପୀଡ଼ିତାଙ୍କ ମା' ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୨୨୬।୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ମାମଲାରେ ଜଜ୍ ଅନୀତା ସାହୁ ୧୪ଜଣ ସାକ୍ଷୀ ଓ ୧୬ ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ସରକାରୀ ଓକିଲ ଦୀପକ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

### ନାବାଳିକା ଅପହରଣ, ବଳାତ୍କାର ମାମଲା

ନବରଙ୍ଗପୁର, ୧୯।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍‌ସୋ ସ୍ୱତନ୍ତ୍ର ବିଚାରପତି ବାସୁଦେବ ଆଚାର୍ଯ୍ୟ ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ କୁହାଯାଇଛି। ଜରିମାନା ଅନାଦାୟେରେ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ହେବ। ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁଯାୟୀ, ଡାବୁଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଡଙ୍ଗରିଗୁଡ଼ା ଗ୍ରାମର ଚେତନ ଭତ୍ରା ଅପହରଣ ଓ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଡାବୁଗାଁ ପୋଲିସ କେସ୍ ନମ୍ବର ୬୭/୨୧ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିଲା। ଏହି ମାମଲା ନବରଙ୍ଗପୁର କୋର୍ଟରେ କେସ୍ ନମ୍ବର ଟିଆର ୩୮/୨୧ରେ ମାମଲା ବିଚାରାଧୀନ ରହିଥିଲା। ୨୦ ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ଅତିରିକ୍ତ ଜିଲା ଦୌରା ଜଜ୍ ଏହି ରାୟ ଶୁଣାଇଛନ୍ତି। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚ୍ଚିନନ୍ଦନ ସ୍ୱାଇଁ ପରିଚାଳନା କରୁଥିଲେ।

# ଜେଲ ଗଲେ ପୂର୍ବତନ ସରପଞ୍ଚ

### ବାଘ ଦାନ୍ତ, ସମ୍ବର ଶିଂଘ ଓ ଶିକାର ଉପକରଣ ଜବତ ଘଟଣା

### ରେଞ୍ଜରଙ୍କ ନାମରେ ଥାନାରେ ମାମଲା

ନୟାଗଡ଼/ରଣପୁର,୧୯।୨ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ବାଘ ଦାନ୍ତ, ସମ୍ବର ଶିଂଘ ଜବତ ତଥା ଶିକାର କରିବା ଅଭିଯୋଗରେ ଗିରଫ ହୋଇଥିବା ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ବନ୍ଧମୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଜୟ କୁମାର ପ୍ରଧାନଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ଏହି ଘଟଣାରେ ବନ ବିଭାଗ ତାଙ୍କ ଘରୁ ୨ଟି ବାଘ ଦାନ୍ତ, ଗୋଟିଏ ସମ୍ବର ଶିଂଘ, ୧ ବଣ୍ଡଲ ବିଦ୍ୟୁତ୍ ତାର, ଜିଆଇ ତାର, ଜାଲ, ଏକ ବାଇକ୍, ୬ ଏଟିଏମ୍ କାର୍ଡ, ୬ ମୋବାଇଲ ଫୋନ୍, ୩ ପ୍ଲାଷ୍ଟିକ ବ୍ୟାଗ୍ ସମେତ ଶିକାର ଉପକରଣ ଜବତ କରିଥିଲା। ଅପରପକ୍ଷେ ରଣପୁର ରେଞ୍ଜର ସିନ୍ଧୁ ସିଂଙ୍କ ନାମରେ ରଣପୁର ଥାନାରେ ଏକ ମାମଲା(ନଂ. ୪୯/୨୫)ରୁଜୁ ହୋଇଛି । ପୂର୍ବତନ ସରପଞ୍ଚ ପ୍ରଧାନଙ୍କ ଭାଉଜ ତଥା ବନ୍ଧମୁଣ୍ଡା ପଞ୍ଚାୟତ ସରପଞ୍ଚଙ୍କ ଅଭିଯୋଗରେ ଏହି ମାମଲା ରୁଜୁ ହୋଇଛି । ପୂର୍ବତନ ସରପଞ୍ଚ ପ୍ରଧାନଙ୍କ ଭାଉଜ ଘଟଣା ଦିନ ରଣପୁର ରେଞ୍ଜରଙ୍କ କାର୍ଯ୍ୟାଳୟକୁ ଯାଇ ଦିଅରଙ୍କୁ କାହିଁକି ଗିରଫ କରାଯାଇଛି ବୋଲି ପଚାରିଥିଲେ । ରେଞ୍ଜର ତାଙ୍କୁ ଜାତିଆଣ ଆକ୍ଷେପ କରିଥିବା ସେ ଅଭିଯୋଗରେ ଦର୍ଶାଯାଇଛି ।

ସୂଚନା ଅନୁଯାୟୀ, ପୂର୍ବତନ ସରପଞ୍ଚ ପ୍ରଧାନ ବାଘ ଦାନ୍ତ ଓ ସମ୍ବର ଶିଂଘ ବ୍ୟବସାୟ କରିବା ସହିତ ଶିକାର କରୁଥିବା ବିଶେଷ ସୂତ୍ରରୁ ଖବର ପାଇ ବନବିଭାଗ ପକ୍ଷରୁ ମଙ୍ଗଳବାର ମଧ୍ୟାହ୍ନରେ ବନ୍ଧମୁଣ୍ଡା ପଞ୍ଚାୟତର ବ୍ରାହ୍ମଣକୁମାରୀ ଗାଁରେ ଚଢ଼ାଉ କରିଥିଲା । ସେଠାରୁ ବନ ବିଭାଗ ବାଘ ଦାନ୍ତ, ସମ୍ବର ସିଂଘ ସମେତ ଶିକାର ଉପକରଣ ଜବତ କରିଥିଲା । କୋର୍ଟ ଚାଲାଣ କରିବାକୁ ପ୍ରସ୍ତୁତ ଚାଲିଥିବାବେଳେ ବନବିଭାଗ ଆକ୍ରୋଶମୂଳକ ଭାବେ ତାଙ୍କୁ ଗିରଫ କରିଛି ଦର୍ଶାଇ ରଣପୁର ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ବିଜେଡି କର୍ମୀ, ଗ୍ରାମବାସୀଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ଛାଡ଼ିଦେବା ପାଇଁ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ସନ୍ଧ୍ୟାରେ ରଣପୁର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ରେଞ୍ଜରଙ୍କୁ ପରାମର୍ଶ ଦେଇଥିଲେ । ହେଲେ ତାଙ୍କ କଥାକୁ କେହି ଗ୍ରହଣ କରି ନ ଥିଲେ । ରାତି ପାୟ ୧୨ଟା ପର୍ଯ୍ୟନ୍ତ ବିଜେଡି ନେତା, କର୍ମୀ, ପୂର୍ବତନ ସରପଞ୍ଚଙ୍କ ସମର୍ଥକମାନେ ଆନ୍ଦୋଳନ କରି ବିଫଳ ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ଯୁବତୀଙ୍କୁ ଗଣବଳାତ୍କାର

ବଡବିଲ, ୧୯।୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡି ଥାନା ଅଞ୍ଚଳରେ ଏକ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ରୁଗୁଡି ଥାନାରେ ଏନେଇ ଏକ ମାମଲା( ନଂ. ୯/୨୦୨୫) ୧୮ ତାରିଖରେ ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ଗତ ୧୬ ତାରିଖ ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ଟେକିନେଇ ଝାଡଗାଁ–ରୋଇଡା ରାସ୍ତା କଡ ଜଙ୍ଗଲରେ ୨ ଜଣ ଦୁର୍ବୃତ୍ତ ଗଣବଳାତ୍କାର ପରେ ଅଚେତ ହୋଇଯିବାରୁ ଛାଡି ଫେରାର ହୋଇଯାଇଥିଲେ।

# ଭିଜିଲାନ୍ସ ଜାଲରେ ଡେପୁଟି କଲେକ୍ଟର

କେନ୍ଦୁଝର,୧୯।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ପ୍ରଦାନ ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କେନ୍ଦୁଝର କଲେକ୍ଟୋରେଟର ଡେପୁଟି କଲେକ୍ଟର (ଭୂମି ଅଧିଗ୍ରହଣ) ଶରତ କୁମାର ଗିରି ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। କେନ୍ଦୁଝର ଭିଜିଲାନ୍ସ ୟୁନିଟ୍ ତାଙ୍କୁ ଗିରଫ କରିଛି। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ପରେ ଭିଜିଲାନ୍ସ ଟିମ୍ ତାଙ୍କ ଅଫିସ ସମେତ ତିନୋଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିବା ସୂଚନା ମିଳିଛି। ତଲାସୀ ଅଭିଯାନ ଜାରି ରହିଥିବା କେନ୍ଦୁଝର ଭିଜିଲାନ୍ସ ୟୁନିଟ୍‌ର ଡେପୁଟି ଅଧୀକ୍ଷକ ସୁଧାଂଶୁ ପୂଜାରୀ କହିଛନ୍ତି।



ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଜଜ୍ କୋର୍ଟ ୨୦୨୪ ସେପ୍ଟେମ୍ବରରେ ଅଭିଯୋଗକାରୀ ଚିତ୍ରସେନ ବ୍ରହ୍ମ ଏବଂ ତାଙ୍କ ଭାଇମାନଙ୍କ ମିଳିତ ଆକାଉଣ୍ଟରେ ୬,୯୬,୬୯୬ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ଅଭିଯୋଗକାରୀ ଡେପୁଟି କଲେକ୍ଟରଙ୍କ କାର୍ଯ୍ୟାଳୟକୁ ୫ରୁ ୬ ଥର ଯାଇ କ୍ଷତିପୂରଣ ରାଶି ସେମାନଙ୍କ ମିଳିତ ଆକାଉଣ୍ଟକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ଡେପୁଟି କଲେକ୍ଟର କ୍ଷତିପୂରଣ ରାଶି ସ୍ଥାନାନ୍ତର ପାଇଁ ୫୦ ହଜାର ଟଙ୍କା ଦାବି କରିଥିଲେ।


**କେରଳ କାଜୁ ବୋର୍ଡ ଲିମିଟେଡ୍ (କେସିବି)**

ଟିସି-୨୯/୪୦୧୬, ଓମେନ୍ସ କଲେଜ୍-ବେକରୀ ଜଙ୍କସନ୍ ରୋଡ୍ ଭାଜୁଥାକୌଡ଼, ଥିରୁଭାନନ୍ତପୁରମ୍, କେରଳ, ଭାରତ-୬୯୫୦୧୪

ଟେଲି: ୦୪୭୧ ୨୩୨୦୦୯୯, ଇମେଲ୍: kcb@keralacashewboard.com

Website: www.keralacashewboard.com

କେସିବି/୦୦୧/୧୨୦/୨୦୨୫/ଆଇଏନଡି ତାରିଖ: ୧୭।୦୨।୨୦୨୫

**ଇ-ଟେଣ୍ଡର ନୋଟିସ**

କେରଳ କାଜୁ ବୋର୍ଡ ଲିମିଟେଡ୍ ସମବାୟ ସମିତି/ ଏଫପିଓ/ଏଫପିସିଠାରୁ ଭାରତୀୟ ଉତ୍ପତ୍ତିର ୨୦୨୫ ମସିହାର ଫସଲରୁ ଜାତ ୫୦୦-୨୦୦୦ ମେଟ୍ରିକ୍ ଟନ୍ ଗୁଣବତ୍ତାଯୁକ୍ତ ଅଣ-ଶୃଙ୍ଖଳା କଞ୍ଚା କାଜୁ ବାଦାମ କ୍ରୟ ନିମନ୍ତେ ଇ-ପ୍ରୋକ୍ୟୋରମେଣ୍ଟ ପୋର୍ଟାଲ ଜରିଆରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଇ-ଟେଣ୍ଡର ଦାଖଲ ପାଇଁ ଶେଷ ତାରିଖ- ତା୧୮।୦୩।୨୦୨୫ରିଖ ୧୭.୦୦ ଘଟିକା । (ଟେଣ୍ଡର ଆଇଡି: ୨୦୨୫_କେସିବିଏଲ_୭୩୭୭୦୮_୧)

ସମସ୍ତ ବିବରଣୀ ଇ-ପ୍ରୋକ୍ୟୋରମେଣ୍ଟ ପୋର୍ଟାଲ www.etenders.kerala.gov.in ଜରିଆରେ ଦେଖାଯାଇପାରିବ, ଡାଉନଲୋଡ଼ ଏବଂ ଆବେଦନ କରାଯାଇପାରିବ । ସ୍ୱା./-

ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ


# ମା'ଙ୍କୁ ଠେଙ୍ଗାରେ ପିଟି ମାରିଦେଲେ ପୁଅ

### ପାରିବାରିକ କଳହର କରୁଣ ପରିଣତି

ନୀଳଗିରି, ୧୯।୨(ପ୍ରଶାନ୍ତ ବିଶ୍ୱାଳ)

ସାମାନ୍ୟ କଳହରୁ ହିତାହିତ ଜ୍ଞାନ ଭୁଲିଗଲେ ପୁଅ। ନିଜ ଜନ୍ମକଲା ମା'ଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିବାକୁ ପଛାଇଲେ ନାହିଁ। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ଥାନା ଜାମୁଡ଼ିହା ପଞ୍ଚାୟତ ବାଘମରା ଗାଁରେ।

ବୁଧବାର ଅପରାହ୍ନ ସମୟରେ କୌଣସି ଘଟଣାକୁ ନେଇ ମା' ଶଙ୍କି ସିଂ ଓ ପୁଅ ଦୁର୍ଗାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ପୁଅ ଉତ୍ତ୍ୟକ୍ତ ହେଇ ମାନସିକ ଭାରସାମ୍ୟ ହରାଇ ଏକ ଠେଙ୍ଗାରେ ମା'ଙ୍କୁ ନିର୍ଦ୍ଧୁମ୍ ପିଟି ଚାଲିଥିଲେ। ଘଟଣାସ୍ଥଳରେ ମା' ଶଙ୍କିଙ୍କ ମୃତ୍ୟୁ ହୋଇଥିଲା। ଗାଁ ଲୋକେ ଏନେଇ ପୋଲିସକୁ ଖବର ଦେଇଥିଲେ। ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ, ନୀଳଗିରି ଥାନା ଭାରପ୍ରାପ୍ତ ଆଇଆଇସି ସୁବର୍ଣ୍ଣା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡିକାଲ ପଠାଇଛନ୍ତି। ଏନେଇ ମାମଲା (ନଂ.୬୪/୨୫) ରୁଜୁ କରାଯାଇ ଅଭିଯୁକ୍ତ ପୁଅ ଦୁର୍ଗାଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି।

# ଚାକିରିରୁ ବହିଷ୍କୃତ ହେଲେ ଲାଞ୍ଚୁଆ ରାଜସ୍ୱ ନିରୀକ୍ଷକ

ଭବାନୀପାଟଣା,୧୯।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଆର୍‌ଆଇ ଅଫିସର ପୂର୍ବତନ ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ବରାଡ ୨୦୨୧ ମସିହାରେ ଜମି ଡିମାର୍କେଶନ ରିପୋର୍ଟ ଆବେଦନକାରୀଙ୍କ ସପକ୍ଷରେ କରାଇଦେବା ପାଇଁ ୨ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହି ମାମଲାର ଚୂଡାନ୍ତ ରାୟ ଗତ ଜାନୁଆରୀ ଶେଷରେ ପ୍ରକାଶ ପାଇଥିଲା। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକ ବରାଡ଼ଙ୍କୁ ଦୋଷୀ ସାବ୍ୟସ୍ତ କରି ତିନିବର୍ଷ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଥିଲେ। ଏହି ମାମଲାରେ ବୁଧବାର ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ସରକାର ଚାକିରିରୁ ବହିଷ୍କାର କରିଛନ୍ତି। ଏ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଆବେଦନକାରୀ ବିରଞ୍ଚି ଚୌଧୁରୀ ନିଜ ଜମି ଡିମାର୍କେଶନ ନିମନ୍ତେ କର୍ଲାମୁଣ୍ଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଡିମାର୍କେଶନ ରିପୋର୍ଟ ସପକ୍ଷରେ କରାଇଦେବା ପାଇଁ ରାଜସ୍ୱ ନିରୀକ୍ଷକ ବରାଡ଼ ୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସମ୍ପର୍କରେ ଆବେଦନକାରୀ ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରିଥିଲେ। ଯୋଜନା ମୁତାବକ ୨୦୨୧ ଏପ୍ରିଲ ୨୨ରେ ରାଜସ୍ୱ ନିରୀକ୍ଷକ ବରାଡ଼ ବିରଞ୍ଚିଙ୍କଠାରୁ ୨ ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ।


**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌୦ଏସ୍‌ଏଲ୍‌ଇ(ଡିଏସ୍‌ପିଏଲ୍)/୪/୨୦୨୪-ଏସ୍‌ଏଲ୍‌ଇ/୫ ତାରିଖ: ୧୮।୦୨।୨୦୨୫

**ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ**

| ମଣ୍ଡଳ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ମଣ୍ଡଳ | ତା୨୮।୦୨।୨୦୨୫, ୦୭।୦୩।୨୦୨୫, ୧୭।୦୩।୨୦୨୫, ୨୮।୦୩।୨୦୨୫ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀର ବିବରଣୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ ।

(PR-1154) ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଗାର୍ଡେନ୍ ରିଚ୍

South Eastern Railway
We serve with a smile



**झारखण्ड सरकार**
**ग्रामीण कार्य विभाग,**
**कार्यपालक अभियंता का कार्यालय,**
**तृतीय तल्ला, नया समाहरणालय भवन,**
**पपरवाटांड़, गिरिडीह, झारखण्ड – 815301**

**शुद्धि पत्र**

ई–अल्पकालीन पुनर्निविदा आमंत्रण संख्या – **29/R1/2024-25/RWD/EE/GIRIDIH** दिनांक **07.02.2025** जिसका **PR No. - 346017** में अपरिहार्य कारणों से निम्नलिखित संशोधित किया जाता है। जिसके अनुरूप ही निविदा की कार्यवाही सुनिश्चित की जायेगी, जो निम्नवत् है :–

1. ई–निविदा प्राप्ति की अंतिम तिथि एवं समय :– **28.02.2025** अपराह्न **05.00** बजे तक।
2. निविदा खोलने की तिथि एवं समय :– **03.03.2025** अपराह्न **03.30** बजे।
3. निविदा की अन्य नियम एवं शर्तें यथावत रहेंगी।

ह0/–
कार्यपालक अभियंता
ग्रामीण कार्य विभाग,कार्य प्रमण्डल, गिरिडीह

**PR 346735**
**REO(24-25).D**



**झारखण्ड सरकार**
**पेयजल एवं स्वच्छता प्रमंडल, सरायकेला**

**"शुद्धि पत्र"**

P.R. No-346656 Water Resource (24-25)* D

एतद द्वारा सर्वसाधारण को सूचित किया जाता है कि ई0 निविदा सूचना संख्या– DWSD/SKL/MVS/29/2024-25 दिनांकः–18.02.2025 को निम्नवत् विवरणी को इस हद तक संशोधित समझा जाय।

| | पूर्व में | संशोधित |
|---|---|---|
| प्राक्कलित राशि | रू0 771.81 लाख | रू0 669.22 लाख |
| अग्रधन की राशि | रू0 7.72 लाख | रू0 6.70 लाख |

पढ़ा जाय। शेष यथावत रहेगी।

कार्यपालक अभियन्ता
पेयजल एवं स्वच्छता प्रमण्डल
सरायकेला

PR 346810 (Drinking Water and Sanitation) 24-25 (D)


# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ଭୁବନେଶ୍ୱର,୧୯।୨(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ମୈତ୍ରୀବିହାର ଥାନା ଅନ୍ତର୍ଗତ ହାତିଆଶୁଣୀ ପାଣି ଟାଙ୍କି ନିକଟରେ ମଙ୍ଗଳବାର ମଧ ରାତିରେ ଡକାୟତି ପାଇଁ ଯୋଜନା ଚାଲିଥିବା ସମୟରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ବାୟାବାବା ବସ୍ତିରେ ରହୁଥିବା ଢେଙ୍କାନାଳ ସଦର ଥାନା ଅଞ୍ଚଳର ରାହୁଲ କୁମାର ସାହୁ(୨୨) ଓ କୃଷ୍ଣ ଚନ୍ଦ୍ର ସାହୁ, କେନ୍ଦୁଝର ଘଟଗାଁ ଥାନା ଅଞ୍ଚଳର ହେମାନନ୍ଦ ମୋଦି(୩୦), କଟକ ଜିଲା ତିଗିରିଆର ବବୁଲ ବେହେରା(୨୦) ଓ ଆଠଗଡ଼ର ରତିକାନ୍ତ ଶତପଥୀ (୩୨)। ସେମାନଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ ହୋଇଛି। ସେହିପରି ଗୋଟିଏ ଲୁହା ରଡ, ୫ଟି ମୋବାଇଲ, ନଗଦ ୨ହଜାର ଟଙ୍କା, ଲଙ୍କା ଗୁଣ୍ଡ, ମଦ ବୋତଲ ଜବତ ହୋଇଛି। ଅଭିଯୁକ୍ତମାନେ ରାସ୍ତା ଦେଇ ଯାଉଥିବା ଲୋକଙ୍କୁ ଟାର୍ଗେଟ କରି ଡକାୟତି କରିବା ପାଇଁ ଯୋଜନା କରୁଥିବା ପୋଲିସ କହିଛି।



ଗିରଫ ଅଭିଯୁକ୍ତ, ଜବତ ବନ୍ଧୁକ, ମଦ

# ନକଲି ବିଦେଶୀ ମଦ ତିଆରି କାରଖାନା ଠାବ

ଜୟପାଟଣା,୧୯।୨ (ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖିଗୁଡାଠାରେ ସ୍ଥାନୀୟ ଅବକାରୀ ବିଭାଗ ବୁଧବାର ଏକ ନକଲି ବିଦେଶୀ ମଦ ତିଆରି କାରଖାନା ଠାବ କରିଛି। ମୁଖିଗୁଡ଼ା ମାଝୀପଡ଼ାଠାରେ ଖୁସିରାମ ସାହୁ ଓରଫ କ୍ଷମା ସାହୁ ନିଜ ଘରେ ମେଶିନ ବସାଇ ନକଲି ବିଦେଶୀ ମଦ ତିଆରି କରୁଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ତଦନୁଯାୟୀ ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକଙ୍କ ନିର୍ଦ୍ଦେଶ କ୍ରମେ ଜୟପାଟଣା ଓ ଧର୍ମଗଡ଼ ଅବକାରୀ ବିଭାଗ କର୍ମଚାରୀ ମିଳିତ ଭାବେ ଚଢାଉ କରିଥିଲେ। ଏହି ସମୟରେ ସେଠାରୁ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡର ନକଲି ମଦ, ଲେବେଲ, ମଦ ତିଆରି ସାମଗ୍ରୀ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଖୁସିରାମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଦୀର୍ଘଦିନ ହେଲା ଏଠାରେ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଥିବା କୁହାଯାଉଛି। ଏହି ଚଢ଼ାଉରେ ଧର୍ମଗଡ ରେଞ୍ଜ ଇନ୍ସପେକ୍ଟର ସୁଧାଂଶୁ ମୁଣ୍ଡା, ଓଆଇସି ପ୍ରତିମା ବେହେରା, ଜୟପାଟଣା ଅବକାରୀ ଓଆଇସି ନରେନ୍ଦ୍ର ମିଞ୍ଜଙ୍କ ସମେତ ଷ୍ଟାଫ ସାମିଲ ଥିଲେ।



ଜବତ ହୋଇଥିବା ନକଲି ବିଦେଶୀ ମଦ।

# କଲେଜ ଛାତ୍ରଙ୍କ ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲେ ବାପା

ଖଲ୍ଲିକୋଟ,୧୯।୨(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଜଗନ୍ନାଥ ବିହାର ପଛପଟେ ଥିବା ଜୟଦୁର୍ଗା ପାହାଡ଼ ଉପରୁ ବୁଧବାର ଜଣେ କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ କବିସୂର୍ଯ୍ୟନଗର ଥାନା ଦେଓଗାଁର ବାଦଲ ପଲେଇ। ବାଦଲ ଖଲ୍ଲିକୋଟ ଆର୍‌ସିଏମ୍ କଲେଜର ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷରେ ପଢୁଥିଲେ। ସେ ବସ୍‌ରେ ଘରୁ କଲେଜକୁ ଯିବା ଆସିବା କରୁଥିଲେ। ପୁଅକୁ ହତ୍ୟା କରାଯାଇଥିବା ବାଦଲଙ୍କ ବାପା ପିତାମ୍ବର ପଲେଇ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରୁଛି।



ବୁଧବାର ଅପରାହ୍ନରେ କେତେଜଣ ବ୍ୟକ୍ତି ଜୟଦୁର୍ଗା ପାହାଡ଼କୁ ଯାଇଥିବା ବେଳେ ଏକ ଗଛ ଡାଳରେ ମୃତଦେହ ଝୁଲୁଥିବା ଓ ତଳେ ବ୍ୟାଗ୍ ଏବଂ ଚପଲ ଥିବା ଦେଖି ଖଲ୍ଲିକୋଟ ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ ସେଠାରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ବ୍ୟାଗ ଭିତରେ ଖାତା, କଲେଜ ଡ୍ରେସ ଓ ମୋବାଇଲ ଫୋନ ଥିଲା। ଖବରପାଇ ଘଟଣା ସ୍ଥଳରେ ପରିବାର ଲୋକେ ପହଞ୍ଚିବା ପରେ ପୁଅକୁ ଚିହ୍ନଟ କରିବା ସହ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ବାଦଲର ଜନ୍ମିତ ମା ନାହିଁ ସାବତ ମାଆ ପାଖରେ ରହୁଥିଲା।


**OFFICE OF THE EXECUTIVE ENGINEER**
**Road Construction Department, Road Division Ranchi.**

**Short Notice- Inviting e-quotation Invitation Notice**
**Notice No. RCD/Ranchi-02/2024-25, (2nd Call), (First PR No.-345813)**

Quotations are invited for "Cast in situ pile of 2.00 m dia boring work as per below details, at Different ROB projects in Ranchi district in the state of Jharkhand."

All charges for executing "bored cast-in-situ M35 grade R.C.C. Pile excluding Reinforcement complete as per Drawing and Technical Specifications and removal of excavated earth with all lifts and lead upto 2000 m. (Piling rig of Bauer BG40 or of equivalent capacity inclusive of mobilization & demobilization of resources, Internal shifting of resource, fuels & lubricants, operator, all accessories tools, tackles, polymer, consumables and workmen)"

Quotatioers should quote their rates for unit mentioned in the table. The quotationer may quote rate for the item/work concerned. The rates should be exclusive of GST and Labour Cess.

1. The quotationer shall furnish Pan, GST registration certificate.
2. The rate quoted by quotationer shall be firm and final.
3. The undersigned reserves the right to accept or reject/cancel any or all quotations without assigning any reason thereof.
4. Quotationer may quote rate for all the Works/Items / any Items for which they are concerned.
5. The quotationer shall quote latest and authentic rate which shall reflect market rate.
6. The quotationer must submit complete rate analysis of all E-quoted items/Work duly signed by the quotationer.
7. The quotationer should have necessary Portal enrolment with their own digital signature Certificate.
8. For any query or clarification you may Contact Executive Engineer RCD, Road Division, Ranchi. Detail requirement for qualifying quotationer and experience can be seen in terms and conditions on jharkhandtenders.gov.in.

नोट :– (1) वेबसाईट में ई–कोटेशन प्रकाशन की तिथि– 20.02.2025 के अपराह्न 12:00 बजे।
(2) वेबसाईट में ई–कोटेशन अपलोड की तिथि– 20.02.2025 के अपराह्न 12:00 बजे।
(3) ई–कोटेशन खोलने की तिथि– 06.03.2025 के अपराह्न 12:30 बजे।
(4) ई–कोटेशन आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, पथ निर्माण विभाग, पथ प्रमंडल, राँची।
(5) ई–कोटेशन प्रकोष्ठ का दूरभाष सं0 :– 0651–2361018
(6) ई–कोटेशन खोलने का स्थान :– मुख्य अभियंता(या0), पथ निर्माण विभाग, झारखण्ड, राँची।
विस्तृत जानकारी के लिए बेवसाईट jharkhandtenders.gov.in में देखा जा सकता है।

**Address for Communication :-**
Executive Engineer, Road Construction Department, Road Division, Ranchi.
Near State Guest House, Mohrabadi, Ranchi-834008.
e- mail ID –eercdranchi-jhr@nic.in, eercdranchi.jhr@gmail.com

**Executive Engineer**
**RCD, Road Division, Ranchi.**

**PR 346744 Road Construction Dept Road Division Ranchi(24-25)#D**

## ସଂକ୍ଷେପରେ

### ଦଶମ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆର.ଉଦୟଗିରି,୧୯।୨(ମନୋଜ କୁମାର ପାତ୍ରୀ) ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟରେ ବୁଧବାର ଦଶମ ଛାତ୍ରୀଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଛେଳିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବନମାଳୀ ବଡ଼ରଇତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ପରୀକ୍ଷାରେ ଭଲ ଫଳ ପ୍ରଦର୍ଶନ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଶେଷରେ ହିନ୍ଦୀ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବାହାଡ଼ାପଦରରେ ଗାୟତ୍ରୀ ମହାଯଜ୍ଞ

ଭଞ୍ଜନଗର,୧୯।୨(ବାବୁଲା ପ୍ରଧାନ) ଭଞ୍ଜନଗର ବ୍ଲକ ବାହାଡ଼ାପଦରରେ ରବିବାରଠାରୁ ଶକ୍ତି ସମ୍ବର୍ଦ୍ଧନ ୨୪ କୁଣ୍ଡୀୟ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। ଏଥିସହ ୨୪ ପ୍ରହର ନାମଯଜ୍ଞ ମଧ ଚାଲିଛି। ମଙ୍ଗଳବାର ସନ୍ଧ୍ୟାରେ ୧୦୦୮ ଦୀପଦାନ କରାଯାଇଛି। ମହାଯଜ୍ଞ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଗାୟତ୍ରୀ ପରିବାର ଏବଂ ବାହାଡ଼ାପଦର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

### ଏମ୍‌ପିଙ୍କୁ ଦାବିପତ୍ର ଦେଲା ଜିଲା ନାଗରିକ କମିଟି

ବାଲିଗୁଡା,୧୯।୨(ସଞ୍ଜୟ କୁମାର ପାଣିଗ୍ରାହୀ) କନ୍ଧମାଳ ଜିଲା ବାଲିଗୁଡା ଏନଏସିରେ ଦୀର୍ଘଦିନ ହେଲା ବିଭିନ୍ନ ଅସୁବିଧା ଓ ସମସ୍ୟା ଲାଗି ରହିଛି। ୱାର୍ଡ ନଂ. ୨, ୫, ୬, ୭ରେ ମଶାଣି ଜମି ଚିହ୍ନଟ ହୋଇ ନ ଥିବାରୁ ଦିନକୁ ଦିନ ଜମି ବେପାରୀଙ୍କ ଜମି ଦଖଲ ବୃଦ୍ଧି ପାଉଛି। ଫଳରେ ମଶାଣି ପାଇଁ ରହିଥିବା ଜମି ସଙ୍କୁଚିତ ହେବାରେ ଲାଗିଛି। ବାଲିଗୁଡାର ବାସିନ୍ଦା ପୁରୁଷାନୁକ୍ରମେ ଚାଷ କରି ଆସୁଥିଲେ ମଧ ବହୁ ଲୋକ ଜଙ୍ଗଲ ଜମି ପଟ୍ଟା ପାଇନାହାନ୍ତି। ଏନେଇ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ରହିଥିଲେ ମଧ ଲୋକଙ୍କୁ ଜଙ୍ଗଲ ଜମିପଟ୍ଟା ମିଳିନାହିଁ। ବାଲିଗୁଡାର ବିଭିନ୍ନ ୱାର୍ଡ ପାଇଁ ମଶାଣି ଜମି ଚିହ୍ନଟ ସହ ଆନୁସାଙ୍ଗିକ ବ୍ୟବସ୍ଥା କରିବା, ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦେବାକୁ ଜିଲା ନାଗରିକ କମିଟି ବ୍ଲକ ସଂଯୋଜକ ପ୍ରମୋଦ ଦଣ୍ଡସେନା ଏମ୍‌ପି ପାଣିଗ୍ରାହୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

### ଶିକ୍ଷାବିଭାଗ ପକ୍ଷରୁ ସମୀକ୍ଷା ବୈଠକ

ଦିଗପହଣ୍ଡି,୧୯।୨(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବିଡ଼ିଓ ଡ଼.ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ ଯୋଗଦେଇ ବିଦ୍ୟାଳୟ ମାନଙ୍କରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ, ଜାତୀୟ ବିଜ୍ଞାନ ଦିବସ, ମାତୃଭାଷା ଦିବସ ଏବଂ ନିପୁଣ ଓଡ଼ିଶା ମେଳା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ବ୍ଲକ୍ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ରବା ପାଇକ, ରସାନନ୍ଦ ଘଡେଇ, ୧୬ କ୍ଲଷ୍ଟରର ସମସ୍ତ ସିଆର୍‌ସିସିଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷକ ବୃନ୍ଦ ଯୋଗଦେଇ ଥିଲେ।

# ୨୫ ବର୍ଷ ପରେ ବି ସମାଧାନ ହେଲାନି

## ବାଲିଛାଇ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ

ଆସିକା,୧୯।୨(ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଅନ୍ତର୍ଗତ ବାଲିଛାଇ ଗ୍ରାମରେ ଦୀର୍ଘ ୨୫ବର୍ଷ ଧରି ଗ୍ରାମବାସୀ ଓ ସେହି ଗ୍ରାମରେ ବସବାସ କରୁଥିବା ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଅସବର୍ଣ୍ଣ ପରିବାରଙ୍କ ମଧ୍ୟରେ ତିକ୍ତତାରୁ ଅସବର୍ଣ୍ଣ ପରିବାର ଗାଁ ଛାଡି ଅନ୍ୟତ୍ର ରହୁଛନ୍ତି। ଭିଟାମାଟିରୁ ବିସ୍ଥାପିତ ହୋଇଥିବା ଅସବର୍ଣ୍ଣ ପରିବାରକୁ ପୁଣି ଗ୍ରାମରେ ଥଇଥାନ ଲାଗି ପ୍ରଶାସନ ପକ୍ଷରୁ ବହୁବାର ଉଦ୍ୟମ ହୋଇଥିଲେ ମଧ ସଫଳ ହୋଇପାରିନାହିଁ। ଏହି ପରିସ୍ଥିତିରେ ବୁଧବାର ଆସିକା ବ୍ଲକ ସଭା ଗୃହରେ ଏକ ଆଲୋଚନା ବୈଠକ ହୋଇଛି। ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସିକା ତହସିଲଦାର ସଂଗୀତା ସେନ, ବିଡିଓ ସାଗରିକା ଷଡଙ୍ଗୀ, ଡେପୁଟି କଲେକ୍ଟର ଅମିତ ହୋତା, ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଓ ଗ୍ରାମବାସୀଙ୍କ ପକ୍ଷରୁ ବାଲିଛାଇ ଗ୍ରାମ ସଭାପତି ଜୟରାମ ନାୟକ, ସଂପାଦକ ବାଲାଜୀ ଦୋରା, କୋଷାଧ୍ୟକ୍ଷ ଦିଲ୍ଲୀପ ବିଷୋୟୀ ଓ ପ୍ରଶାନ୍ତ ସାହୁ ଯୋଗଦେଇଥିଲେ। ଅସବର୍ଣ୍ଣଙ୍କ ପକ୍ଷରୁ ବାବୁଲା ନାୟକ, ଟୁନା ନାୟକ, ସାବିତ୍ରୀ ନାୟକ, ଭାଗ୍ୟଲତା ନାୟକ, ବବିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାରେ ଉଭୟ ପକ୍ଷ ମଧ୍ୟରେ ସହମତିର କୌଣସି ସୁରାକ ମିଳିନଥିଲା। ତେବେ ପ୍ରଶାସନ ପକ୍ଷରୁ ଆସନ୍ତା ୨୪ ତାରିଖରେ ଗ୍ରାମରେ ଅସବର୍ଣ୍ଣ ପରିବାରଙ୍କ ଘର, ଜମି ଆଦି ଚିହ୍ନଟ ଲାଗି ନିଷ୍ପତ୍ତି ନିଆଯାଇଥିବା ଓ ବାଲିଛାଇ ଗ୍ରାମବାସୀ ଏଥିରେ ସହଯୋଗ କରିବା ଲାଗି ନିବେଦନ କରାଯାଇଥିଲା। ଅପରପକ୍ଷେ ଅସବର୍ଣ୍ଣଙ୍କ ପକ୍ଷରୁ ୭ଦଫା ଦାବି ପତ୍ର ଦିଆଯାଇଥିଲା। ଏଥିରେ ସମସ୍ତ ପରିବାରକୁ ଆବାସ ଘର, ଗ୍ରାମରେ ସ୍ଥାୟୀ ପୋଲିସ ଫାଣ୍ଡି ପ୍ରତିଷ୍ଠା, ତାଲିକାରୁ ବାଦ ପଡିଥିବା ଅସବର୍ଣ୍ଣ ପରିବାରଙ୍କୁ ସମ୍ପର୍କରେ ବିଚାର, ଅସବର୍ଣ୍ଣ ପରିବାରଙ୍କ ଜୀବନଧାରଣ ଲାଗି କ୍ଷତିପୂରଣ ବାବଦରେ ୭ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପ୍ରଦାନ, ପରିବାରର ଜଣକୁ ସରକାରୀ ଚାକିରୀ ଆଦି ଦାବି ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୨୦୦୦ ଫେବୃଆରୀ ୨୦ ତାରିଖରେ ଗ୍ରାମର ଏକ ତେଜରାତି ଦୋକାନରୁ ଜଣେ ଅସବର୍ଣ୍ଣ ଯୁବକ ମିକ୍ସଚର କିଣିନେବା ଘଟଣା ପରେ ଉଗ୍ରରୂପ ନେଇଥିଲା। ପରିଣାମ ସ୍ୱରୂପ ଗ୍ରାମର ୨୫ରୁ ଉର୍ଦ୍ଧ୍ୱ ଅସବର୍ଣ୍ଣ ପରିବା ର ସେହି ଦିନ ଠାରୁ ଗାଁ ଛାଡି ବିଭିନ୍ନ ସ୍ଥାନରେ ବସବାସ କରୁଛନ୍ତି।

## ମାଟ୍ରିକ ପରୀକ୍ଷା ପରିଚାଳନା ପ୍ରସ୍ତୁତି ବୈଠକ



ବୁଗୁଡ଼ା,୧୯।୨(କାଳିଚରଣ ଦାଶ) ଚଳିତ ବର୍ଷର ଦଶମ ଶ୍ରେଣୀ ପରୀକ୍ଷା ଫେବୃୟାରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବାବେଳେ ଏହାକୁ ଶୃଙ୍ଖଳିତ କରିବା ପାଇଁ ବୁଧବାର ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବିଡ଼ିଓ ଦୃତିକୃଷ୍ଣ ପାତ୍ରଙ୍କ ପୌରୋହିତ୍ୟରେ ମାଟ୍ରିକ ପରୀକ୍ଷା ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ତହସିଲଦାର ତାପସ ରାଉତ, ବିଇଓ ଚିନ୍ମୟ ମହାପାତ୍ର ଓ ପିପୁଲ୍ଲ ହାଇସ୍କୁଲ ନୋଡାଲ୍ ସେଣ୍ଟର ସୁପରଭାଇଜର କାଳୀ ଚରଣ ବେହେରା ମଞ୍ଚାସୀନ ଥିଲେ। ଏଥିରେ ଏବିଇଓ ତପସ୍ୱିନୀ ସାହୁଙ୍କ ସମେତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ୧୦ଟି ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟ୍ ଏବଂ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ଯୋଗ ଦେଇଥିଲେ। ଏହି ଅବସରରେ ପରୀକ୍ଷା ପରିଚାଳନା ନିମନ୍ତେ ସରକାରୀ ନିର୍ଦ୍ଦେଶାବଳୀ ସମ୍ପର୍କେ ବ୍ୟାପକ ଆଲୋଚନା କରାଯାଇଥିଲା। ଏଥି ସହ ପରୀକ୍ଷା କେନ୍ଦ୍ର ଗୁଡିକରେ ନିର୍ଦ୍ଧାରିତ ସମୟ ସୁଦ୍ଧା ପ୍ରଶ୍ନପତ୍ର ପ୍ରଦାନ ଏବଂ ଉତ୍ତର ଖାତା ଗ୍ରହଣ ପାଇଁ ଗଠିତ ଦୁଇଟି ଟିମକୁ ସହଯୋଗ କରିବାକୁ କେନ୍ଦ୍ର ସୁପରିଟେଣ୍ଡେଣ୍ଟମାନେ ଯତ୍ନବାନ ହେବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା।

## ସାଧୁସନ୍ଥ ସମ୍ମିଳନୀରେ ସରିଲା ରାମଚଣ୍ଡୀ ମହୋତ୍ସବ

ଛତ୍ରପୁର,୧୯।୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ନିଳାଦ୍ରୀପୁର ନିକଟ ପାହାଡ଼ରେ ବିରାଜିତା ମା' ରାମଚଣ୍ଡୀଙ୍କ ପୀଠଠାରେ ୩ ଦିନ ଧରି ଚାଲିଥିବା ମା ରାମଚଣ୍ଡୀ ମହୋତ୍ସବ-ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପ୍ରୟାଗରାଜ ମହାକୁମ୍ଭ ମେଳାରେ ବୁଡ଼ ପକାଇ ଫେରି ଆସିଥିବା ୧୨୧ ଜଣ ସାଧୁସନ୍ଥଙ୍କୁ ମା'ଙ୍କ ପୀଠକୁ ଆମନ୍ତ୍ରିତ କରି ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱରର ସନ୍ଥଶ୍ରୀ ଶଙ୍କରାନନ୍ଦ ଗିରି, ମହେନ୍ଦ୍ରଗିରିର ସନ୍ଥଶ୍ରୀ ତ୍ରିଦଣ୍ଡି ସ୍ୱାମୀ ଭାସ୍କର ତୀର୍ଥ, ପୋଲସରାର ପ୍ରଜ୍ଞାନନ୍ଦ ମହାରାଜ, ଚୈତନ୍ୟ ମଠର ମହନ୍ତ ରାଧାବିନୋଦ ଦାସ, ହରି ମହାରାଜ ପ୍ରମୁଖ ବହୁ ସାଧୁସନ୍ଥ ଭାରତ ବର୍ଷରେ ସନାତନ ଧର୍ମର ସୁରକ୍ଷା ଓ ହିନ୍ଦୁ ସନାତନୀମାନଙ୍କ ପ୍ରଚାର ପ୍ରସାର କରି ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ଭକ୍ତମାନଙ୍କ ଗହଣରେ ଜାଗରଣ ସୃଷ୍ଟି କରିଥିଲେ। ଏଥିସହ ବିଭିନ୍ନ ଶକ୍ତିପୀଠ ଗୁଡ଼ିକର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣା ନିହାତି ଆବଶ୍ୟକ ବୋଲି ମତପ୍ରକାଶ କରିଛନ୍ତି। ଶକ୍ତିପୀଠର ମହତ୍ତ୍ୱ ବଜାୟ ରଖିବା ଉଦ୍ଦେଶ୍ୟରେ ରାମଚଣ୍ଡୀ ମନ୍ଦିରରେ ୧୦୮ କୁମ୍ଭ ସ୍ଥାପନ କରାଯାଇଥିଲା। ମନ୍ଦିର ବେଢ଼ା ପରିସରରେ ବେଦମନ୍ତ୍ର ଉଚ୍ଚାରଣ, ବିବିଧ କର୍ମକାଣ୍ଡର ବିଧାନ ତଥା ଦେବୀଙ୍କଠାରେ ୧୦୮ ବେଲପତ୍ର ଅଭିଷେକ, ଚଣ୍ଡୀପାଠ, ସାଧୁ ସନ୍ଥଙ୍କ ଆଧ୍ୟାତ୍ମିକ ଜାଗରଣ ଓ ଆଶ୍ରିବଚନରେ ଭକ୍ତମାନେ ସିଦ୍ଧି ଲାଭ କରିଛନ୍ତି। ଆଶ୍ରିବଚନ ପରେ ସାଧୁସନ୍ଥମାନେ ଅପରାହ୍ନରେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ମନ୍ଦିର କମିଟିର ଆବାହକ ସଂଯୋଜକ କମଳ କୁମାର ପଣ୍ଡା, ଟ୍ରଷ୍ଟି ମଞ୍ଜୁଳା ପଣ୍ଡା, ଲକ୍ଷ୍ମୀ ନୃସିଂହ ପଣ୍ଡା, ରାମଚଣ୍ଡୀ ମନ୍ଦିର ପୂଜା କମିଟି ସମ୍ପାଦକ ତଥା ଆବାହକ କୃଷ୍ଣ ଚନ୍ଦ୍ର ନାୟକ, କର୍ମକର୍ତ୍ତା ତୁଷାର ଶତପଥୀ, ଜ୍ୟୋତିଷ ବିଶାରଦ ଦୀପକ ଦାସ, ସ୍ଥପତି ପଣ୍ଡିତ ବିଜୟ ତ୍ରିପାଠୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ରାମଚଣ୍ଡୀ ପୀଠ ପରିସରରେ ଉପସ୍ଥିତ ସାଧୁସନ୍ଥ।

### ପିକଅପ୍ ଭ୍ୟାନ୍-ବାଇକ ଧକ୍କା: ଜଣେ ମୃତ

ଚାନ୍ଦିପୁଟ/ମୋହନା,୧୯।୨(କେ. ପ୍ରମୋଦ କୁମାର ଦୋରା/ମନ୍ମଥ ମିଶ୍ର):

ମୋହନା ବ୍ଲକ ଅନ୍ତର୍ଗତ ଚାନ୍ଦିପୁଟଠାରୁ ବୁଧବାର ଗୁବୁରୀଗୁଡାକୁ ଏକ ବାଇକ୍‌ରେ ଆସୁଥିବା ୨ ଜଣଙ୍କୁ ପିକ୍‌ଅପ୍ ଭ୍ୟାନ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଶ୍ୟାମ ସୁନ୍ଦର ମାହାଙ୍କୁଡ ପୁଅ କାଳିଆ ମାହାଙ୍କୁଡ (୨୬)। ଅନ୍ୟ ବାଇକ୍ ଆରୋହୀ ମାର୍କଣ୍ଡ ପାଇକ (୬୦) ଗୁରୁତର ଆହତ ହୋଇଛନ୍ତି। ଉଭୟେ ନିଜର କାମ ସାରି ବାଇକ (ନଂ ଓଡି ୦୭ଏଇ ୧୭୮୭) ଯୋଗେ ଗୁବୁରୀଗୁଡାକୁ ଫେରୁଥିଲେ। ବାଟରେ ପିକଅପ୍ ଭ୍ୟାନ୍ (ନଂ ଓଡି ୦୨ବିଜେଡ୍‌୭୦୯୬) ଦ୍ରୁତ ଗତିରେ ଆସି ବାଇକକୁ ଧକ୍କା ଦେଇଥିଲା। ମୁମୂର୍ଷୁ ଅବସ୍ଥାରେ ଉଭୟଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀଙ୍କୁ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ନିଆଯାଇ ଥିଲା। ସେଠାରେ କାଳିଆଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମାର୍କଣ୍ଡଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଯୋଗୁଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।

### ରାଇସିଂ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

ରାମଗିରି,୧୯।୨(ବୃନ୍ଦାବନ ଗୌଡ଼) ଆର.ଉଦୟଗିରି ବ୍ଲକ ଅନଘା ପଞ୍ଚାୟତସ୍ଥିତ ରାଇସିଂ ସରକାରୀ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳନ୍ଦୀ ଚରଣ ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ବେହେରା ୨୦୨୪-୨୫ ଶିକ୍ଷା ବର୍ଷ ଏବଂ ଅତୀତର ବିବରଣୀ ପଠନ କରିଥିଲେ। ଅନଘା ସରପଞ୍ଚ ସୁବାସିନୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଆର.ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ମୁଖ୍ୟବକ୍ତା ଭାବେ ରାମଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି, ଅନଘା ସମିତି ସଭ୍ୟ ବିଭୁତି ଭୂଷଣ ନାୟକ, ଆର. ଦୟଗିରି ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରା, ମକୁନ୍ଦପୁର, ଡ଼ମ୍ବଡ଼ିଅ, ଅନଘା ଓ ଅନ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନ୍ତର୍ଯାମୀ ନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାମଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଅଞ୍ଜିତ କୁମାର ପରିଚ୍ଛା ଏବଂ ଡ଼ଃ. ବି. ଆର ଆମ୍ବେଦକର ଜାତୀୟ ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପକ ବାୟାଧର ବଡ଼କୁମର ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଚାଲିକି ପାଟ୍ରୋଲିଂ କରିବେ ଅଧିକାରୀ, କର୍ମଚାରୀ

### ଜଙ୍ଗଲ ପୋଡ଼ି ଆରମ୍ଭ, ଜବରଦଖଲ ସମସ୍ୟା

ଭଞ୍ଜନଗର,୧୯।୨(ବାବୁଲା ପ୍ରଧାନ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଗତ କିଛିଦିନ ହେବ ଜଙ୍ଗଲ ପୋଡ଼ି ଆରମ୍ଭ ହୋଇଛି। ସେଥିମଧ୍ୟରୁ ଗୋଟିଏ ସାଟେଲାଇଟ୍‌ରେ ଧରାପଡ଼ିଥିବା ବେଳେ ଅନ୍ୟଗୁଡ଼ିକୁ କର୍ମଚାରୀମାନେ ନିଆଁକୁ ତୁରନ୍ତ ନିୟନ୍ତ୍ରଣ କରିଦେଇଥିବାରୁ ଚିତ୍ର ଆସି ନ ଥିବା ଅନୁମାନ କରାଯାଉଛି। ଅନ୍ୟପଟେ ଏହି ବନଖଣ୍ଡର କେତେକ ରେଞ୍ଜରେ ପୋଡୁଚାଷ, ଜଙ୍ଗଲ ଜବରଦଖଲ ସମସ୍ୟା ରହିଥିବା ଅଭିଯୋଗ ହୋଇଛି। ବୁଧବାର ବିଭିନ୍ନ ରେଞ୍ଜର ବନପାଳମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ବିଭାଗୀୟ ଉଚ୍ଚ ପଦାଧିକାରୀ ପାଦଚଲା ପାଟ୍ରୋଲିଂ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ ବୋଲି କହିଥିଲେ। ବନରକ୍ଷୀମାନେ ଜଙ୍ଗଲରେ ମାସକୁ ୭୦ କି.ମି. ପାଦଚଲା ପାଟ୍ରୋଲିଂ କରିବେ। ବନପାଳ ୪୦ କି.ମି. ପାଟ୍ରୋଲିଂ କରିବେ। ସେହିପରି ମାସକୁ ରେଞ୍ଜର ୧୫ କି.ମି., ଏସିଏଫ୍ ୧୦ କି.ମି. ଏବଂ ଡ଼ିଏଫଓ ୫ କି.ମି. ପାଦଚଲା ପାଟ୍ରୋଲିଂ କରିବେ। ଏଥିପାଇଁ ବିଭାଗ ପକ୍ଷରୁ ଓଏଫ୍‌ଏମଏସ୍ ଆପ୍ କର୍ମଚାରୀମାନେ ବ୍ୟବହାର କରୁଛନ୍ତି। କର୍ମଚାରୀମାନେ କେଉଁଠି ଅବହେଳା କଲେ ଆପ୍ ଧରିନେଉଛି। ତେଣୁ କର୍ମଚାରୀମାନେ ପୂର୍ବ ଅପେକ୍ଷା ଜଙ୍ଗଲ ସୁରକ୍ଷାରେ ଅଧିକ ତତ୍ପର ରହୁଛନ୍ତି। ହାତୀ ସୁରକ୍ଷା ଦାୟିତ୍ୱରେ ଥିବା ଅସ୍ଥାୟୀ କର୍ମଚାରୀମାନେ ମଧ ମାସକୁ ପ୍ରାୟ ୯୦ କି.ମି. ପାଦଚଲା ପାଟ୍ରୋଲିଂ କରୁଛନ୍ତି। ପାଦଚଲା ପାଟ୍ରୋଲିଂ ଉପରେ ମୌଖିକ ଭାବେ ନିର୍ଦ୍ଦେଶନାମା ଜାରି ହୋଇଛି। ଏ ନେଇ ଡ଼ିଏଫଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଏହି ବନଖଣ୍ଡରେ ନିଆଁ ଲାଗିନାହିଁ। ଯେଉଁ ଗୋଟିଏ ସାଟେଲାଇଟ ଚିତ୍ର ଆସିଛି, ତାହା ଗୋଟିଏ ସ୍ଥାନରେ ଜଙ୍ଗଲ ବାହାରେ ଏକ ଧାନଗଦାରେ ଲାଗିଥିବା ନିଆଁ। ଜଙ୍ଗଲ ପୋଡ଼ି ଯେଭଳି ନ ହେବ ସେଥିପାଇଁ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଜଙ୍ଗଲ ଜବରଦଖଲ ଓ ପୋଡୁ ଚାଷ ଅଭିଯୋଗ ମିଥ୍ୟା। ଏନେଇ କୌଣସି ମାମଲା ଗତ ୬ମାସ ମଧ୍ୟରେ ହୋଇନାହିଁ ବୋଲି ଡିଏଫଓ କହିଛନ୍ତି।



ଏକ ଜଙ୍ଗଲରେ ଲାଗିଥିବା ନିଆଁ।

### କଇଠଖଣ୍ଡି ବିଦ୍ୟାଳୟର ବାର୍ଷିକୋତ୍ସବ

ଦିଗପହଣ୍ଡି,୧୯।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ରବା ପାଇକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ମଧୁବନ କ୍ଲଷ୍ଟରର ସିଆରସିସି ମନୋଜ ବେହେରା, ପେଣ୍ଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବରଦାକାନ୍ତ ପରିଡ଼ା, ଶିକ୍ଷକ ବିଜୟ ଗୌଡ଼ ପ୍ରମୁଖ ମଞ୍ଚାସିନ ଥିଲେ। କୃତି ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ସତ୍ୟବାନ ଗୌଡ଼, ସୁଲୋମନ ମଣ୍ଡଳ, ତୁମ୍ଭନାଥ ବେହେରା, ପ୍ରକାଶ ପାଇକ, ଶିକ୍ଷୟିତ୍ରୀ ଗିତାଞ୍ଜଳି ପାଣିଗ୍ରାହୀ ଏବଂ ଶିବାନୀ ବେହେରା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ଜିଲାସ୍ତରୀୟ ବ୍ୟାଙ୍କର୍ସ ମିଟ୍

ପାରଳାଖେମୁଣ୍ଡ,୧୯।୨(ଗିରିଧାରୀ ପରିଚ୍ଛା) ସ୍ଥାନୀୟ ଉଦ୍ୟାନ ବିଭାଗ ସମ୍ମିଳନୀ କକ୍ଷ ଠାରେ ଜିଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ବ୍ୟାଙ୍କର୍ସ ମିଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାବାର୍ଡ ଡିଡିଏମ ପ୍ରତୀକ ପଣ୍ଡା, ଏଲଡିଏମ ୟୁନିଏନ ବ୍ୟାଙ୍କ ଅଫ ଇଣ୍ଡିଆ ମହେଶ୍ୱର ମଣ୍ଡଳ, ସୁଶାନ୍ତ ରଂଜନ ଦାଶ ଡିଡିଏଚ, ସୁନାରାମ ସିଂ ଜିଏମ, ଡିଆଇସି ଗଜପତି, ଟିମନ ବରା ଡିପିଏମଙ୍କ ସହ ସମସ୍ତ ଜିଲାସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ସୂଚନା ମୁତାବକ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷ ୧୭୨୭ କୋଟି ଟଙ୍କାର ଋଣ ପ୍ରଦାନ ପାଇଁ ଆକଳନ କରାଯାଇଥିଲା। କୃଷି ବିକାଶ ତଥା କୃଷି ତଥା ସହଯୋଗୀ ବିଷୟ ସ୍ନାତକ, ସ୍ନାତକୋତ୍ତର, ଡିପ୍ଲୋମା ଧାରୀ ମାନଙ୍କୁ ପାଇଁ କୃଷି ତଥା ଲାଭଜନକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଭାରତ ସରକାର ଏବଂ ନାବାର୍ଡର ଏଗ୍ରି-କ୍ଲିନିକ ଏବଂ ଏଗ୍ରି-ବିଜନେସ ସେଣ୍ଟର୍ସ ସବସିଡି ଯୋଜନା ଉପରେ ଆଲୋଚନା କରାଯାଇଥିଲା।

### ଖୁବଶୀଘ୍ର ଛତ୍ରପୁର ହେବ ମ୍ୟୁନିସିପାଲିଟି: ମନ୍ତ୍ରୀ

ଛତ୍ରପୁର,୧୯।୨(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲା ଛତ୍ରପୁର ଏନ୍‌ଏସି ଖୁବଶୀଘ୍ର ମ୍ୟୁନିସିପାଲିଟି ହେବାକୁ ଯାଉଛି ବୋଲି ଗୃହ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଛତ୍ରପୁର ଏନ୍‌ଏସି ମ୍ୟୁନିସିପାଲଟି ହେବାର ବ୍ୟବସ୍ଥା ରହିଛି କି ବେ ।ଲି ବିଧାନସଭାରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ଛତ୍ରପୁର ଗସ୍ତ ବେଳେ ଏନ୍‌ଏସିର ରୂପରେଖ, ଏରିଆ ଓ ପରିବେଶକୁ ଦେଖି ଏହା ମ୍ୟୁନିସିପାଲିଟି ହେବାର ସମସ୍ତ ଯୋଗ୍ୟତା ରହିଥିବା ଅନୁଭବ କରିଥିଲି। ତେଣୁ ଗଞ୍ଜାମ ଜିଲାପାଳଙ୍କୁ ଏ ନେଇ ପ୍ରସ୍ତାବ ମାଗିଥିଲୁ। ଜିଲାପାଳ ପ୍ରସ୍ତାବ ପଠାଇଛନ୍ତି। ତାହା ଏବେ ବିଚାରାଧୀନ ରହିଛି। ଖୁବଶୀଘ୍ର ଛତ୍ରପୁର ମ୍ୟୁନିସିପାଲିଟି ଯୋଗ୍ୟତା ପ୍ରାପ୍ତ କରୁଛି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରି ଗତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ମ୍ୟୁନିସିପାଲିଟି ମାନ୍ୟତା ନେଇ ଘୋଷଣା କରିଥିଲେ। ମାତ୍ର ଏନେଇ ବିଧିବଦ୍ଧ ବିଜ୍ଞପ୍ତି ତତ୍କାଳୀନ ସରକାର ପ୍ରକାଶ କରି ନ ଥିଲେ। ମନ୍ତ୍ରୀ ମହାପାତ୍ର ଛତ୍ରପୁର ଆସିଥିବା ବେଳେ ବ୍ରହ୍ମପୁର ଏମ୍‌ପି, ବିଧାୟକ, ଏନ୍‌ଏସି ଅଧ୍ୟକ୍ଷା ପ୍ରମୁଖ ଛତ୍ରପୁରକୁ ମ୍ୟୁନିସିପାଲିଟି କରିବା ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ମାସେ ପରେ ବି ଚୋର ଧରିପାରୁନି ପୋଲିସ

### ଦୋକାନରୁ ଚୋରି ଘଟଣା

ଫୁଲବାଣୀ, ୧୯।୨ (ରାକେଶ କୁମାର ରାଉତ)

ଫୁଲବାଣୀ ସଦର ଥାନା ଅନ୍ତର୍ଗତ ମଜ୍ଜୁରୀବିଡା ଛକରେ ଥିବା ଏକ ଗ୍ରୋସରୀ ଦୋକାନରୁ ୫ ଲକ୍ଷ ଟଙ୍କା ଏବଂ ଘର ଭିତରୁ ପାଖାପାଖି ୨୦ ଲକ୍ଷ ଟଙ୍କାର ସୁନା ଚୋରି ଘଟଣାକୁ ମାସେରୁ ଉର୍ଦ୍ଧ୍ୱ ବିତି ଥିଲେ ବି ପୋଲିସ ଚୁପ୍ ବସିଛି। ଆବଶ୍ୟକ ତଥ୍ୟ ପ୍ରମାଣ କିଛି ହାତରେ ଲାଗିଥିଲେ ହେଁ ତଦନ୍ତ ଆଗେଉନାହିଁ। ଚୋରି ହୋଇଥିବା ମୋବାଇଲ ଅନ୍ ରହିଛି। ହେଲେ ପୋଲିସ ଧରି ପାରୁନାହିଁ। ସାଧାରଣ ଜନତାଙ୍କର ଏବେ ପୋଲିସ ଉପରୁ ଆସ୍ଥା ତୁଟିବାରେ ଲାଗିଛି। ମଜ୍ଜୁରୀବିଡା ଛକରେ ଗୋବିନ୍ଦ ପ୍ରସାଦ ମହାନ୍ତି ପରିବାର ସହ ରୁହନ୍ତି। ଘର ଆଗପଟେ ଗ୍ରୋସରୀ ଦୋକାନ କରିଛନ୍ତି। ଜାନୁଆରୀ ୧୧ ତାରିଖ ଦିନ ଦୋକାନ ବନ୍ଦ କରି ଗୋବିନ୍ଦ ଶୋଇବାକୁ ଯାଇଥିଲେ। ସକାଳୁ ଉଠିଲା ବେଳକୁ ବାହାର ପଟ ଗେଟ ଭାଙ୍ଗିଥିବା ଦେଖିବାକୁ ପାଇଥିବା ବେଳେ ଘରେ ଥିବା ଦୁଇଟି ଆଲମିରା ତଡ଼ା ଯାଇଥିଲା। ସେଥିରେ ଥିବା ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନା ଗହଣା ଏବଂ ଦୋକାନରେ ଥିବା ୫ ଲକ୍ଷ ଟଙ୍କା ଚୋରି ହୋଇଥିବା ଜାଣି ଗୋବିନ୍ଦ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ୧୦/୨୫ରେ ମାମଲା ରୁଜୁ କଲା। ହେଲେ ଚୋରଙ୍କୁ ଧରିବାରେ ଆଗ୍ରହ ଦେଖାଉ ନାହିଁ।

ଏନେଇ ଗୋବିନ୍ଦ କହିଛନ୍ତି ଆମେ ସମ୍ପୂର୍ଣ୍ଣ ଭୟଭୀତ ଅବସ୍ଥାରେ ରହିଛୁ। ଯେଉଁଦିନ ଚୋରି ହେଲା ଆମେ ଘରେ ଥିଲୁ। ମାତ୍ର କିଛି ଜାଣି ପାରିଲୁ ନାହିଁ। ସେମାନେ କୌଣସି ପ୍ରକାର ନିଶା ବ୍ୟବହାର କରିଛନ୍ତି। ମୋର ଚୋରି ହୋଇଥିବା ମୋବାଇଲ ଏବେ ବି ଅନ୍ ଅଛି। ମୋର ଯେଉଁମାନଙ୍କ ଉପରେ ସନ୍ଦେହ ଅଛି, ସେମାନଙ୍କ ବିଷୟରେ ମଧ ଅବଗତ କରିଛି। କିନ୍ତୁ ଚୋର ଧରା ପଡ଼ିନାହାନ୍ତି। ଆଉ କେତେ ଦିନ ଅପେକ୍ଷା କରିବୁ ବୋଲି ଗୋବିନ୍ଦ କହିଛନ୍ତି। ଏନେଇ ସଦର ଥାନା ଅଧିକାରୀ ସତୀଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଆମର ତଦନ୍ତ ଜାରି ରହିଛି। ବୈଷୟିକ(ଟେକନିକାଲ) ଉପରେ ଡାଟା ମାଗିଛୁ। ଏହା ଆସିଲେ ତଦନ୍ତକୁ ଆହୁରି ଜୋରଦାର କରାଯିବ ବୋଲି କହିଛନ୍ତି।

## ଭଙ୍ଗା ଘରେ ଚାଲିଛି ପିଲାଙ୍କ ଭବିଷ୍ୟତ

ପାରଳାଖେମୁଣ୍ଡି, ୧୯।୨ (ଗିରିଧାରୀ ପରିଚ୍ଛା) ଗଜପତି ଜିଲା ମୋହନା ବ୍ଲକ ମଳାସପଦର ପଞ୍ଚାୟତ ଗମ୍ଭାରିଗଣ୍ଡା ସେବାଶ୍ରମ ବିଦ୍ୟାଳୟ ୧୯୮୦ ମସିହାରେ ସ୍ଥାପିତ ହୋଇଥିଲା। ହେଲେ ବର୍ତ୍ତମାନ ଏହି ସେବାଶ୍ରମଟି ବହୁ ସମସ୍ୟା ଦେଇ ଗତି କରୁଛି। ବିଦ୍ୟାଳୟରେ ମୋଟ ୧୦୬ଜଣ ଛାତ୍ରୀ ପାଠ ପଢୁଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦୦ଜଣ ଅନ୍ତେବାସୀ ଛାତ୍ରୀ ହଷ୍ଟେଲରେ ରହୁଛନ୍ତି। ଏଥିପାଇଁ ମାତ୍ର ଅଛନ୍ତି ୨ଜଣ ଶିକ୍ଷକ। ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନ ହୋଇପାରୁ ନ ଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ସେହିପରି ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟର ଶ୍ରେଣୀ ଗୃହ ନାହିଁ। ଏକ ପୁରୁଣା ଭଙ୍ଗା ଦଦରା ଟିଣ କୋଠରୀରେ ପ୍ରଥମରୁ ତୃତୀୟ ଶ୍ରେଣୀ ପିଲା ପାଠ ପଢୁଥିବା ବେଳେ ହଷ୍ଟେଲ ଭିତରେ ପଢୁଛନ୍ତି ଚତୁର୍ଥ ଓ ପଞ୍ଚମ ପିଲା। ବର୍ଷା ଦିନ ହେଲେ ଟିଣରୁ ପାଣି ଗଳୁଛି। ସେହିପରି ଦୀର୍ଘ ବର୍ଷ ହେଲା ପାଣି ସମସ୍ୟା ଲାଗି ରହିଛି। ଦୁଇ ବର୍ଷ ହେଲା ଅତିରିକ୍ତ ଶ୍ରେଣୀ ଗୃହ ଅର୍ଦ୍ଧନିର୍ମିତ ରହିଛି। ସେହିପରି ଘରେ ନଥିବା ଯୋଗୁ ଭଙ୍ଗା ଟିଣ ଘରେ ରୋଷେଇ କରାଯାଉଥିବା ଦେଖିବାକୁ ମିଳିଛି। ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ପ୍ରଧାନ ଶିକ୍ଷକ ଏମ୍.ସଞ୍ଜୀବ ରାଓ ଜଣାଇଥିବା କହିଛନ୍ତି। ତେବେ ବିଦ୍ୟାଳୟର ଏସବୁ ସମସ୍ୟା ନେଇ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଭଦର୍ଶନୀ ବେହୁରାଙ୍କ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ସମସ୍ୟା ବିଷୟରେ ସେ ଅବଗତ ଅଛନ୍ତି। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣା ହୋଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ।




ସମସ୍ୟା ଘେରରେ ଗମ୍ଭାରୀଗଣ୍ଡା ସେବାଶ୍ରମ

# ଅଧିକାରୀଙ୍କୁ ତାଲା ପକାଇଲେ ଗ୍ରାମବାସୀ

## ୮ ମାସ ହେଲା ବିଏସ୍ଏନ୍ଏଲ୍ ନେଟ୍‌ୱର୍କ ଅଚଳ

ବାଲିଗୁଡ଼ା,୧୯।୨(ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ବ୍ଲକର ସୁବର୍ଣ୍ଣଗିରି ପଞ୍ଚାୟତରେ ଆଜକୁ ୮ ମାସ ହେଲା ବିଏସଏନଏଲ ନେଟୱର୍କ କାମ କରୁନି। ଯଦ୍ଦ୍ୱାରା ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସମସ୍ୟା ସମାଧାନ କରାଯାଉ ନାହିଁ। ସମସ୍ୟା ଅନୁଧ୍ୟାନ ପାଇଁ ବିଏସ୍ଏନ୍ଏଲ୍‌ର ଡିଟିଏମ ଏବଂ ଅନ୍ୟ ଅଧିକାରୀ ସୁବର୍ଣ୍ଣଗିରି ଯାଇଥିବା ବେଳେ ଉତ୍ତେଜିତ ଲୋକେ ତାଙ୍କୁ ଘେରିଯାଇ ତୁରନ୍ତ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ। କାର୍ଯ୍ୟାଳୟ ଭିତରେ ଅଧିକାରୀମାନେ ଥିବା ବେଳେ ସେମାନଙ୍କୁ ତାଲା ପକାଇ ଦେଇଥିଲେ। ଏ ନେଇ କୋଟଗଡ ଥାନାକୁ ଖବର ଯିବା ପରେ ନିକଟସ୍ଥ ସିଆରପିଏଫ କ୍ୟାମ୍ପରୁ ଯବାନମାନେ ଆସି ସେମାନଙ୍କୁ ଉଦ୍ଧାର କରିଥିଲେ। ତେବେ ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଗ୍ରାମର ସଦେଶ୍ୱର ପାଟମାଝି, ସୁକଳ ବାଗ୍ରା ନାୟକ, ପଞ୍ଚଦେବ ପାଟଗୁରୁ, ବସନ୍ତ ପାଣିଗ୍ରାହୀ, ହରିହର ବଡ଼ଚିଆ, ସରୋଜ ପାଟମାଝି, ମାନସ ବଡ଼ଚିଆ, ଅରବିନ୍ଦ କୁମାର ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୬ରୁ ସୁବର୍ଣ୍ଣଗିରି ଠାରେ ବିଏସଏନଏଲ ଟାୱାର ବସିଛି। କିନ୍ତୁ ଏହା ଠିକ ଭାବେ କାମ କରୁନାହିଁ। ଏବେ ପ୍ରାୟ ୮ ମାସରୁ ଊର୍ଦ୍ଧ୍ୱ ହେବ ନେଟୱର୍କ ରହୁ ନଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁବର୍ଣ୍ଣଗିରି, ପାଜିକେରି, କାରେଶୀ, ବାଣ୍ଡିଗୁଡା, ରାମନିଗୁଡା, ଭୀଷ୍ମଗିରି, କାୟରପଙ୍ଗା, ଲୁଡୁ, କୁଟିଗୁଡା, ଗାଜିନାଡୁ, ମୁଡ଼ି, ବୁରୁଜି, କାହ୍ନଗୁଡା ଭଳି ଆଖପାଖ ଗ୍ରାମରେ ନେଟୱାର୍କ ନ ଥିବାରୁ ବିଭିନ୍ନ ପ୍ରକାର ଅନଲାଇନ କାମରେ ବାଧା ଉପୁଜୁଛି। ଜରୁରୀ ସମୟରେ ଆମ୍ବୁଲାନ୍ସ ସହିତ ମଧ୍ୟ ଯୋଗାଯୋଗ କରି ହେଉନାହିଁ।

## ସଂକ୍ଷେପରେ

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୁଗୁଡ଼ା,୧୯।୨ (କାଳିଚରଣ ଦାଶ)

ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ବୁଗୁଡ଼ା ପଞ୍ଚାୟତ ସମିତି ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଦୁର୍ଦ୍ଦିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ, ବ୍ଲକ୍ ଅଧ୍ୟକ୍ଷ ପ୍ରତିନିଧି କେ.ନୀଳମାଧବ ଆଚାରୀ, ବିଏସ୍ଏସ୍ଓ ଗୋପିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୩୯୫ ଜଣ ବ୍ୟକ୍ତି ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୩ ଜଣଙ୍କର ପରୀକ୍ଷା କରାଯିବା ସହ ୭୩ଜଣଙ୍କୁ ସହାୟକ ଉପକରଣ ପ୍ରଦାନ ନିମନ୍ତେ ଚିହ୍ନଟ କରାଯାଇଥିଲା। ଆୟୋଜିତ ଶିବିର ସ୍ଥଳରେ ଭିନ୍ନକ୍ଷମଙ୍କ ପଞ୍ଜୀକରଣ ପାଇଁ ୧୬ଟି କେନ୍ଦ୍ର ଖୋଲାଯାଇ ବିଭିନ୍ନ ପ୍ରକାର ସହାୟତା ଯୋଗାଣ ପାଇଁ ଅନେକ ବ୍ୟବସ୍ଥା ହୋଇଥିଲେ ହେଁ ସ୍ଥାନର ସଙ୍କୀର୍ଣ୍ଣତା ସହ ଲୋକଙ୍କ ଭିଡ ଯୋଗୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ମଧ୍ୟାହ୍ନରେ ଆସି ଅପରାହ୍ନରେ ଭୋଜନ କରିବାକୁ ଯାଇ ଡାକ୍ତର ଆଉ ଫେରିନଥିବା ବେଳେ ଅପେକ୍ଷାରତ ଭିନ୍ନକ୍ଷମମାନେ ନିରାଶ ହୋଇ ଅସନ୍ତୋଷ ପ୍ରକାଶ କରିଥିଲେ।

### ‘ରେସ୍ ଅଫ୍ ହୋପ୍’ ପୁସ୍ତକ ଉନ୍ମୋଚିତ

କବିସୂର୍ଯ୍ୟନଗର,୧୯।୨(କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗରସ୍ଥିତ ଡ଼. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଅବନୀ ରଞ୍ଜନ ମିଶ୍ର ତାଙ୍କର ଇଂରାଜୀ ପୁସ୍ତକ ‘ରେସ ଅଫ ହୋପ’ ପାଇଁ ସାରା ରାଜ୍ୟରେ ପ୍ରଶଂସା ସାଉଁଟିଛନ୍ତି। ଅତି ଉଚ୍ଚ କୋଟିର ଲେଖା ପାଇଁ କଟକ ଜିଲ୍ଲା ବଡମ୍ବା କବିତା ମିନାର ସାହିତ୍ୟ ଆସର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କବିତା ମିନାର ସାହିତ୍ୟ ଆସରର ୫ମ ବାର୍ଷିକ ଉତ୍ସବରେ ଅଧ୍ୟକ୍ଷ ଡ଼. ଅବନୀ ରଞ୍ଜନ ମିଶ୍ରଙ୍କ ଉକ୍ତ ପୁସ୍ତକଟି ଉନ୍ମୋଚିତ ହୋଇଥିଲା । ପ୍ରତିଷ୍ଠାତା ଡ଼ଃ.ମୃତ୍ୟୁଞ୍ଜୟ ସାହୁ, ଡ଼ଃ. ବିଶେଶ୍ୱର ମାଝୀ, ଡ଼. ଭରତ ବେହେରା, ଡ଼. ପ୍ରସନ୍ନ କୁମାର ଦଳାଇ ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କ.ନୂଆଗାଁ,୧୯।୨(କାଳୀ ପ୍ରସାଦ ତ୍ରିପାଠୀ) କ.ନୂଆଗାଁ ବ୍ଲକରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଯାଇଛି। ଏଥିରେ ଅନଲାଇନରେ ୭୭୪ଜଣ ଭିନ୍ନକ୍ଷମ ଫର୍ମ ଆବେଦନ କରିଥିଲେ। ୧୧ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ସାରଙ୍ଗଡ଼ର ସୁବାଷ ବିଶି ଓ ଗୁଞ୍ଜିବାଡ଼ିର ରାଇମତି ପ୍ରଧାନଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲା ଚିକିତ୍ସାଳୟରୁ ବହୁ ବିଭାଗୀୟ ଡାକ୍ତର ଆସି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, ଭାଜପା ଜିଲ୍ଲା ସଭାପତି ପଣ୍ଡିତ ବିଶିମାଝୀ, ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ଜିଲ୍ଲାପରିଷଦ ସଭ୍ୟା ଅନିତା ମଲିକ, ବ୍ଲକ ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର ଉପସ୍ଥିତ ରହିଥିଲେ।

# ଅଧିକ ଜବ୍‌କାର୍ଡଧାରୀ ସାମିଲ, ସଚେତନତା ଉପରେ ଗୁରୁତ୍ୱ

ଶେରଗଡ଼,୧୯।୨
(ସୂର୍ଯ୍ୟ ନାରାୟଣଦାଶ)

ଶେରଗଡ଼ରେ ଏମ୍‌ଜିଏନ୍‌ଆରଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରା ଓ ଜିଲା ସାମାଜିକ ସମୀକ୍ଷକ ରବିନ୍ଦ୍ରନାଥ ମଲାଣଙ୍କ ସଂଯୋଜନାରେ ହୋଇଥିବା ଶିବିରରେ ଗତ ଜୁଲାଇରୁ ଜାନୁଆରୀ ପର୍ଯ୍ୟନ୍ତ ୨୨ ପଞ୍ଚାୟତର ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟର ଯାଞ୍ଚ ସହ ସମୀକ୍ଷା ହୋଇଥିଲା। ୨୬ ଜଣ ୧୦୦ ଦିନ କାର୍ଯ୍ୟ କରିବା, ଅଧିକ ଜବ୍‌କାର୍ଡଧାରୀ କାର୍ଯ୍ୟରେ ସାମିଲ ପାଇଁ ସଚେତନତା ସୃଷ୍ଟି କରିବା ଉପରେ ଆଲୋଚନା ବେଳେ ଗୁରୁତ୍ୱାରୋପ କରାଯାଇଥିଲା। ଚଳିତ ପର୍ଯ୍ୟାୟରେ ୧୩ହଜାର ୬୪୩ ପରିବାର ନାଁ ପଞ୍ଜୀକରଣ କରିଥିଲେ। ସେଥିରୁ



ଶିବିରରେ ଉପସ୍ଥିତ ଥିବା ଅଧିକାରୀ ଓ ବ୍ୟକ୍ତି ବିଶେଷ।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର

୬ହଜାର ୧୧୭ ପରିବାର କାମ ଦାବି କରିଥିଲେ। ମୋଟ ୭ହଜାର ୬୨୬ ଜଣଙ୍କୁ କାମରେ ସାମିଲ କରାଯାଇଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ୧ ଲକ୍ଷ ୨ହଜାର ୩୧୮ କାର୍ଯ୍ୟ ଦିବସ ସୃଷ୍ଟି ହୋଇଥିଲା। ପ୍ରକଳ୍ପଗୁଡ଼ିକର ସ୍ୱଛତା ଓ ଉପୁଜିଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଡ଼ିଓ ଦାୟିତ୍ୱରେ ଥିବା ଏବିଡିଓ ସୁଧାଂଶୁ ଶେଖର ତରାଇ, ନିର୍ବାହୀଯନ୍ତ୍ରୀ ସୀମାଞ୍ଚଳ ଦାଶ ଉପସ୍ଥିତ ଥିଲେ। ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ବିଷ୍ଣୁପ୍ରସାଦ ପଣ୍ଡା ପୂର୍ବ ସମୀକ୍ଷାର ବିବରଣୀ ପାଠ କରିଥିଲେ। ସମୀକ୍ଷା ବେଳେ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜବତକାର୍ଡ ଧାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା ପାଇଁ ସଚେତନତା



କଲେଜ ଛାତ୍ରୀଛାତ୍ରମାନେ ସଚେତନତା ରାଲି କରୁଛନ୍ତି।

ରାଇକିଆ,୧୯।୨ (ପ୍ରଦୀପ ବେହେରା) ରାଇକିଆ ଜଙ୍ଗଲ ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମୟରେ ଜଙ୍ଗଲରେ ନିଆଁ ଲାଗିଲେ ଏହାକୁ ରୋକିବା କାଠିକର ପାଠ ହୋଇଥାଏ। ଜଙ୍ଗଲରେ ଜୀବଜନ୍ତୁଙ୍କ ଠାରୁ ଆରମ୍ଭ କରି ଜଙ୍ଗଲ ଯାତଦ୍ରବ୍ୟ ପର୍ଯ୍ୟନ୍ତ ବ୍ୟାପକ କ୍ଷୟକ୍ଷତି ହୋଇଥାଏ। ସଚେତନତା ମାଧ୍ୟମରେ ଏହାକୁ ରୋକାଯାଇ ପାରିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ପୂର୍ବରୁ କଲେଜ ଛାତ୍ରୀଛାତ୍ର ଏବଂ ବନ ସଂରକ୍ଷଣ ସମିତି ସଦସ୍ୟଙ୍କୁ ନେଇ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ରେଞ୍ଜର ଯୁଧିଷ୍ଠିର ବେହେରାଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଏସିଏଫ୍ ଶ୍ୱେତାଲିନ ସାହୁ, ଫାୟାର ମ୍ୟାନ କାହ୍ନୁ ଚରଣ ମହାନ୍ତି ଯୋଗ ଦେଇଥିଲେ। ଫରେଷ୍ଟର ଉଷବ କହଁର, ଫରେଷ୍ଟ ଗାର୍ଡ ଅଙ୍ଗଦ ଦିଗାଲ, ଲିଲି ମଲ୍ଲିକ, ଉର୍ମିଳା ପ୍ରଧାନ, ନର୍ମଦା ମହାରଣା, ଦୁର୍ଗା ଶଙ୍କର ପ୍ରଧାନ, ଶାନ୍ତନୁ ବ୍ରହ୍ମା, ମୁକେଶ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଜନଜାତି ଯୁବ ଉଦ୍ୟୋଗୀଙ୍କୁ ତାଲିମ୍

ଜି.ଉଦୟଗିରି,୧୯।୨ (ବିଜୟ କୁମାର ସେଠୀ) ଜନଜାତି ଯୁବ ଲଘୁ ଉଦ୍ୟୋଗୀଙ୍କ ପାଇଁ ୨ ଦିନିଆ ଆବାସିକ କର୍ମଶାଳା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା ପକ୍ଷରୁ ଜି.ଉଦୟଗିରି ସମନ୍ୱିତ ସଭା ଗୃହଠାରେ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଜି.ଉଦୟଗିରି, ଚକାପାଦ, ତିକାବାଲି ଓ ରାଇକିଆ ବ୍ଲକର ପାଖାପାଖି ୪୫ ଜଣ ଉଦ୍ୟୋଗୀ ଅଂଶଗ୍ରହଣ କରି ବିଭିନ୍ନ ଉଦ୍ୟୋଗ ମାଧ୍ୟମରେ ସ୍ୱାବଲମ୍ବୀ ହେବା ନିମନ୍ତେ ତାଲିମ୍ ନେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିବେ। ଲଘୁ ଉଦ୍ୟୋଗ କରିବା ଦ୍ୱାରା ଆର୍ଥିକ ସ୍ଥିତି ଉନ୍ନତି କରିବା ସହିତ ଅନ୍ୟ ରାଜ୍ୟ ତଥା ଦାଦନ ଶ୍ରମିକରୁ ମୁକ୍ତି ମିଳିବ। ମୁଖ୍ୟ ଅତିଥି ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଯୁବ ଉଦ୍ୟୋଗୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରକଳ୍ପ ପ୍ରବନ୍ଧକ ସମିରନ୍ ନାୟକ, ତାଲିମ୍ ଦାତା ଭାବେ ସାମାଜିକ ଅନୁଷ୍ଠାନ ବିକାଶ ବିଶେଷଜ୍ଞ ଜଗମୋହନ ପୃଷ୍ଟି, ବ୍ଲକ୍ ଜୀବିକା ବିଶେଷଜ୍ଞ ମୋଜେଶ ନାୟକ, ପ୍ରବୀଣ ନାୟକ ଏବଂ ରୋହିମୁଦ ନାୟକ ଉପସ୍ଥିତ ଥିଲେ।

# ହନୁମାନ ଜୀଉଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ



ହନୁମାନ ଜୀଉଙ୍କ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ପୂଜାର୍ଚ୍ଚନା ।

ବାଲିଗୁଡ଼ା,୧୯।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ସ୍ଥିତ ମା’ପାଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା’ ପାଟଖଣ୍ଡାଙ୍କ ମନ୍ଦିର ପରିସରରେ ହନୁମାନ ଜୀଉଙ୍କ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମିତିର ସମ୍ପାଦକ ଶିବରାମ ପ୍ରଧାନୀଙ୍କ ନେତୃତ୍ୱରେ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରୀତିନୀତି ଅନୁଯାୟୀ ଦେବତା ମହାସ୍ନାନ, ମଧ୍ୟ ରାତ୍ରୀରେ ଦେବତା ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ସହ ବିଭିନ୍ନ କର୍ମାରମ୍ଭ, ଦେବତା ନଗର ଭ୍ରମଣ, ଶୁଭଲଗ୍ନରେ ଦେବତା ସିଂହାସନ ଆରୋହଣ, ରତ୍ନମୁଦ ଉତ୍ସବ, ଘୃତଯଜ୍ଞ ପୂର୍ଣ୍ଣାହୁତି ଏବଂ ନାମଯଜ୍ଞ ପୂର୍ଣାହୁତି ସହ ସମଗ୍ର ନଗର କିର୍ତ୍ତନ ପରିକ୍ରମା କରାଯାଇଥିଲା। ଏଥିରେ ପୁରୋହିତ ଭାବେ ପିତାମ୍ବର ରଥ, ପୂର୍ଣ୍ଣ ଚନ୍ଦ୍ର ଶତପଥି, ରାମକୃଷ୍ଣ ଆଚାର୍ଯ୍ୟ, ନୀଳାଚଳ ମିଶ୍ର ଓ ସନ୍ତୋଷ ରଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସୁଚାରୁ ରୂପେ ତୁଲାଇଥିବା ବେଳେ କର୍ତ୍ତା ଭାବେ ଲୋକନାଥ ପାଢ଼ୀ, ମଦନ ମୋହନ ପାଢ଼ୀ ଓ ପ୍ରମୋଦ ସାହୁ କାର୍ଯ୍ୟ ସମ୍ପାଦନା କରିଥିଲେ।

# ୩ଦିନ ହେଲା ନୂଆପଡ଼ାକୁ ଜଳଯୋଗାଣ ଠପ୍

ଚିକିଟି,୧୯।୨(ପ୍ରକାଶ ଚନ୍ଦ୍ର ସାହୁ) ଚିକିଟି ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା ଗ୍ରାମରେ ପ୍ରାୟ ତିନିଦିନ ହେବ ପାନୀୟଜଳ ଯୋଗାଣ ବନ୍ଦ ରହିଛି। ଯାହା ଫଳରେ ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଗ୍ରାମକୁ ଗ୍ରାମୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ଦୀର୍ଘବର୍ଷ ଧରି ବ୍ୟବହାର ହେଉଥିବା ବିଦ୍ୟୁତ୍ ଚାଳିତ ମୋଟର ଓ ପମ୍ପ ଗୁଡ଼ିକ ମରାମତି ଅଭାବରୁ ଅଚଳ ହୋଇଯିବାରୁ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗାଁକୁ ଜଳ ଯୋଗାଣ ବନ୍ଦ ହେବା ଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ବାହୁଦା ନଦୀ ପାର୍ଶ୍ୱରେ ଗଭୀର କୂଅ ଖୋଳି ଡିଜେଲ ଚାଳିତ ମୋଟର ଯୋଗେ ଗ୍ରାମକୁ ଜଳ ଯୋଗାଣର ବ୍ୟବସ୍ଥା କରିଥିଲେ। ସରକାର ଏହି ଡିଜେଲ ଚାଳିତ ମୋଟରକୁ ବଦଳାଇ ବିଦ୍ୟୁତ ଚାଳିତ ମୋଟର ଲଗାଇବା ଫଳରେ ତାହା ବାରମ୍ବାର ଖରାପ ହେବା ଯୋଗୁ ଜଳ ଯୋଗାଣ ବନ୍ଦ ହେଉଛି। ବିଭିନ୍ନ ସମୟରେ ପମ୍ପ ଓ ମୋଟର ଗୁଡ଼ିକ ଖରାପ ହୋଇଯିବାରୁ ସ୍ଥାନୀୟ ମେକାନିକଙ୍କ ଦ୍ୱାରା ମରାମତି କରାଯାଇ ଯେନତେନ ପ୍ରକାରେ କାମ ଚଳାଇ ପାଣି ଯୋଗାଇ ଦିଆଯାଉଛି। ତିନିଦିନ ହେଲା ଯାନ୍ତ୍ରିକ ତ୍ରୁଟି ଯୋଗୁ ଜଳ ଯୋଗାଣର ବ୍ୟବସ୍ଥାରେ ବାଧା ସୃଷ୍ଟି ହୋଇଛି। ପଞ୍ଚାୟତ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ରହିଛି। ଏ ସମ୍ପର୍କରେ ନୂଆପଡ଼ା ପଞ୍ଚାୟତ ସରପଞ୍ଚ ବି ସନମୁଖ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରିବା ପରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ଚିକିଟି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସହ ଯୋଗାଯୋଗ କରିବାରୁ ବୋରୱେଲ ସମେତ ଯାନ୍ତ୍ରିତ ତ୍ରୁଟି ଥିବା ଜଣାପଡିଛି। ଏହାକୁ ସଜାଡ଼ିବା ପାଇଁ ଦୀର୍ଘ ଦଶ ଦିନରୁ ଊର୍ଦ୍ଧ୍ୱ ସମୟ ଲାଗିବ ବୋଲି କହିଛନ୍ତି। ଫେବୃଆରୀ ମାସ ପ୍ରାରମ୍ଭରୁ ଗ୍ରୀଷ୍ମର ପ୍ରକଳ୍ପ ବଢୁଥିବାରୁ ନଦୀ ପୋଖରୀର ଭୂତଳ ଜଳସ୍ତର କମିଯିବା ଫଳରେ ସମସ୍ୟା ଦ୍ୱିଗୁଣିତ ହୋଇଛି। ତେଣୁ ଏହାର ବିକଳ୍ପରେ ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାର ବ୍ୟବସ୍ଥା କରିବାକୁ ଜନସାଧାରଣ ଦାବି ହୋଇଛି।

### ନିପୁଣ ଓଡ଼ିଶା ମେଳା

ଛତ୍ରପୁର,୧୯।୨(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ଛତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜିତ୍ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଶର୍ମିଷ୍ଠା କୁମାରୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ୱାରିକା ନାଥ ବେହେରା, ସମ୍ମାନିତ ଅତିଥିଭାବେ ଜିଲ୍ଲା ପ୍ରକଳ୍ପ ଶିକ୍ଷାଶାସ୍ତ୍ରୀ ଡା.ସନ୍ତୋଷ ପଣ୍ଡା, ବିଆର୍‌ସିସି ସଂଯୁକ୍ତା ରଥ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନମିତା ରାଉତ, କେ.ଚନ୍ଦ୍ରଶେଖର ରେଡ୍ଡୀ, ବାଳିକା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ବନଜା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୩ରୁ ୮ବର୍ଷର ଶିଶୁ ତୃତୀୟ ଶ୍ରେଣୀ ସୁଦ୍ଧା ଯେପରି ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ହାସଲ କରିବେ ଫଳରେ ଏକ ବିଂଶ ଶତାବ୍ଦୀର ଜୀବନ କୌଶଳର ଦକ୍ଷତା ହାସଲ କରିବାକୁ ସମର୍ଥ ହେବେ ତାହା ଆଲୋଚନା କରିଥିଲେ। ବ୍ଲକର୧୩ଟି କ୍ଲଷ୍ଟରର ୧୩ଏଫ୍‌ଏଲ୍‌ଏନ୍ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

# ଡାଳିମ୍ବଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା

ରାଇକିଆ,୧୯।୨(ପ୍ରଦୀପ ବେହେରା)

ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଥିଲେ ରାଇକିଆ ବ୍ଲକ୍ ଗମାଣ୍ଡି ଗ୍ରାମର ୯୧ ବର୍ଷିୟ ଡାଳିମ୍ବ ଦିଗାଲ। ଆବଶ୍ୟକୀୟ ପରିଚୟ ପତ୍ର ଦାଖଲ କରି ନ ପାରିବା ଯୋଗୁ ଅନୁମୋଦନ ପାଇଁ ଯାଇ ପାରି ନ ଥିଲା। ଏ ନେଇ ଚଳିତ ମାସ ୧୦ତାରିଖ ଦିନ ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇଥିଲା। ବୁଧବାର ଡାଳିମ୍ବଙ୍କୁ ବର୍ଦ୍ଧିତ ଭାବେ ୩୫ଶହ ଟଙ୍କା ପ୍ରଦାନ କରାଯାଇଛି। ଏନେଇ ବିଏସ୍ଏସ୍ଓ ରାମକୃଷ୍ଣ ବେହେରା କହିଛନ୍ତି ଯେ, ତାଙ୍କର ଆବଶ୍ୟକୀୟ କାଗଜ ପତ୍ର ମିଳିବା ପରେ ପ୍ରାଥମିକତା ଭିତ୍ତିରେ ଅନୁମୋଦନ କରାଯାଇ ଏକ ସପ୍ତାହ ମଧ୍ୟରେ ଭତ୍ତା ପ୍ରଦାନ କରାଯାଇଛି। ଯେଉଁମାନେ କୌଣସି କାରଣରୁ ଭତ୍ତା ସମ୍ପର୍କିତ ସମସ୍ୟା ରହିଛି ତାହାର ସମାଧାନ ପାଇଁ ଉଚିତ୍ ପଦକ୍ଷେପ ନିଆଯିବ।

# ଦୋକାନରୁ ଯୁବକଙ୍କ ମୃତଦେହ ଜବତ

ଶେରଗଡ଼,୧୯।୨(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡ଼ ଚାରିଛକରେ ଥିବା ଏକ ଚୁଡି ଦୋକାନରୁ ଦୋକାନ ମାଲିକ କେ. ଆଦର୍ଶ ରାଓ ଙ୍କ ମୃତଦେହକୁ ପୋଲିସ ବୁଧବାର ଜବତ କରିଛି। ଶେରଗଡ଼ ଥାନା ଅଧିକାରୀ ବୀରେନ୍ଦ୍ର ସିଆଳ ଓ ଏଏସଆଇ ସତ୍ୟଜିତ ବେଣିଆ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୋକାନ ଭିତରେ ଏକ କୀଟନାଶକ ବୋତଲ ପଡ଼ିଥିବାରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ପୋଲିସ ଅନୁମାନ କରୁଛି। ଅନ୍ୟପକ୍ଷରେ ମୃତକଙ୍କ ଭାଇ ପ୍ରସାଦ ରାଓ କହିଛନ୍ତି ଯେ, ମଙ୍ଗଳବାର ରାତିରେ ଭାଇ ସ୍କୁଟିରେ ଘରୁ ଆସିଥିଲେ। ତାପରେ ସେ ଆଉ ନ ଫେରିବାରୁ ଦୋକାନକୁ ଆସି ଦେଖିଲା ବେଳକୁ ତାଙ୍କର ମୃତଦେହ ପଡିଛି। ପୋଲିସ ନଂ.୭/୨୫ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିକା ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି।

# ପଦବୀ ଗୋଟିଏ, କାର୍ଯ୍ୟ କରୁଛନ୍ତି ୨ ଅଧିକାରୀ

## ପୁରୁଷୋତ୍ତମପୁର ବିଇଓ ଅଫିସ

ପୁରୁଷୋତ୍ତମପୁର,୧୯।୨ (ସିମାଞ୍ଚଳ ମିଶ୍ର) ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ଏବେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ବିଇଓ ପଦବୀ ଗୋଟିଏ ଥିବା ବେଳେ ବର୍ତ୍ତମାନ ଏଠାରେ ଦୁଇଜଣ ଅଧିକାରୀ ଅଛନ୍ତି। ସେମାନେ ହେଲେ କିଶୋର ବେହେରା ଓ ଏସ.ଗିରିଧାରୀ। କିଶୋର ବିଇଓ ଭାବରେ ପୁରୁଷୋତ୍ତମପୁର ବ୍ଲକରେ ୨୬।୧୦। ୨୦୨୨ରୁ କାର୍ଯ୍ୟ କରୁଛନ୍ତି। ଗତ ଅଗଷ୍ଟ ମାସରେ ସେ ଏକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସା ଲାଗି ଛୁଟିରେ ଥିଲେ। ତାଙ୍କ ସ୍ଥାନରେ ହିଞ୍ଜିଳି ବ୍ଲକରେ କାର୍ଯ୍ୟରତ ବିଇଓ ଏସ. ଗିରିଧାରୀଙ୍କୁ ସରକାର ସେପ୍ଟେମ୍ବର ୯ରେ ପୁରୁଷୋତ୍ତମପୁର ବ୍ଲକର ଦାୟିତ୍ୱ ଦେଇଥିଲେ। ଏହାର ଚିଠି ନଂ. ୧୮୫୨୨। ଫଳରେ ଗିରିଧାରୀ ସେପ୍ଟେମ୍ବର ୨୧ରେ ପୁରୁଷୋତ୍ତମପୁର ବ୍ଲକ ବିଇଓ ରୂପେ ଦାୟିତ୍ୱ ନେଇଥିଲେ। ସେ ଉଭୟ ହିଞ୍ଜିଳିକାଟୁ ଓ ପୁରୁଷୋତ୍ତମପୁର ବ୍ଲକର ବିଇଓ ରୂପେ କାର୍ଯ୍ୟ କରୁଥିଲେ। ତେବେ ନଭେମ୍ବର ୨୧ରେ ପୁରୁଷୋତ୍ତମପୁର ବ୍ଲକର ସ୍ଥାୟୀ ବିଇଓ କିଶୋର ସୁସ୍ଥ ହୋଇ କାର୍ଯ୍ୟରେ ଯୋଗ ଦେବାକୁ ଆସିଥିଲେ। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ନଭେମ୍ବର ୨୫ରେ ଚିଠି ନଂ. ୨୧୨୧୫ରେ କିଶୋରଙ୍କୁ ଦାୟିତ୍ୱ ହସ୍ତାନ୍ତର ଲାଗି ହିଞ୍ଜିଳି ବିଇଓ ଗିରିଧାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ୨୩।୧୨।୨୦୨୪ରେ ସରକାର ତାଙ୍କ ଚିଠି ନଂ. ୨୫୪୮୨ରେ ହିଞ୍ଜିଳି ବିଇଓଙ୍କୁ ପୁରୁଷୋତ୍ତମପୁର ବ୍ଲକର ମୁଖ୍ୟ ଦର୍ଶାଇ ଫାଇନାନ୍ସିଆଲ ଦାୟିତ୍ୱ ଦେଇଥିଲେ। ଏହା ସତ୍ତ୍ୱେ ଗିରିଧରୀ ହିଞ୍ଜିଳି ବ୍ଲକର ବିଇଓ ରୂପେ ନିଜ ଦାୟିତ୍ୱ ତୁଲାଉଛନ୍ତି। ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଏଭଳି ନିର୍ଦ୍ଦେଶ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଗୋଟିଏ ବ୍ଲକରେ ଗୋଟିଏ କାର୍ଯ୍ୟାଳୟରେ ଗୋଟିଏ ପଦବୀରେ ଦୁଇଜଣ କାର୍ଯ୍ୟ କରୁଥିବାରୁ ବିଭିନ୍ନ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଭିନ୍ନ କାର୍ଯ୍ୟରେ ବିଇଓ ଅଫିସ ଆସି ଦ୍ୱନ୍ଦ୍ୱରେ ପଡୁଛନ୍ତି। ଏନେଇ ଭାରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ରାଜେଶ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଯାହାକୁ ଯେଉଁ ଦାୟିତ୍ୱ ପ୍ରଦାନ କରାଯାଇଛି ସେମାନେ ତାହା ତୁଲାଉଛନ୍ତି। ଏଯାଏ କିଛି ଅସୁବିଧା ହୋଇନାହିଁ। ଏଥିପ୍ରତି ଗଣଶିକ୍ଷା ମନ୍ତ୍ରୀ, ସଚିବ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



କିଶୋର ବେହେରା



ଏସ.ଗିରିଧାରୀ

### ଭାରତୀୟ ଶିକ୍ଷା ସଂସ୍ଥାନ ପକ୍ଷରୁ ପୁରସ୍କାର ବିତରଣ

ବାଲିପଦର,୧୯।୨ (ବିଶିକେଶନ ସ୍ୱାଇଁ)

ବାଲିପଦର ଶଶୀକଳା ମଣ୍ଡପ ପରିସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଭାରତୀୟ ଶିକ୍ଷା ସଂସ୍ଥାନ ବ୍ରହ୍ମପୁର ପକ୍ଷରୁ ଅଞ୍ଚଳର ୧୦ ବିଦ୍ୟାଳୟର ୮୬ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାବନେଇ ପୁରସ୍କାର ଗ୍ରହଣ କରିଥିଲେ। ଶିକ୍ଷା ସଂସ୍ଥାର ମହା ମଣ୍ଡଳେଶ୍ୱର ମହନ୍ତ କମଳାକାନ୍ତ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇ ଥିବାବେଳେ ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ କାହ୍ନୁଚରଣ ବାଡତ୍ୟା ପୌରହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ର ଯୋଗଦେଇ ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିପଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ଇ.ନିଳାଚଳ ପାତ୍ର, ପ୍ରଧାନଚାର୍ଯ୍ୟ ଗଙ୍ଗୋତ୍ରୀ ବେହେରା, ଶିକ୍ଷା ସଂସ୍ଥାନ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଷୋୟୀ, ରାଜେନ୍ଦ୍ର ପଟ୍ଟନାୟକ, ପରୀକ୍ଷା ପରିଚାଳକ ଉଷାରାଣୀ ତ୍ରିପାଠୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

# ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ



ନାବାର୍ଡ ଦ୍ୱାରା ପ୍ରସ୍ତୁତ ପିଏଲ୍‌ପି ପୁସ୍ତକ ଉନ୍ମୋଚନ କରାଯାଉଛି।

ଛତ୍ରପୁର,୧୯।୨
(ସନ୍ତୋଷ ପାଢୀ/ଦିଲୀପ ସାମଲ)

ଗଞ୍ଜାମ ଜିଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସଦଭାବନା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରିଥିଲେ। ଜିଲାରେ ୩୨ ବ୍ୟାଙ୍କର ୪୪୩ଟି ଶାଖା ରହିଛି। ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ସମସ୍ତ ବ୍ୟାଙ୍କର ୩୦,୯୧୭ କୋଟି ଟଙ୍କା ଜମା ସଂଗ୍ରହ କରାଯାଇଥିବା ବେଳେ ୨୦,୦୫୧ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବ୍ୟାଙ୍କ ଗୁଡିକ ଦ୍ୱାରା ଆର୍ଥିକ ଦେଣନେଣ ଉପରେ ଜିଲାପାଳ ବୈଠକରେ ସମୀକ୍ଷା କରିଥିଲେ। ଏଥିସହ ୨୦୨୫-୨୬ ପାଇଁ ନାବାର୍ଡ ଦ୍ୱାରା ପ୍ରସ୍ତୁତ ପିଏଲପି ପୁସ୍ତକକୁ ସେ ଉନ୍ମୋଚନ କରିଥିଲେ। ଆସନ୍ତା ବର୍ଷ ପାଇଁ ପ୍ରାଥମିକତା କ୍ଷେତ୍ର ପାଇଁ ୧୬,୫୫୯ କୋଟି ଟଙ୍କାର ଋଣ ମଞ୍ଜୁର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଚଳିତ ଆର୍ଥିକ ବର୍ଷ ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଜିଲାରେ ୧୫୪୭୩ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ପ୍ରାଥମିକତା କ୍ଷେତ୍ରରେ ୧୦୨୭୪ କୋଟି ଟଙ୍କା ଏବଂ ଅଣ ପ୍ରାଥମିକତାରେ ୫୧୯୯ କୋଟି ଋଣ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି । କୃଷି କ୍ଷେତ୍ରରେ ୮୭ ପ୍ରତିଶତ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରରେ ୭୨ ପ୍ରତିଶତ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୪୧ ପ୍ରତିଶତ ଋଣ ପ୍ରଦାନ ହୋଇଛି । ଡିଆରଆଇ ଋଣ, ମୁଖ୍ୟମନ୍ତ୍ରୀ କୃଷି ଋଣ ଯୋଜନା, ପିଏମଇଜିପି, ପିଏମଏଫଏମଇର ସଫଳ ରୂପାୟନ ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ୟୁନିୟନ ବ୍ୟାଙ୍କ ଆଞ୍ଚଳିକ ମୁଖ୍ୟ ବଂଶୀଧର ତ୍ରିପାଠୀ, ଆରବିଆଇ ଏଲଡିଓ ଆନେତ ଶ୍ରଦ୍ଧା ଟପନୋ, ନାବାର୍ଡ ଡିଡିଏମ୍ ସଞ୍ଜୀବ ମିଶ୍ର, ଆଲୋକ ରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ଏଲଡିଏମ ହିମାଞ୍ଚଳ ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବଦଳିଲେ ୨ ଅଧିକାରୀ, ଆୟୁଷ ଛାତ୍ର ଧାରଣାରୁ ଉଠିଲେ

ବ୍ରହ୍ମପୁର,୧୯।୨(ସୁବାସ ଚନ୍ଦ୍ର ପାଢ଼ୀ) ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ହୋମିଓପାଥିକ କଲେଜ ଓ ଆଙ୍କୁଶପୁର ଆୟୁର୍ବେଦିକ କଲେଜ ସମ୍ମୁଖରେ ଦିଆଯାଇଥିବା ଧାରଣା ବୁଧବାର ପ୍ରତ୍ୟାହୃତ ହୋଇଛି। ୩ ଅଧିକାରୀଙ୍କ ମଧ୍ୟରୁ ଦୁଇଜଣଙ୍କ ବଦଳି ହୋଇଛି। ନୋଡାଲ ଅଫିସର ପ୍ରମୋଦ ବିହାରୀ ପ୍ରଧାନ, କିରାଣୀ ପ୍ରଦୀପ୍ତ କୁମାର ନାଥ ଶର୍ମା ଓ ନିର୍ଦ୍ଦେଶକ ପ୍ରେମଜିତ ନାୟକଙ୍କ ବଦଳି ଦାବିରେ ଏହି ଧାରଣା ଚାଲିଥିଲା। ସରକାର ଏହି ଦାବିକୁ ବିଚାର କରି ସେମାନଙ୍କ ମଧ୍ୟରୁ ନୋଡାଲ ଅଧିକାରୀ ଓ କିରାଣୀଙ୍କୁ ବଦଳି କରିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ସଂଗଠନ ପକ୍ଷରୁ ପ୍ରଶଂସା କରାଯାଇଛି ବୋଲି ସଂଗଠନର ମୁଖପାତ୍ର ଗିରିଧାରୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

### ଦେବାନନ୍ଦ ଗଞ୍ଜାମ ଜିଲା ବିଜେଡିର ନିର୍ବାଚନ ଅଧିକାରୀ

ବ୍ରହ୍ମପୁର,୧୯।୨(ନରସିଂହ ସାହୁ):

ଗଞ୍ଜାମ ଜିଲା ବିଜେଡିର ନିର୍ବାଚନ ଅଧିକାରୀ ହେଲେ ଦେବାନନ୍ଦ ମହାପାତ୍ର। ଶଙ୍ଖ ଭବନରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଆଗାମୀ ଦିନରେ ଜିଲାର ୨୨ ବ୍ଲକ, ଗୋଟିଏ ମହାନଗର ନିଗମ, ୧୬ ଏନଏସି ଏବଂ ଗୋଟିଏ ମ୍ୟୁନିସିପାଲିଟି ପାଇଁ ସହକାରୀ ରିଟର୍ନିଂ ଅଫିସରଙ୍କ ନାମ ଘୋଷଣା ହୋଇଥିବା ଦେବାନନ୍ଦ ସୂଚନା ଦେଇଛନ୍ତି। ବୃହତ୍ତମ ଜିଲା ଗଞ୍ଜାମରେ ଦଳର ସାଙ୍ଗଠନିକ ନିର୍ବାଚନ ଶୃଙ୍ଖଳିତ ଭାବେ ସମାପନ ଲାଗି ପଦକ୍ଷେପ ନିଆଯିବ ବୋଲି ସେ ସୂଚାଇଛନ୍ତି। ସୂଚନାଯୋଗ୍ୟ, ୨୦୦୯ ଓ ୨୦୧୪ ନିର୍ବାଚନରେ ଦେବାନନ୍ଦ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରୁ ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିଲେ। ଘଟଣାଚକ୍ରରେ ଭାଜପା ତାଙ୍କୁ କୋଣଠେସା କରିବାରୁ ସେ ଦଳ ଛାଡ଼ି ବିଜେଡିରେ ମିଶିଥିଲେ। ଏବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକଙ୍କ ଜିଲା ପରିଷଦ ପ୍ରତିନିଧି ଅଛନ୍ତି।

### ଏମ୍‌କେସିଜିକୁ ମିଳିଲା ଦୁଇଟି ଚକ୍ଷୁ

ବ୍ରହ୍ମପୁର,୧୯।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡବଜାର ଥାନା ଠାକୁରାଣୀ ମନ୍ଦିର ନିକଟ ପୁଡିପେଡି ସାହିର ଜନୈକା ମହିଳାଙ୍କ ଚକ୍ଷୁଦାନ କରାଯାଇଛି। ଶ୍ୟାମବାବୁ ପାତ୍ରଙ୍କ ସ୍ତ୍ରୀ ଏମ. ପଦ୍ମାବତୀ (୫୯)ଙ୍କ ବୁଧବାର ମୃତ୍ୟୁ ପରେ ପରିବାର ସଦସ୍ୟ ତାଙ୍କ ଦୁଇଟି ଚକ୍ଷୁ ଦାନ କରିଛନ୍ତି। ଫ୍ରେଣ୍ଡସ ହେଲପିଂ କ୍ଲବର ସଦସ୍ୟ ତଥା ମୃତ ମହିଳାଙ୍କ ସ୍ୱାମୀ ଶ୍ୟାମବାବୁ ପାତ୍ରଙ୍କଙ୍କ ପ୍ରେରଣାରେ ଏହି କାର୍ଯ୍ୟ ହୋଇଛି। ପରେ ଏମକେସିଜି ଚକ୍ଷୁ ବିଭାଗ ଡା.ରାଜଲକ୍ଷ୍ମୀ ସାହୁ, ଡା.ବିବେକାନନ୍ଦ ସାହୁ ମୃତକଙ୍କ ଦୁଇ ଚକ୍ଷୁ ସଂଗ୍ରହ କରିଥିଲେ। ଏହି ସମୟରେ ତାଙ୍କର ଦୁଇ ପୁଅ ଭେଙ୍କଟରମଣା , ଶିବ ପ୍ରସାଦ ପାତ୍ର ଓ ଦୁଇ ଝିଅ ସୁସ୍ମିତା ରାଣୀ ଓ ସଂଧ୍ୟାରଣୀ ଉପସ୍ଥିତ ଥିଲେ। ଫ୍ରେଣ୍ଡସ ହେଲପିଂ କ୍ଲବ ସଦସ୍ୟଙ୍କ ପ୍ରେରଣାରେ ଏହି କାର୍ଯ୍ୟ ସମାପନ ହୋଇଛି। ଏହା ହେଉଛି ଚଳିତ ବର୍ଷ ଜାନୁଆରୀ ଓ ଫେବୃଆରୀ ୧୯ ତାରିଖ ଏବେ ସୁଦ୍ଧା ୭ମ ଚକ୍ଷୁଦାନ ବୋଲି କ୍ଲବର ଜାମୁଲା ସୁରେଶ ସୂଚନା ଦେଇଛନ୍ତି।

# ଭିତ୍ତିପ୍ରସ୍ତରରେ ବଂଶଧାରା-ଋଷିକୁଲ୍ୟା ନଦୀ ସଂଯୋଗ ପ୍ରକଳ୍ପ



ଋଷିକୁଲ୍ୟା ନଦୀର ଧାର କମିଯାଇଛି।

ବ୍ରହ୍ମପୁର,୧୯।୨(ଅଶୋକ କୁମାର ସାହୁ)

ଦକ୍ଷିଣ ଓଡ଼ିଶାର ଦୁଇ ପ୍ରମୁଖ ନଦୀ ବଂଶଧାରା ଓ ଋଷିକୁଲ୍ୟାର ସଂଯୋଗୀକରଣ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ପୁଣି ଦାବି ଉଠିଛି। ଦୁଇ ଦଶନ୍ଧି ତଳର ଏହି ପ୍ରକଳ୍ପ ଭିତ୍ତିପ୍ରସ୍ତରରେ ସୀମିତ ରହିଛି। ଫଳରେ ବନ୍ୟା ନିୟନ୍ତ୍ରଣ, କୃଷି ଏବଂ ପାନୀୟ ଜଳ ପାଇଁ ଗଜପତି ଓ ଗଞ୍ଜାମ ଜିଲାବାସୀ ସମସ୍ୟାଗ୍ରସ୍ତ ହୋଇପଡିଛନ୍ତି। ୨୦୦୦ ଏବଂ ୨୦୦୪ ନିର୍ବାଚନ ସମୟରେ, ବିଜେଡି-ଭାଜପା ମେଣ୍ଟ ସରକାର ଏହି ପ୍ରକଳ୍ପକୁ ଗୁରୁତ୍ୱ ଦେଇଥିଲେ। ରାୟଗଡା ଜିଲାର ଗୁଡାରି ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରେ ସର୍ଭେ ଆରମ୍ଭ ହୋଇଥିଲା। ପ୍ରଥମ ପଦକ୍ଷେପ ଅନୁସାରେ ଗଜପତି ଜିଲାର ଅଡଭା ନିକଟ ପଦ୍ମାନଦୀକୁ ବଂଶଧାରା ପାଣି ପଠାଇବା ପାଇଁ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ଗଞ୍ଜାମର ଋଷିକୁଲ୍ୟା ସହିତ ମିଶ୍ରଣ ପ୍ରସ୍ତାବ ଥିଲା। କିନ୍ତୁ ପ୍ରସ୍ତାବିତ ଯୋଜନା ବାସ୍ତବରେ ପରିଣତ ହୋଇପାରି ନାହିଁ। ବର୍ତ୍ତମାନର ସରକାର ଏକ ମହତ୍ୱାକାଂକ୍ଷୀ ନିର୍ବାଚନୀ ଇସ୍ତାହାର ଉପସ୍ଥାପନ କରିଛନ୍ତି। ବିଶେଷଜ୍ଞଙ୍କ ମତରେ ବଂଶଧାରା-ଋଷିକୂଲ୍ୟା ସଂଯୋଗୀକରଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଗଞ୍ଜାମ ଏବଂ ଗଜପତି ଜିଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣ ଏବଂ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରିବ। ପୂର୍ବ ସରକାର ଅମଳରେ ଏହି ପ୍ରକଳ୍ପ ପାଇଁ ଅନେକ ଚାଷୀ ସଂଗଠନ ପକ୍ଷରୁ ଦାବି ସତ୍ତ୍ୱେ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୋଇନାହିଁ। ଏବେ ଏହି ଦାବି ଉଠିବା ପରେ ନୂଆ ସରକାର ଏହାକୁ କାର୍ଯକାରୀ କରିବେ ବୋଲି ଆଶା ରହିଥିବା ସଂଗଠନଗୁଡିକ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଋଷିକୁଲ୍ୟା ନଦୀ ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ସଂଯୋଜକ ଭାଲ ଚନ୍ଦ୍ର ଷଡଙ୍ଗୀ କହିଛନ୍ତି ଯେ, ସରକାରଙ୍କ ଏହି ପ୍ରକଳ୍ପ ବହୁଦିନର, କିନ୍ତୁ ପୂର୍ବ ସରକାର ଅମଳରେ କେବଳ ଯୋଜନା କରିଦିଆଯାଇଥିଲା। ଏହାର ସର୍ଭେ ଓ ଅନୁଧ୍ୟାନ ସମ୍ପର୍କରେ କୌଣସି ସୂଚନା ମିଳୁନାହିଁ। ଏହି ଜନହିତକର ପ୍ରକଳ୍ପ କାର୍ଯ୍ୟକାରୀ ହେବା ଜରୁରୀ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରାଙ୍କୁ ପଚାରିବାରୁ ସେ କହିଲେ ଯେ, ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଋଷିକୁଲ୍ୟା ଚିରସ୍ରୋତା ହେବ। ଜଳସେଚନ, କୃଷି ଏବଂ ଲୋକଙ୍କୁ ପିଇବା ପାଣି ପର୍ଯ୍ୟାପ୍ତ ମିଳିବା ସହିତ ବନ୍ୟା ନିୟନ୍ତ୍ରଣରେ ସହାୟକ ହେବ। ତେଣୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ଜରୁରୀ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ କହନ୍ତି, ଏହା ଏକ ଲୋକ ହିତକର ଯୋଜନା। ଜଳ ସମ୍ପଦ ବିଭାଗର ସର୍ଭେ ଓ ଅନୁଧ୍ୟାନ ଡିଭିଜନ ପକ୍ଷରୁ ଏହାର ଫିଜିବିଲିଟି ରିପୋର୍ଟ ଦେଲେ କେନ୍ଦ୍ର ୯୦ ଭାଗ ଅର୍ଥ ସହାୟତା ଦେବ। ବଂଶଧାରା ନଦୀରେ ଗୁଡାରି ଉପରମୁଣ୍ଡରେ ଏକ ବ୍ୟାରେଜ ନିର୍ମାଣ ଯୋଜନା ରହିଛି। ସେହି ବ୍ୟାରେଜରୁ ପାଣି ଗୁଣପୁର ନିର୍ବାଚନ ମଣ୍ଡଳୀର ପଦ୍ମପୁର ନିକଟ କେନ୍ଦୁଗୁଡା ନିକଟରେ ବଡ ନଳା ମଧ୍ୟମ ଜଳସେଚନ ପ୍ରକଳ୍ପକୁ ଆସିବ। ବଡନଳା ଡ୍ୟାମରୁ ଟନେଲ କିମ୍ବା କେନାଲ ମାଧ୍ୟମରେ ହରଭଙ୍ଗି ମଧ୍ୟମ ଜଳସେଚନ ପ୍ରକଳ୍ପକୁ ଆସିବା ପରେ ସେଠାରୁ ସୋରଡା ନିକଟ ଜରଡ ନଦୀକୁ ପାଣି ଆସିବ। ସେଠାରୁ ଋଷିକୁଲ୍ୟାକୁ ପାଣି ଆସିବା ସହଜ ହେବ। ଏ ସଂକ୍ରାନ୍ତରେ ଜଳସେଚନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଯେ, ୨୦୧୧-୧୨ରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା। ନନ୍ଦିନୀ ନାଳ ଇଣ୍ଟ୍ରା ଷ୍ଟେଟ ନାମରେ ଉକ୍ତ ପ୍ରୋଜେକ୍ଟ ସଂକ୍ରାନ୍ତରେ ସର୍ଭେ ଏବଂ ଇନଭେଷ୍ଟିଗେସନ ବିଭାଗରୁ ସେଭଳି ରିପୋର୍ଟ ହସ୍ତଗତ ହୋଇନାହିଁ। ସରକାରଙ୍କ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ କାର୍ଯ୍ୟ କରାଯିବ ବୋଲି ସେ କହିଥିଲେ।

# ବିଏମ୍‌ସି ଅଫିସ ସମ୍ମୁଖରେ ସିପିଆଇର ବିକ୍ଷୋଭ




ବିଇଏମସି ଅଫିସ ସମ୍ମୁଖରେ ସିପିଆଇର ବିକ୍ଷୋଭ ।

ବ୍ରହ୍ମପୁର,୧୯।୨(ନରସିଂହ ସାହୁ):

ସିପିଆଇ ପକ୍ଷରୁ ବୁଧବାର ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ୧୫୮ ବର୍ଷର ପୌରାଞ୍ଚଳ ଅବସ୍ଥା ଶୋଚନୀୟ ହୋଇଯାଇଛି ଏବଂ ବିଭିନ୍ନ ସମସ୍ୟା ବଢ଼ି ଚାଲିଛି। ସମାଧାନ ଦିଗରେ ନିଗମ ଆଖିବୁଜି ଦେଇଥିବା ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିଲା। ଶତାଧିକ କ୍ୟାଡର ଜିଲା କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରିଥିଲେ। କମ୍ୟୁନିଷ୍ଟଙ୍କ ଆନ୍ଦୋଳନକୁ ଆଖି ଆଗରେ ରଖି ସୁରକ୍ଷା ବ୍ୟସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ବ୍ରହ୍ମପୁର ଆଞ୍ଚଳିକ କମିଟି ପକ୍ଷରୁ ହୋଇଥିବା ଆନ୍ଦୋଳନର ନେତୃତ୍ୱ ନେଇଥିଲେ ସମ୍ପାଦକ କାମଦେବ ନାହାକ। ରାଜ୍ଯ ନେତା ରମେଶ ପାଢ଼ୀ, ଜିଲା ସହ ସମ୍ପାଦକ ନୀଳକଣ୍ଠ ଦାସ, ଯୁବସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀ, ନଗର ସମ୍ପାଦକ ପ୍ରଫୁଲ୍ଲ ଜେନାଙ୍କ ସମେତ ମହମ୍ମଦ ଉସମାନ, ଆଇନଜୀବୀ ଟୁଟୁ ପାତ୍ର, ମହେନ୍ଦ୍ର ପାତ୍ର, ଲିଲି ଜେନା, ବବିତା ବିଶୋୟୀ, ଶଙ୍କର ଗୌଡ଼ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ୧୧ ଦଫା ଦାବିପତ୍ର ବିଇଏମ୍‌ସି କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଦାବି କରାଯାଇଥିଲା। ନଚେତ୍ ସିପିଆଇ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

# ଟିପିଏସ୍‌ଓଡିଏଲ୍‌ର ୪ ନିଃଶୁଳ୍କ ହେଲ୍ପଲାଇନ ନମ୍ବର ଆରମ୍ଭ

ବ୍ରହ୍ମପୁର,୧୯।୨(ସ୍ମୃତି ରଞ୍ଜନ ମହାଲିକ) ଗ୍ରାହକଙ୍କ ଅଭିଯୋଗ ପ୍ରତିକାର ଉଦ୍ଦେଶ୍ୟରେ ଟିପି ସଦର୍ଣ୍ଣ ଟିପିଏସଓଡିଏଲ ୨ଟି ନୂତନ ନିଃଶୁଳ୍କ ଗ୍ରାହକ ସହାୟତା ହେଲ୍ପଲାଇନ ନମ୍ବର - ୧୮୦୦୨୦୨୬ ଓ ୭୦୭୭୦୦୦୦୦୫ ଆରମ୍ଭ କରିଛି। ପୂର୍ବରୁ ଉପଲବ୍ଧ ୧୯୧୨ ଏବଂ ୧୮୦୦୩୪୫୬୭୯୭ ନମ୍ବର ମଧ୍ୟ ଚାଲୁ ରହିବ। ଏହା ଦ୍ୱାରା ଯୋଗାଯୋଗ ଓ ଅଭିଯୋଗ ପ୍ରତିକାର ବ୍ୟବସ୍ଥା ସୁଦୃଢ଼ ହେବ। ଗ୍ରାହକ ଉନ୍ନତ ସେବା ପାଇବେ। ୨ଟି ଅତିରିକ୍ତ ସହାୟତା ନମ୍ବର ଯୋଗୁଁ କଲ କନେକ୍ଟିଭିଟି ଉନ୍ନତ ହେବା ସହ ଗୋଟିଏ ନମ୍ବରକୁ ଆସୁଥିବା କଲ ସଂଖ୍ୟା ହ୍ରାସ ପାଇବ । କଲ କଟିଯିବା ଭଳି ସମସ୍ୟା ଦୂର ହେବ। ଏହି ହେଲ୍ପ ଲାଇନ ନମ୍ବର ୨୪ ଘଣ୍ଟା ଉପଲବ୍ଧ ରହିବ। ନୂଆ ସହାୟତା ନମ୍ବର ସମ୍ପର୍କରେ ସଚେତନତା ବୃଦ୍ଧି ପାଇଁ ଟିପିଏସଓଡିଏଲ ପକ୍ଷରୁ ବିଭିନ୍ନ ପ୍ଲାଟଫର୍ମରେ ଗ୍ରାହକ ସମ୍ପର୍କ ଅଭିଯାନ




କରାଯାଉଛି। ପୁରୁଣା ନମ୍ବର ସହ ନୂତନ ନମ୍ବରକୁ ବ୍ୟବହାର କରିବା ପାଇଁ ଉପଭୋକ୍ତାଙ୍କୁ ଉତ୍ସାହିତ କରାଯାଉଛି। ଗ୍ରାହକମାନେ ଏହି ୪ଟି ନମ୍ବର ଯୋଗେ ବିଦ୍ୟୁତ ସମ୍ବନ୍ଧୀୟ ସୂଚନା, ଅଭିଯୋଗ ପ୍ରତିକାର ଏବଂ ସହାୟତା ପାଇପାରିବେ। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଉପଭୋକ୍ତା ସନ୍ତୁଷ୍ଟି ହେଉଛି ପ୍ରଥମ ପ୍ରାଥମିକତା। ଉନ୍ନତ ମାନର ଯୋଗାଯୋଗ ଓ ସେବା ପ୍ରଦାନ ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି ସେ କହିଛନ୍ତି।

# ମହିଳା ହ୍ୟାଣ୍ଡବଲ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚାମ୍ପିୟନ



କୁଳପତି ଓ ଅନ୍ୟ ଅଧିକାରୀଙ୍କ ଗହଣରେ ଚାମ୍ପିୟନ ଦଳ।

ବ୍ରହ୍ମପୁର, ୧୯।୨ (ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଖେଳପଡ଼ିଆ ଠାରେ ଚାଲିଥିବା ୩ ଦିନିଆ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ବୁଧବାର ଶେଷ ହୋଇଛି। ପ୍ରଥମ ମ୍ୟାଚ ଭଞ୍ଜବିହାର ସହ ଭିଭିଏସ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଜୋନପୁର ମଧ୍ୟରେ ହୋଇଥିଲା। ଭଞ୍ଜବିହାର ଦଳ ୧୪/୫ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚଟି କଲିକତା ବିଶ୍ୱବିଦ୍ୟାଳୟ ସହ ଖେଳି ୨୧/୮ ଗୋଲ କରି ଚାମ୍ପିୟନ ହୋଇଥିଲା। କଲିକତା ବିଶ୍ୱବିଦ୍ୟାଳୟ ରନର୍ସ ଅପ ହୋଇଛି। ତୃତୀୟ ସ୍ଥାନରେ ଭିଭିଏସ ଓ ଚତୁର୍ଥ ସ୍ଥାନରେ ରହିଛି ଏମ ଜି କାଶୀ ବିଦ୍ୟାପିଠ ବାରଣାସୀ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗିତାଞ୍ଜଳି ଦାଶ ,କ୍ରୀଡ଼ା ସମ୍ପାଦକ ଡ଼ ସାରଦା ପ୍ରସାଦ ସାହୁ, କୁଳସଚିବ ସଚ୍ଚିଦାନନ୍ଦ ନାୟକ,ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କ୍ରିଡ଼ା ପରିଷଦ ର ପୂର୍ବତନ ସମ୍ପାଦକ ପ୍ରଫେସର ପ୍ରସନ୍ନ କୁମାର ଦିକ୍ଷୀତ, ରାଜେଶ ମହାନ୍ତି , ରବି ଚରଣ ମିଶ୍ର ପ୍ରମୁଖ ସଫଳତା ପାଇଥିବା ଦଳକୁ ପୁରସ୍କୃତ କରିଥିଲେ। ଏହି ୪ ଦଳ ଆସନ୍ତା ମାର୍ଚ୍ଚ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ହରିୟଣା ସ୍ଥିତ ଚୈଧୁରୀ ବଂଶୀଲାଲ ବିଶ୍ୱବିଦ୍ୟାଳୟ ଭିବାନୀ ଠାରେ ହେବାକୁ ଥିବା ସର୍ବ ଭାରତୀୟ ବିଶ୍ୱବିଦ୍ୟାଳୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ରେ ଭାଗନେବେ। ରେଫରୀ ଭାବେ ସୁରେଶ ଚନ୍ଦ୍ର ପାଢ଼ୀ, ଭି ସନ୍ଦୀପ ପାତ୍ରୁ, ଶ୍ରୀନିବାସ ରାଉତ, ସୁଶାନ୍ତ ମହାରାଣା, ଆକାଶ ପଟନାୟକ, ରାଜେଶ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ପ୍ରଦୀପ କୁମାର ନାୟକ,ଏସ କ୍ରିଷ୍ଣା ରେଡ୍ଡୀ, ଧନେଶ୍ୱର ଦାସ,ରବି ବେହେରା, ରାମନାରାୟଣ ସାହୁ,ମନୋଜ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

### ଯୁକ୍ତ ୨ ପରୀକ୍ଷା: ଦ୍ୱିତୀୟ ଦିନରେ ୧୨୪୯ ପରୀକ୍ଷାର୍ଥୀ ଅନୁପସ୍ଥିତ

ବ୍ରହ୍ମପୁର,୧୯।୨(ସୁବାସ ଚନ୍ଦ୍ର ପାଢ଼ୀ) ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ଉଚ୍ଚ ମାଧ୍ୟମିକ ବାର୍ଷିକ ପରୀକ୍ଷାର ବୁଧବାର ଥିଲା ଦ୍ୱିତୀୟ ଦିବସ। କଳା ଓ ବାଣିଜ୍ୟ ସ୍ରୋତର ନିୟମିତ, ପ୍ରାକ୍ତନ-ନିୟମିତ ଓ ପତ୍ର ବିନିମୟ ବିଦ୍ୟାର୍ଥୀମାନଙ୍କର ଆଜି ଥିଲା ବାଧ୍ୟତାମୂଳକ ଆଧୁନିକ ଭାରତୀୟ ଭାଷା (ଓଡ଼ିଆ) ପରୀକ୍ଷା । ଦକ୍ଷିଣାଞ୍ଚଳର ୮ ଜିଲାର ୨୫୪ ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳିତ ପରୀକ୍ଷା ହୋଇଛି। ମୋଟ ୧୨୪୯ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି।

# ବ୍ରହ୍ମପୁର ରେଳ ଷ୍ଟେଶନର ଉନ୍ନତିରେ ଅବହେଳା



ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୧୯।୨(ସ୍ମୃତି ରଞ୍ଜନ ମହାଲିକ) ଦକ୍ଷିଣ ଓଡ଼ିଶା ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ବୁଧବାର ଦେଶୀ ବେହେରା ସାହି ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ସରୋଜ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଦକ୍ଷିଣ ଓଡ଼ିଶା ଏବଂ ବ୍ରହ୍ମପୁର ପ୍ରତି ସରକାରଙ୍କ ଅବହେଳାକୁ ନିନ୍ଦା କରାଯାଇଥିଲା। ବ୍ରହ୍ମପୁର ଷ୍ଟେଶନକୁ ଅବହେଳା ପ୍ରତିବାଦରେ ଗତ ସେପ୍ଟେମ୍ବରରେ ଷ୍ଟେଶନ ସମ୍ମୁଖରେ ୬ ଦିନ ଦକ୍ଷିଣ ଓଡ଼ିଶାର ୬୦ରୁ ଅଧିକ ଅନୁଷ୍ଠାନ ଅନଶନରେ ବସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ୩ଟି ନୂଆ ରେଳ ଲାଇନ ସହ ବ୍ରହ୍ମପୁର ରେଳ ଡିଭିଜନ, ୫ ଓ ୬ ନଂ ପ୍ଲାଟଫର୍ମ, କୋଚ ଡିପୋ ସହ ବିଶ୍ୱସ୍ତରୀୟ ଷ୍ଟେଶନ କରିବାକୁ ଦାବିପତ୍ର ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଆଶ୍ୱାସନା ଦେବାରୁ ଧାରଣା ସ୍ଥଗିତ ରହିଥିଲା। କିନ୍ତୁ ଏ ଯାଏଁ ସରକାର କୌଣସି ପଦକ୍ଷେପ ନେଇ ନ ଥିବା କମିଟି ଅଭିଯୋଗ କରିଛି। ଆଗାମୀ ଦିନରେ ଇଷ୍ଟକୋଷ୍ଟ ରେଲୱେ ଜେନେରାଲ ମ୍ୟାନେଜରଙ୍କୁ ଏକ ପ୍ରତିନିଧି ଦଳ ଭେଟିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବୈଠକରେ ଆପ ନେତା ଆଦିତ୍ୟ ନାରାୟଣ ରଥ, ଓଡ଼ିଶା ଡେଭଲପମେଣ୍ଟ ଫୋରମ ସଭାପତି ସୋମେଶ୍ୱର ରାଓ, ସମ୍ପାଦକ ପ୍ରିତିଶ ପାଣିଗ୍ରାହୀ, ମାନସ ପାତ୍ର, ଇ. ତେଜସ୍ୱର ରାଓ, ପ୍ରବୀଣ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

ଗୋପାଳପୁର,୧୯।୨(ନବୀନ ରାଜ ଆଚାରୀ) ରଙ୍ଗେଇଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ନୂଆ ବକ୍ସିପଲୀ ଗ୍ରାମର କେ.ପୋଲେୟା କେରଳ ଦାଦାନ ଖଟିବାକୁ ଯାଇଥିବା ବେଳେ ସେଠାରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ୧୬ ତାରିଖରେ କେରଳରୁ ଗାଁକୁ ଫେରିବାକୁ ଏର୍ଣ୍ଣାକୁଲମ ଷ୍ଟେସନ ଆସିବା ବେଳେ ଷ୍ଟେସନ ବାହାରେ ଚେତା ଶୂନ୍ୟ ହୋଇପଡ଼ିଥିଲେ। ରେଳ କର୍ମଚାରୀମାନେ ତାଙ୍କୁ ସ୍ଥାନୀୟ ମେଡିକାଲ ଭର୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। କିନ୍ତୁ ପରିବାରର ଆର୍ଥିକସ୍ଥିତି ଭଲ ନ ଥିବାରୁ ଘଟଣାକୁ ନେଇ ମତ୍ସ୍ୟ ବିଭାଗ ସହ ଜିଲା ଶ୍ରମ ବିଭାଗକୁ ଅବଗତ କରାଯାଇଥିଲା। ପରେ କେରଳରୁ ବିମାନ ଯୋଗେ ବିଶାଖାପାଟଣା ଅଣାଯାଇଥିଲା। ସେଠାରୁ ଗୋପାଳପୁର ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ନିଜ ଗାଁକୁ ଅଣାଯାଇଥିଲା।

# ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ, ସଂସ୍କୃତି ପ୍ରତିଯୋଗିତା ଆରମ୍ଭ

ବ୍ରହ୍ମପୁର,୧୯।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖେଳପଡିଆରେ ବୁଧବାର ସନ୍ଧ୍ୟାରେ ଆରମ୍ଭ ହୋଇଛି ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସଂସ୍କୃତି ପ୍ରତିଯୋଗିତା। ୧୭ ଟି ବିଶ୍ୱବିଦ୍ୟାଳୟରୁ ୫୦୦ ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ପିଜି କାଉନସିଲର ଚେୟାରମ୍ୟାନ ସୁକାନ୍ତ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳପତି ଗୀତାଞ୍ଜଳି ଦାଶ ଯୋଗଦେଇ ଏଭଳି ପ୍ରତିଯୋଗିତା କରି ବ୍ରହ୍ମପୁରବିଶ୍ୱବିଦ୍ୟାଳୟ ଗର୍ବିତ। ପ୍ରତିଯୋଗିତା ମାଧ୍ୟମରେ ଜଣେ ଦକ୍ଷ ହୋଇପାରେ। ତେଣୁ ପାଠପଢ଼ା ସହିତ ଏଭଳି ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଭାଗ ନେବା ଉଚିତ ବୋଲି ସେ କହିଥିଲେ। ବ୍ରହ୍ମପୁର ମେଡିକାଲର ପୂର୍ବତନ ପ୍ରଫେସର ନାରାୟଣ ମିଶ୍ର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଆଜି ପ୍ରତିଯୋଗୀମାନେ ନିଜର ଦକ୍ଷତାକୁ ଏହି ପ୍ରତିଯୋଗିତା ମାଧ୍ୟମରେ ଖୋଜି ପାଇଛନ୍ତି। ଅଭ୍ୟାସ ହିଁ ମଣିଷକୁ ଦକ୍ଷ କରାଏ ବୋଲି




କାର୍ଯ୍ୟକ୍ରମରେ ମଂଚାସୀନ ଅତିଥିମାନେ।

ସେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରିୟଦର୍ଶନ ପାତ୍ର କଳା, ସାହିତ୍ୟ ଓ ସଂସ୍କୃତି ଉପରେ ସାରଗର୍ଭକ ଭାଷଣ ଦେଇଥିଲେ। ସାଂସ୍କୃତିକ ସଂଯୋଜିକା ଡଃ ସରିତା ଦାଶ ଅତିଥି ପରିଚୟ ଦେଇଥିବା ବେଳେ ଡଃ ସମୀର ଭୋଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ପୁସ୍ତିକା ଅତିଥି ମାନଙ୍କ ଦାରା ଉନ୍ମୋଚନ କରାଯାଇଥିଲା। ଡଃ ବାବୁଜୀ ସାମଲ,ଡଃ ସରୋଜ କୁମାର ଦାଶ,ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀ,ବିତ୍ତ ନିୟନ୍ତ୍ରକ ଅଶୋକ କୁମାର ଧାଙ୍ଗଡାମାଝୀ, ପରୀକ୍ଷା ନିୟନ୍ତ୍ରକ ଡଃ ସତ୍ୟ ନାରାୟଣ କୁଣ୍ଡ , ଏ ସୂର୍ଯ୍ୟ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ। ଡଃ ସତ୍ୟ ନାରାୟଣ ସାହୁ,ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତ,ପ୍ରଫେସର ସିଦ୍ଧାର୍ଥ ପଣ୍ଡା, ପ୍ରଫେସର ଗଣେଶ ସେଠୀ,ଡଃ ଜୟନ୍ତ କୁମାର ପଣ୍ଡା,ଡଃ ବନ୍ଦିତା କୁମାରୀ ପଣ୍ଡା, ଡଃ ନେହା ପାଣ୍ଡେ ପ୍ରମୁଖ ସହଯୋଗ କରିଥିବା ବେଳେ ଛାତ୍ର ସ୍ୱସ୍ତି ସୁନ୍ଦର ସୀୟା ମଞ୍ଚ ପରିଚାଳନା କରିଥିଲେ।

# ଦିନକ ପରେ ମାଟ୍ରିକ ପରୀକ୍ଷା: ମାସେ ହେଲା ମୁରବି ବିହୀନ ଜିଲା ଶିକ୍ଷା ବିଭାଗ

ବ୍ରହ୍ମପୁର ୧୯।୨(ସୁବାସ ଚନ୍ଦ୍ର ଚନ୍ଦ୍ର ପାଢ଼ୀ)

ଦିନକ ପରେ ଚଳିତ ଶିକ୍ଷା ବର୍ଷର ମାଟ୍ରିକ ପରୀକ୍ଷା। ଗଞ୍ଜାମ ଜିଲା ଶିକ୍ଷା ବିଭାଗ ମୁରବି ବିହୀନ ହୋଇପଡିଛି। ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷାକୁ ସଫଳତାର ସହ ପରିଚାଳନା କରିବାକୁ ବୋର୍ଡ଼ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । କିନ୍ତୁ ସଂପ୍ରତି ଗଞ୍ଜାମ ଜିଲା ଶିକ୍ଷା ବିଭାଗରେ ଶିକ୍ଷାଧିକାରୀ ପଦବି ଖାଲିପଡ଼ିଥିବା ଯୋଗୁଁ ମାଟ୍ରିକ ପରୀକ୍ଷା ପରିଚାଳନା ପାଇଁ ବିରାଟ ଆହ୍ୱାନ ସୃଷ୍ଟି କରିଛି। ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ ଏବଂ ବିଦ୍ୟାର୍ଥୀଙ୍କୁ ଅଭ୍ୟାସ ମାଧ୍ୟମରେ ଆଶାନୁରୂପ ପ୍ରଦର୍ଶନ ନେଇ ବିଭାଗ ଯେଉଁ ଆଶା ରଖିଛି ତାକୁ ନେଇ କେତେକ ଶିକ୍ଷାବିତ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ଅନୁଗୁଳ ଜିଲା ଶିକ୍ଷାଧିକାରୀ




ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ।

ଦାୟିତ୍ୱରେ ଥିବା ସୁସ୍ମିତା ସାହୁଙ୍କୁ ଗଞ୍ଜାମ ଜିଲାକୁ ବଦଳି କରାଯାଇଥିଲା। ପ୍ରାକ୍ତନ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଏଠାରୁ ରିଲିଭ ହୋଇ ଚାଲିଯାଇଥିବା ବେଳେ ନୂତନ ଜିଲା ଶିକ୍ଷାଧିକାରୀ ପାଇଁ ପରିକ୍ଷା ପରିଚାଳନା ଆହ୍ୱାନ ହୋଇଛି। କାର୍ଯ୍ୟାଳୟରେ ଜିଲା ଶିକ୍ଷାଧିକାରୀଙ୍କ ସମେତ ଦୁଇଜଣ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପଦବି ରହିଛି। ଜାନୁଆରି ୧୭ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଜିଲା ଶିକ୍ଷାଧିକାରୀଙ୍କୁ ଓସେପାର ଯୁଗ୍ମ ନିର୍ଦ୍ଦେଶକ ଓ ଜଣେ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନୟାଗଡ଼ ଜିଲା ଶିକ୍ଷାଧିକାରୀ ଭାବେ ବଦଳି କରାଯାଇଥିଲା । ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଯୋଗଦାନ କରିନାହାନ୍ତି। ନୂତନ ଜଲା ଶିକ୍ଷାଧିକାରୀ କୁଆଡ଼େ ଛୁଟିରେ ରହିଥିବା ଶୁଣାଯାଉଛି। ସଂପ୍ରତି ଜିଲା ଶିକ୍ଷାଧିକାରୀ ଦାୟିତ୍ୱରେ ଜଣେ ଏଡିଇଓ ଅଛନ୍ତି। ମୁଣ୍ଡ ଉପରେ ମାଟ୍ରିକ ପରୀକ୍ଷା ଥିବା ବେଳେ ଜିଲା ଶିକ୍ଷାଧିକାରୀଙ୍କ ଅନୁପସ୍ଥିତ ଶିକ୍ଷା ବିଭାଗ ପାଇଁ ଆହ୍ୱାନ ସୃଷ୍ଟି କରିଛି। ମାଟ୍ରିକ ପରୀକ୍ଷା ପାଇଁ ଶିକ୍ଷକମାନଙ୍କ ସହ ସମନ୍ୱୟ ରକ୍ଷା କରିବା, ପରୀକ୍ଷା ପରିଚାଳନା, ପିଲାଙ୍କ ଆଡ଼ମିଟ କାର୍ଡ଼ରେ ରହିଥିବା ସମସ୍ୟା, ଷ୍ଟ୍ରଙ୍ଗରମ୍‌ରେ ପ୍ରଶ୍ନପତ୍ର ସୁରକ୍ଷିତ ରହିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟର ଦାୟିତ୍ୱ ଜିଲା ଶିକ୍ଷାଧିକାରୀଙ୍କ ଉପରେ ନ୍ୟସ୍ତ ଥାଏ। ମାଟ୍ରିକ ପରୀକ୍ଷା ପରିଚାଳନା ପାଇଁ ବୋର୍ଡ଼ର ନିୟମାବଳୀକୁ ପ୍ରତ୍ୟେକ କେନ୍ଦ୍ରରେ ପାଳନ କରିବା, ଷ୍ଟ୍ରଙ୍ଗରୁମ୍‌ରେ ପ୍ରଶ୍ନପତ୍ରକୁ ସୁରକ୍ଷିତ ରଖିବା ଭଳି ଗୁରୁ ଦାୟିତ୍ୱ ବି ରହିଛି। ଚଳିତବର୍ଷ ଜିଲାର ୨୧୭ କେନ୍ଦ୍ରରେ ମୋଟ ୪୩ ହଜାର ୪୩୫ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ ପ୍ରଶ୍ନପତ୍ର ରଖିବା ପାଇଁ ୧୬ଟି ନୋଡାଲ ସେଣ୍ଟର୍ କରାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ବିନା ମାଟ୍ରିକ ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି।



ମିଶନ ଶକ୍ତି ପୁନର୍ଗଠନକୁ ବିରୋଧ କରି ବୁଧବାର ବିଜେଡି ବିଧାୟକମାନେ ବିଧାନସଭା ପରିସରସ୍ଥିତ ଗାନ୍ଧୀମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# କିଟ୍ ପ୍ରସଙ୍ଗକୁ ଏଡ଼ାଇବା ପାଇଁ ବିରୋଧୀ ଦଳ ପ୍ରୟାସ କରୁଛନ୍ତି: ଅମର ନାୟକ

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

## ମିଶନ୍ ଶକ୍ତିକୁ ପ୍ରସଙ୍ଗ କରି ଗୃହ ଅଚଳ କଲେ ବିରୋଧୀ

ବୁଧବାର ବିଧାନସଭା ଅଧିବେଶନରେ ଗୃହ ଆରମ୍ଭରୁ ହଟ୍ଟଗୋଳ ଏବଂ ହୋହଲ୍ଲା କରିଥିଲେ ବିରୋଧୀ ବିଜେଡି ସଦସ୍ୟ। ଗୃହ ମଧ୍ୟଭାଗକୁ ଆସି ମିଶନ ଶକ୍ତି ପୁନର୍ଗଠନକୁ ବିରୋଧ କରି ଏମାନେ ନାରାବାଜି କରିଥିଲେ। ଏଥିସହ ଶାସକ ଦଳ ମିଶନ୍ ଶକ୍ତିକୁ ବନ୍ଦ କରିବା ପାଇଁ ଯୋଜନା କରୁଥିବା ଅଭିଯୋଗ ଆଣିଥିଲେ। କଂଗ୍ରେସ ନେତା ତାରା ପ୍ରସାଦ ବାହିନୀପତି ମଧ ବାଚସ୍ପତିଙ୍କ ପୋଡିୟମ ନିକଟରେ ଅନ୍ୟ ସଦସ୍ୟଙ୍କ ସହିତ ମିଶି ରାଜ୍ୟର ମହିଳାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ସ୍ଲୋଗାନ ଦେଇଥିଲେ। ଫଳରେ ମାତ୍ର ୧ମିନିଟ୍ ଗୃହ କାର୍ଯ୍ୟ ପରେ ପୂର୍ବାହ୍ନ ୧୦.୩୧ରୁ ଅପରାହ୍ନ ୪ଟା ଯାଏ ବାଚସ୍ପତି ବିଧାନସଭାକୁ ମୁଲତବୀ ଘୋଷଣା କରିଥିଲେ। ଏଥିଯୋଗୁ ପ୍ରଶ୍ନକାଳ, ଶୂନ୍ୟକାଳ କିଛି ହୋଇପାରି ନ ଥିଲା। ଅନ୍ୟପଟେ ଗୃହ ମୁଲତବୀ ପରେ ବିଜେଡି ବିଧାୟକମାନେ ଗାନ୍ଧୀ ମୂର୍ତ୍ତି ତଳେ ବିରୋଧ ପ୍ରଦର୍ଶନ କରିଥିଲେ। ଘଟଣାକୁ ନେଇ ଭାଜପା ବିଧାୟକ ଅମର ନାୟକ ପ୍ରତିକ୍ରିୟା ଦେଇ କହିଛନ୍ତି, କିଟ୍ ପ୍ରସଙ୍ଗକୁ ଏଡାଇବା ପାଇଁ ବିରୋଧୀ ଏଭଳି ପ୍ରୟାସ କରିଛନ୍ତି। ବିରୋଧୀଙ୍କ ପାଖରେ ଆଉ ପ୍ରସଙ୍ଗ ନ ଥିବାରୁ ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି। ବିରୋଧୀ ମୁଲତବୀ ଆଣିଲେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ଯେବେ ବି ବିରୋଧୀ ଚାହିଁଛନ୍ତି ଆମେ ସଫଳତାର ସହ ଆଲୋଚନା କରିଛୁ। ତେବେ କିଟ୍ ବିଶ୍ୱବିଦ୍ୟାଳୟ ପାଇଁ ଓଡ଼ିଶା କେବଳ ଦେଶରେ ନୁହେଁ ସାରା ବିଶ୍ୱରେ ବଦନାମ ହୋଇଛି। ଘରୋଇ ଶିକ୍ଷାନୁଷ୍ଠାନର ଦାଦାଗିରିକୁ ନେଇ ଛାତ୍ର ସମାଜ ଏବେ ବିଚଳିତ। କିଟ୍‌ରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା ପରେ ବିବାଦ ତେଜିବାରେ ଲାଗିଛି। କିଟ୍‌କୁ ନେଇ ଗୋଟିଏ ପରେ ଗୋଟିଏ ସଂଘାତିକ ତଥ୍ୟ ସାମ୍ନାକୁ ଆସୁଛି। ଭୁବନେଶ୍ୱରରୁ କାଠମାଣ୍ଡୁ ଯାଏଁ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ, ଏତେ ପରେ ବି ପ୍ରମୁଖ ବିରୋଧୀ ଦଳ ଏହାକୁ ବିରୋଧ କରୁ ନ ଥିବା ଅମର କହିଛନ୍ତି।

ଅପରପକ୍ଷେ ପଏଣ୍ଟ ଅଫ୍ ଅର୍ଡର ଜରିଆରେ ବରିଷ୍ଠ ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୁରକ୍ଷା ଦେବା ପାଇଁ ବିରୋଧୀମାନେ ଗୃହକୁ ବାରମ୍ବାର ବନ୍ଦ କରୁଛନ୍ତି। ମାତ୍ର ଅଚ୍ୟୁତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ଜୟନାରାୟଣ କହିଛନ୍ତି।

# ଗ୍ରାମନନ୍ଦିପୁର ସରପଞ୍ଚ ନିଲମ୍ବିତ

**ପଞ୍ଚାୟତ ଆକାଉଣ୍ଟରୁ ବେଆଇନ ଅର୍ଥ ଉଠାଣ ପରେ କାର୍ଯ୍ୟାନୁଷ୍ଠାନ**

ଯାଜପୁର,୧୯।୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦଶରଥପୁର ବ୍ଲକ ଗ୍ରାମନନ୍ଦିପୁର ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ମହାନ୍ତିଙ୍କୁ ନିଲମ୍ବିତ କରାଯାଇଛି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ତାଙ୍କ ପତ୍ରସଂଖ୍ୟା ୪୬୦୫/୧୯।୨।୨୦୨୫ରେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ ଆହୁରି ଦର୍ଶାଯାଇଛି, ମହାନ୍ତି ୨୦୧୨ରୁ ୨୦୧୭ ସରପଞ୍ଚ ଥିବା ସମୟରେ ୨୦୧୫-୧୬ ବର୍ଷରେ ଗ୍ରାମ ପଞ୍ଚାୟତ ସିଏଫ୍‌ସି ଆକାଉଣ୍ଟରୁ ବେଆଇନ ଭାବେ ୧୧ ଲକ୍ଷ ୭୨ ହଜାର ୫୦୦ଟଙ୍କା ଉଠାଇଥିଲେ। ଏଥିପାଇଁ ସେ ବିଭିନ୍ନ ଚେକ୍ ବ୍ୟବହାର କରି ତାଙ୍କ ସ୍ୱାମୀ ପ୍ରଦୀପ କୁମାର ମହାନ୍ତିଙ୍କ ବ୍ୟକ୍ତିଗତ ଆକାଉଣ୍ଟରେ ଜମା କରିଥିଲେ। ଏହି କାର୍ଯ୍ୟରେ ତତ୍କାଳୀନ ପିଇଓ ତପନ ବେହେରା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଟଙ୍କଧର ଝାରସୁଗୁଡ଼ାବାସୀଙ୍କୁ ପ୍ରତାରଣା କରୁଛନ୍ତି: ଦୀପାଳି

ଝାରସୁଗୁଡ଼ା,୧୯।୨(ଆଶିଷ ରଞ୍ଜନ ଦାଶ)




ଖବରଦାତା ସମ୍ମିଳନୀରେ ଦୀପାଳି ଦାସ ସୂଚନା ଦେଉଛନ୍ତି।

ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ାବାସୀଙ୍କୁ ପ୍ରତାରଣା କରୁଛନ୍ତି। ମଙ୍ଗଳବାର ହସ୍ପିଟାଲ ଘଟଣା ଓ ଝାରସୁଗୁଡ଼ା ପାଇଁ ନେଇ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ବିଧାୟକ ଟଙ୍କଧର ଝାରସୁଗୁଡ଼ାବାସୀଙ୍କୁ ପ୍ରତାରଣା କରୁଛନ୍ତି ବୋଲି ପୂର୍ବତନ ବିଧାୟିକା ଦୀପାଳି ଦାସ ସରବାହାଲଠାରେ ବୁଧବାର ଜିଲା ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଝାରସୁଗୁଡ଼ା ମଙ୍ଗଳବାର ହସ୍ପିଟାଲକୁ ସାଟେଲାଇଟ ହସ୍ପିଟାଲ କରିବା ପାଇଁ ଗତ ବିଧାନସଭାରେ ଘୋଷଣା କରାଯାଇଥିଲା। ତେବେ ମଙ୍ଗଳବାର ହସ୍ପିଟାଲର ଅବସ୍ଥା ଯେପରି ଥିଲା ସେପରେ ସାଟେଲାଇଟ ହସ୍ପିଟାଲ ହେଲେ ବି କୌଣସି ପ୍ରକାର ଉନ୍ନତି ହେବ ନାହିଁ। ନିର୍ବାଚନ ସମୟରେ ଟଙ୍କଧର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ମଙ୍ଗଳବାର ହସ୍ପିଟାଲର ଉନ୍ନତି କରି ତାହାକୁ ୧୦୦ଶଯ୍ୟା ବିଶିଷ୍ଟ କରାଯିବ। ସେହି ପ୍ରତିଶ୍ରୁତି କୁଆଡେ ଗଲା ବୋଲି ଦୀପାଳି ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଝାରସୁଗୁଡ଼ାରେ କମ୍ପାନୀ ପାର୍ଶ୍ୱ ଏଣେତେଣେ ପଡ଼ି ପ୍ରତିଷ୍ଠିତ ହେଉଛି, ତାହାକୁ ନେଇ ଗଣମାଧ୍ୟମରେ ସରକାରଙ୍କୁ ପ୍ରଶ୍ନ କରୁଥିଲେ। ବର୍ତ୍ତମାନ ଝାରସୁଗୁଡ଼ାରେ କମ୍ପାନୀ ପାଇଁ ପଡ଼ିଆ ବନ୍ଦ ହେଲା କି କହି ବିଧାୟକଙ୍କୁ ପ୍ରଶ୍ନ କରିଛନ୍ତି ଦୀପାଳି। ସେଥିପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ଭୁଆଁ ନ ବୁଲାଇ ବାକ୍ୟବୀର ବଦଳରେ କର୍ମବୀର ହୁଅନ୍ତୁ ବୋଲି ଦୀପାଳି କହିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟିକା ଦୀପାଳିଙ୍କ ସମେତ ଝାରସୁଗୁଡ଼ା ବିଜେଡି ଜିଲା ସଭାପତି ରବି ସିଂ, ଟାଉନ ସଭାପତି ସନ୍ଦୀପ ଅଗ୍ରୱାଲ, ହରିଶ ଗଣାତ୍ରା, ତ୍ରିନାଥ ଗୁଆଲ, ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ୀ, ଆଲୋକ ତ୍ରିପାଠୀ, ତୁଳସୀ ଦାସ, ଚିରଞ୍ଜିବୀ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ମାଡ଼ମାରି ବାହାର କରିବା ନିନ୍ଦନୀୟ: ସିପିଆଇ (ଏମ୍‌ଏଲ୍)

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ପ୍ରକୃତି ଲାମ୍‌ସାଲଙ୍କ ଆତ୍ମହତ୍ୟା ଘଟଣା ପରବର୍ତ୍ତୀ ଶାନ୍ତିପୂର୍ଣ୍ଣ ଛାତ୍ର ଆନ୍ଦୋଳନକୁ କର୍ତ୍ତୃପକ୍ଷ ଯେଉଁଭଳି ଦମନ କଲେ ତାହାକୁ ସିପିଆଇ (ଏମ୍‌-ଏଲ୍) ଲିବରେସନ୍ ପକ୍ଷରୁ ନିନ୍ଦା କରାଯାଇଛି। ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ଏଥିପାଇଁ ଦାୟୀ ସମସ୍ତ ଦୋଷୀଙ୍କୁ କଠିନ ଦଣ୍ଡ ଦିଆଯିବା ସହ, ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଏହି କ୍ରମରେ ବୁଧବାର ମାଷ୍ଟରକ୍ୟାଣ୍ଟିନଠାରେ ସିପିଆଇ (ଏମ୍‌-ଏଲ୍) ଲିବରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ରଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। କିଟ୍ କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ପୋଲିସ୍‌କୁ ନ ଜଣାଇ ମୃତଦେହକୁ ଉଠାଇ ନେବା, ନ୍ୟାୟ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ନେପାଳର ଛାତ୍ରୀଛାତ୍ରଙ୍କୁ ନିର୍ମମ ପ୍ରହାର କରିବା ଆଦି କିଟ୍‌ର ଦାଦାଗିରିକୁ ପଦାରେ ପକାଉଛି। ଏହି ଘଟଣା ଓଡ଼ିଶାର ମର୍ଯ୍ୟାଦାକୁ ଅନ୍ତର୍ଜାତୀୟସ୍ତରରେ କ୍ଷୁର୍ଣ୍ଣ କରିଛି ବୋଲି ଅଭିଯୋଗ ହୋଇଛି। ସେହିପରି ଆନ୍ଦୋଳନରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ପ୍ରତି ଆକ୍ରୋଶମୂଳକ ପଦକ୍ଷେପ ନିଆ ନ ଯାଇ ସରକାର ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ଏକ ଆଚରଣବିଧି ପ୍ରଣୟନ କରିବା, ଅନୁଷ୍ଠାନଗୁଡ଼ିକୁ ଦିଆଯାଉଥିବା ସରକାରୀ ଅନୁଦାନ, ଆଦାୟ ହେଉଥିବା ମନଇଚ୍ଛା ଫି'କୁ ନିୟନ୍ତ୍ରଣ କରିବା, ଭବିଷ୍ୟତରେ ଏଭଳି ଘଟଣ ନ ଘଟିବା ପାଇଁ ସରକାର ଏବେଠାରୁ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ବିକ୍ଷୋଭରେ ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡ଼ା, ଅଶୋକ ପ୍ରଧାନ, ବଂଶୀଧର ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## OFFICE OF THE PRINCIPAL, GOVT. COLLEGE OF NURSING, DHH, DHENKANAL

Notice No.93/ Date. 18.02.25

**TENDER CALL NOTICE FOR SUPPLY OF LABORATORY INSTRUMENTS, EQUIPMENTS & MANNEQUINS**

**No.E-770:** Sealed tenders are invited from different bidders having valid GST registration & license for supply of Laboratory instruments, equipments & mannequin as per the specification given by Principal Tutor, ANM Training Centre, Dhenkanal. The detailed terms & conditions along with list of the Laboratory instruments, equipments & mannequin are available on the website:dhenkanal.nic.in which may be downloaded for reference. Interested parties may submit their offers in sealed covers super-scribing as "Tender for Supply of Lab instrument, equipment & mannequin in reference to Advertisement No. dt to the undersigned through registered post/speed post only, which should reach on or before 5.00 P.M of dt.11.03.2025 positively and will be opened on next day at 11.00 A.M by District Purchase Committee at office of the CDM & PHO, Dhenkanal in presence of the participants, who wish to attend the Tender opening meeting in case of any bid amendment and clarification, responsibility lies with the bidders to collect the same from the website. The Principal Tutor, ANMTC, Dhenkanal shall have no responsibility for any delay/ omission on part of the bidder. The Tender paper will be rejected if the bidders any clause or annexure of the bid document downloaded from the website. The undersigned reserves the right to reject any or all the Tender without assigning any reason thereof.

Principal Tutor,
ANM Training Centre, Dhenkanal

OIPR-10265/11/0006/2425

## OFFICE OF THE MUNICIPAL COUNCIL TALCHER, DIST.: ANGUL

Phone No.: (06760) 240259, E-Mail ID: e.o.talcher@gmail.com

No. 421 Date: 17.02.25

**QUOTATION CALL NOTICE**

No. C-1684: The Executive Officer, Talcher Municipality on behalf of Talcher, Dist.: Angul invites sealed quotations from the intending registered firms/ suppliers/distributor/contractor for **"Supplying, Fitting & Fixing of 5.5mm thick Hexagonal Aluminum Jally at MCC-I & MCC-II under Talcher Municipality"**. The prescribed quotation schedule can be obtained from the Engineer Section of Talcher Municipality on payment of Rs.1,000/- (Rupees one thousand) only (non-refundable) in shape of cash from date 17.02.2025 to date 01.03.2025 upto 1.00 P.M. during office hour except holidays.
The quotation paper along with registration certificate, GST, PAN and other related documents should reach the undersigned by person on or before date 01.03.2025 upto 1.30 P.M. and this office will in no way, be responsible for any delay in receipt of the quotation documents. The quotation will be opened on the same date at 3.00 P.M. in presence of the quotationer or their authorized representative if any. The quotation received beyond the schedule date and time will not be considered at all.
All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.

| Sl. No. | Description | Unit (Excluding GST) |
|---|---|---|
| 1 | Supplying, Fitting & Fixing of 5.5 mm thick hexagonal Aluminum Jally in windows as single groove, double groove & tapered clip as horizontal & vertical member for fixing of aluminum jally and jointing angel conforming in standard aluminum section etc. complete. | Rate Per Square Meter |

OIPR-13077/11/0024/2425 Sd./- Executive Officer, Talcher Municipality

## GOVERNMENT OF ODISHA, DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR

No.A-1088: **'e' Procurement Notice No. ACECIC-18/2024-25**

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACECIC, Bhubaneswar | NGR-08/2024-25 | Construction of CC Lining of Left Distributary of Kuanria Irrigation Project (from RD.00 Km to 10.00 Km) | 830.21 | 830300/- (Online) | 10000/- (Online) | "A" & "Special" Class | 21.02.2025 At 10.00 Hours | 7.03.2025 At 17.00 Hours | 10.03.2025 At 11.00 Hours | 18 (Eighteen Calendar Months) |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.

OIPR-32160/11/0022/2425 Additional Chief Engineer, Central Irrigation Circle

## OFFICE OF THE CSO-CUM-DISTRICT MANAGER
## ODISHA STATE CIVIL SUPPLIES CORPORATION LTD. DHENKANAL DISTRICT

District Website: www.dhenkanal.nic.in, dhe.districtmanager@gmail.com

Tender No. 402 Dt.: 17.02.2025

No. CAD-2624: The District Manager, Odisha State Civil Supplies Corporation Ltd., Dhenkanal District invites tender in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of Transport Contractors in Dhenkanal district.<br>1. For transportation of Paddy from Mandi/PPC to Mill Points of Different Block areas during the KMS: 2024-25<br>2. For transportation of CMR from Mill Points of Different RRCs of the district during the KMS: 2024-25 |
| 2 | Availability of bid document in the portal | From Dt.18.02.2025 |
| 3 | Last Date/time for receipt of bids in the portal | Dt.27.02.2025 upto 5.00 P.M. |
| 4 | Date/Time of opening of Technical Bid | Dt.28.02.2025 at 11.00 A.M. |
| 5 | Name and address of the Office Inviting Tender | CSO-cum-District Manager, OSCSC Ltd., Dhenkanal (District) |

Tender documents & other details can be seen from the e-procurement portal of **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/Re-tenders etc. if any shall be published only in above websites.

Sd./- CSO-cum-District Manager
OSCSC Limited, Dhenkanal

OIPR-07005/11/0008/2425

## OFFICE OF THE SUPERINTENDING ENGINEER CUTTACK (R&B) DIVISION NO.I: CUTTACK

E-Mail id:eepwdcuttack@gmail.com, Tel/Fax.No.(0671)-2304128
GOVERNMENT OF ODISHA ('e' Procurement Notice)
**Bid Identification No.S.E. CTC (R&B)-63 of 2024-25**

**TENDER CALL NOTICE**

**No.B-1019:** The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for Road Works as mentioned below.

2. No. of Work : **03 Nos.**
3. Nature of Work : Building Works
4. Class of Contractor : "C" & "B", "D" & "C" Class
5. Tender Paper Cost : Rs.6000/- (Online)
6. Available of bid documents in the website : From 20.02.2025 to 5PM of 03.03.2025
7. Date of Opening of Bid : 11 AM of 04.03.2025
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- (Er. A. K. Nayak)
Superintending Engineer
Cuttack (R&B) Division No.I

OIPR-34091/11/0049/2425

## INTEGRATED TRIBAL DEVELOPMENT AGENCY, RAYAGADA

E-mail: itdarayagada@gmail.com
Contact No.: 06856-235165, PIN Code: 765001

No. 312/2025 Dated: 17 February' 2025

**CORRIGENDUM**

No. CAD-2619: This office e-Procurement Tender Call Notice No. 193/2025 dated 05 February 2025 wherein the term and conditions written in Sl. No. 11 of Check list and Page No. 45 of Detailed Tender Call Notice **D-1-LIST OF PROJECTS EXECUTED (COMPLETED) & D-2 WORK EXPERIENCE CERTIFICATE** is hereby modified. No work experience certificate is required to participate in the tender. The other terms and conditions of this office Bid Identification No. ITDARGDA-01/2024-25 of Sl. No. 01 to 28 works will remain unchanged.

Sd./- Project Administrator
ITDA, Rayagada

OIPR-26020/11/0003/2425

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

Ltr. No. 863 Date: 18.02.2025

**TENDER CALL NOTICE FOR SUPPLY OF DRUGS, LABORATORY REAGENTS & CONSUMABLES**

No. E-766: Sealed tenders are invited from different bidders having valid GST registration & Drug Licence for supply of items as per the specification given by Chief District Medical & Public Health Officer, Dhenkanal. The detailed terms and conditions along with list of items are available on the website **www.dhenkanal.odisha.gov.in**, which may be downloaded for reference. Interested parties may submit their offers in sealed covers super-scribing as "Tender for supply of Drugs, Laboratory Reagents & Consumables in reference to Advertisement No. 862 Dt.18.02.2025 to the undersigned through Registered Post/Speed Post only, which should reach on or before 5.00 P.M. of Dt.11.03.2025 positively and will be opened on next day at 11.00 A.M. by District Purchase Committee at office of the CDM & PHO, Dhenkanal in presence of the participants, who wish to attend the Tender Opening Meeting. In case of any bid amendment and clarification, responsibility lies with the bidders to collect the same from the website. The CDM&PHO, Dhenkanal shall have no responsibility for any delay/omission on part of the bidder. The tender paper will be rejected if the bidder changes any clause or annexure of the bid document downloaded from the website. The undersigned reserves the right to reject any or all the tenders without assigning any reason thereof.

Sd./- Chief District Medical &
Public Health Officer, Dhenkanal

OIPR-10059/11/0011/2425

## OFFICE OF THE EXECUTIVE ENGINEER RWS&S DIVISION, KENDRAPARA

At: Ichhapur, Post: Shree Baladevjew, Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**

No. O-1501 Bid Identification No. RWS/48/2024-25
Letter No. 684 Dated: 17.02.25

1. The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in **DOUBLE** Cover System in **ONLINE MODE** from eligible contractors for Rural Piped Water Supply Schemes in Kendrapara District.
2. Name of the work : Execution of 40 LPCD Retrofitting RPWS Scheme to Harianka & Nahanga under Derabish Block on Clubbed up mode in Kendrapara District.
3. No. of Work : 01 (One) No. on Clubbed Up Mode
4. Value of the work : Rs.334.64 Lakhs
5. Concerned tender inviting authority : Executive Engineer, RWS&S Division, Kendrapara
6. Security Amount @ 1% (Online) : 334646/-
7. Cost of Bid Documents (Rs.) (Online) : Rs.10000/-
8. Class of Bidder : "A" & "Special" Class
9. Period of Completion : 360 Days
10. Availability of bid documents in the website : From Date: 21.02.2025 at 10.00 A.M. to Date: 11.03.2025 till 5.30 P.M.
11. Last date & time of seeking tender clarification : Upto 25.02.2025 till 5.30 P.M.
12 Date of Opening of Bid : On date 12.03.2025 at 11.00 A.M. onwards

The bidders have to participate in the tender through ONLINE bidding only. Further details can be had from the website i.e. **http://tendersodisha.gov.in**. The bid shall be accompanied with valid Contractor Registration Certificate, PAN, GST, No Relation Certificate in Schedule-A. Affidavit in support of authenticity of documents in Schedule-F and information regarding current litigation in Schedule-E. Subsequent corrigendum/addendum if required shall only be appeared in the above website.

Sd./- (Er. B.K. Nayak)
Executvie Engineer
RWS&S Division, Kendrapara

OIPR-25004/11/0020/2425

## ODISHA CONSTRUCTION CORPORATION LTD.

(A Government of Odisha Undertaking)

**OFFICE OF SENIOR MANAGER (MECH) KANUPUR GATE ERECTION PROJECT, BASUDEVPUR, KEONJHAR**

Qtr No-D1, Kanupur Irrigation Colony, Basudevpur, Keonjhar, 758047, E-Mail:smmechkanupur@gmail.com

**Tender Call Notice No.OCCL/KGEP/02/2024-25 Dated 15.02.2025**

**No.CAD-2609:** Name of Work: 2nd Stage concreting of Rest Beam Block out of 5 nos. Intermediate Pier at Kanupur Gate Erection Project, Basudevpur, Keonjhar. Total No. of Work:- 01 (One), Period of Completion: 10 (Ten) Days.

| Tendering Officer | Bid Identification No. | Cost of Bid document (including GST) (in Rs.) | Availability of tender | Submission of Bid | License |
|---|---|---|---|---|---|
| Senior Manager (Mech.), Kanupur Gate Erection Project, Basudevpur, Keonjhar | OCCL/ KGEP/02/2024-25, Dated 15.02.2025 | 4,720/- (Non-Refundable) | From 18.02.2025, 10.00 A.M. to 24.02.2025, 3.00 P.M. | Upto 24.02.2025, 3.00 P.M. | M-IV and above grade job-worker enlisted in OCCL |

Date of Opening of the Bid : **24.02.2025 at 4.00 PM**
Further details can be seen from the OCCL website **www.odishaconstruction.com**

Sd./- Senior Manager (Mech)
Kanupur Gate Erection Project, Basudevpur, Keonjhar

OIPR-32543/11/0001/2425

## GOVERNMENT OF ODISHA
E_mail:eerwkesinga@yahoo.com
## OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA

No.O-1503 **1st Corrigendum Notice No.467, Date:18.2.25**

**The 1st Corrigendum to Bid identification No.RWKSNG-online-06/2024-25**
**1. The details of corrigendum as table below.**
**As per tender notice**

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division, Kesinga | RWKSNG- online-06/ 24-25 | 17.02.2025 at 14.00 PM | 25.02.2025 upto 14.00 P.M. | 20.02.2025 upto 11.00 A.M. | 25.02.2025 at 15.00 P.M. |

**As per corrigendum**

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division, Kesinga | RWKSNG- online-06/ 24-25 | 18.02.2025 at 16.00 P.M. | 25.02.2025 upto 14.00 P.M. | 20.02.2025 upto 11.00 A.M. | 25.02.2025 at 15.00 P.M. |

2. The approximate estimated cost & Bid Security (online) for the following works are hereby changed.

| Tender Call Notice Sl.No. | Approximate Value of work Excluding GST (Rs. in Lakh) | Approximate Value of Work Excluding GST may be read (Rs. in Lakh) | Bid Security (Online) | Bid Security (online) may be read |
|---|---|---|---|---|
| 1 | 4 | 5 | 6 | 7 |
| 5 | 11.97 | 11.86 | Rs.12000/- | Rs.11900/- |
| 8 | 3.60 | 2.94 | Rs.3600/- | Rs.3000/- |

All other terms and conditions remain unchanged.

OIPR-25153/11/0010/2425 Sd./- Executive Engineer, Rural Works Division, Kesinga

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

**ବିଜ୍ଞପ୍ତି**



No. ୭-182: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨ ବର୍ଷ ପୂର୍ବେ ଏହି ଦୁଇ ଭାଇ ନାମ: ବିଜୁ ସଏ (୭ ବର୍ଷ) ଏବଂ ରାଜୁ ସଏ (୯ ବର୍ଷ) ଢେଙ୍କାନାଳ ସହରସ୍ଥିତ ଏକ ଅଙ୍ଗନବାଡ଼ି କେନ୍ଦ୍ର ପରିପାର୍ଶ୍ୱରେ ଅସହାୟ ଅବସ୍ଥାରେ ବୁଲୁଥିବାର ଦେଖି ସ୍ଥାନୀୟ ସମାଜସେବୀ ପୋଲିସଙ୍କ ସହାୟତାରେ ଶିଶୁ ଦୁହିଁଙ୍କୁ ଆଣି ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ନାମକ ଏକ ଶିଶୁ ଗୃହରେ ରଖାଇଥିଲେ। ଶିଶୁ ଦୁହିଁଙ୍କ କହିବାନୁଯାୟୀ ତାଙ୍କର ପିତାଙ୍କ ନାମ: ମହେନ୍ଦ୍ର ସଏ, ମାତା: ସୁକାନ୍ତି ସଏ, ଠିକଣା: କାଠଯୋଡ଼ି, ମୁଣ୍ଡାସାହି, ଖାନନଗର, କଟକ ଅଟେ। ତେଣୁ କରି ଏହି ଦୁଇ ଶିଶୁଙ୍କୁ ଢେଙ୍କାନାଳରୁ କଟକ ଶିଶୁମଙ୍ଗଳ କମିଟିଙ୍କୁ ସ୍ଥାନାନ୍ତର କରାଯାଇଥିଲା। ପରେ ପିଲା ଦୁହେଁ ଶିଶୁମଙ୍ଗଳ କମିଟିଙ୍କ ନିର୍ଦ୍ଦେଶାନୁସାରେ ତା୨୦।୦୫।୨୦୨୩ରିଖ ନିର୍ଦ୍ଦେଶନାମା ସଂଖ୍ୟା: ୧୩୭(i)/୨୦୨୩ ଏବଂ ୧୩୭(ii)/୨୦୨୩ ଅନୁଯାୟୀ ଉତ୍କଳ ବାଳାଶ୍ରମ କଟକ ଶାଖା, କଟକଠାରେ ରହି ଆସୁଅଛନ୍ତି। ଏହି ଦୁଇ ଶିଶୁ ଉତ୍କଳ ବାଳାଶ୍ରମରେ ରହିବାପରଠାରୁ ଏ ପର୍ଯ୍ୟନ୍ତ ସେମାନଙ୍କ ପିତା ମାତା/ଅଭିଭାବକ କିମ୍ୱା କୌଣସି ସମ୍ପର୍କୀୟ ଦେଖା କରିନାହାନ୍ତି କିମ୍ୱା ଯୋଗାଯୋଗ କରିନାହାନ୍ତି। ଯଦି ଉକ୍ତ ଶିଶୁ ପୁତ୍ରଙ୍କର ଆଇନସିଦ୍ଧ ଦାବିଦାର କେହି ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକ୍ଟୋରେଟ୍ କ୍ୟାମ୍ପସ, କଟକ, ପିନ୍ - ୭୫୩୦୦୨ କିମ୍ୱା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରୀ ନଂ. ୫୪, କଲେକ୍ଟୋରେଟ୍ ବିଲଡିଂ, କଟକ, ଫୋନ୍: ୦୬୭୧-୨୮୦୯୦୦୯ କିମ୍ୱା ପରିଚାଳିକା, ଉତ୍କଳ ବାଳାଶ୍ରମ କଟକ ଶାଖା, ନୂଆପଡ଼ା, କଟକ, ଫୋନ୍: ୦୬୭୧-୨୩୪୪୮୨୬/ମୋ: ୯୪୩୯୮୯୫୭୯୩କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁ ପୁତ୍ରଙ୍କ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁପୁତ୍ରଙ୍କୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ।

OIPR-33038/11/0017/2425 ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦ୍ୟାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୋପାଳପୁରରେ ହେବ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ

- ବାର୍ଷିକ କ୍ଷମତା ୦.୫ ମେଟ୍ରିକ ଟନ୍
- ସବୁଜ ପାୱାର ବ୍ୟାଙ୍କିଙ୍ଗ୍ ସୁବିଧା ଦେବ ଅଭାଡା ଗ୍ରୀନ୍
- ଗ୍ରୀଡ୍‌କୋ ସହ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୯।୨ (ଅନୁରାଧା ମହାରଣା)



ଗ୍ରୀଡ୍‌କୋ ବିଦ୍ୟୁତ୍ ନିୟାମକ ଆୟୋଗ ଗ୍ରୀନ୍ ଏନର୍ଜି ଓପନ ଆକ୍ସେସ୍ ରେଗୁଲେଶନ୍ସ, ୨୦୨୩ ଅଧୀନରେ ମେସର୍ସ ଅଭାଡା ଗ୍ରୀନ୍ ଏଚ୍ ୨ ପ୍ରାଇଭେଟ୍ ଲିମିଟେଡ୍ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁସାରେ ୨୫ ବର୍ଷ ପାଇଁ ଗଞ୍ଜାମର ଗୋପାଳପୁରରେ ବାର୍ଷିକ ୦.୫ ମେଟ୍ରିକ ଟନ୍ ବିଶିଷ୍ଟ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ପାଇଁ ୩୦୦ ମେଗାୱାଟର ସବୁଜ ପାୱାର ବ୍ୟାଙ୍କିଙ୍ଗ୍ ସୁବିଧା ପ୍ରଦାନ କରିବ। ଆସନ୍ତା ୨୫ ବର୍ଷ ପାଇଁ ଏହି ଚୁକ୍ତି ବୈଧ ରହିବ। ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ବର୍ତ୍ତମାନ ସୁଦ୍ଧା, ରାଜ୍ୟରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ନିବେଶ ଏବଂ ୨୨,୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସହିତ ୧୪ଟି ସବୁଜ ହାଇଡ୍ରୋଜେନ/ଆମୋନିଆ ପ୍ରକଳ୍ପକୁ ଅନୁମୋଦନ କରିଛୁ। ରାଜ୍ୟରେ ସବୁଜ ହାଇଡ୍ରୋଜେନ ଏବଂ ଆମୋନିଆ ଶିଳ୍ପ ପ୍ରତିଷ୍ଠାରେ ଏହା ଏକ ଐତିହାସିକ ଘଟଣା। ଜଳ ବ୍ୟତୀତ ସବୁଜ ହାଇଡ୍ରୋଜେନ ଏବଂ ଆମୋନିଆ ଉତ୍ପାଦନ ପାଇଁ ନବୀକରଣୀୟ ଶକ୍ତି ହେଉଛି ମୁଖ୍ୟ ଉପାଦାନ। ରାଜ୍ୟରେ ଅକ୍ଷୟ ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ଓଡ଼ିଶା ସମସ୍ତ ସୁଯୋଗ ଏବଂ ପ୍ରୋତ୍ସାହନ ଯୋଗାଇଦେଉଛି । ଯେହେତୁ ଅକ୍ଷୟ ଶକ୍ତି ବିଦ୍ୟୁତ୍ ଉତ୍ପାଦନ ଅସ୍ଥିର, ଆମେ ସବୁଜ ଶକ୍ତିର ବ୍ୟାଙ୍କିଙ୍ଗ୍ ପାଇଁ ବ୍ୟବସ୍ଥା ସୃଷ୍ଟି କରିଛୁ, ଯାହା ସବୁଜ ହାଇଡ୍ରୋଜେନ ଏବଂ ଆମୋନିଆ ଡେଭଲପରମାନଙ୍କୁ ୨୪ ଘଣ୍ଟା ସବୁଜ ଶକ୍ତି ଯୋଗାଇବ । ସୂଚନା ଥାଉକି, ଗ୍ରୀନ୍ ହାଇଡ୍ରୋଜେନ ଏବଂ ଆମୋନିଆ ବିକାଶ ପାଇଁ ଓଡ଼ିଶା ଭାରତର ଅଗ୍ରଣୀ ରାଜ୍ୟ । ଅନୁକୂଳ ନୀତି, ବିକଶିତ ସାମୁଦ୍ରିକ ବନ୍ଦର ସହିତ ସବୁଜ ଶକ୍ତି ପାଇବା ପାଇଁ ଆବଶ୍ୟକ ଭିତ୍ତିଭୂମି, ସାର, ଇସ୍ପାତ ଏବଂ ଅନ୍ୟାନ୍ୟ ଧାତୁ ଶିଳ୍ପ ଏବଂ ତୈଳ ବିଶୋଧନାଗାରରେ ସବୁଜ ହାଇଡ୍ରୋଜେନ / ଆମୋନିଆର ଆବଶ୍ୟକ ରହିଛି ।




ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ ବିକାଶ ଏବଂ ପ୍ରଶାସନ) ଆଶୁତୋଷ ରଥ ମୁମ୍ବାଇରେ ଅନୁଷ୍ଠିତ 'ବିଶ୍ୱ ମାନବ ସମ୍ବଳ ବିକାଶ କଂଗ୍ରେସ'ରେ 'ଶ୍ରେଷ୍ଠ ମାନବ ସମ୍ବଳ ପ୍ରଭାବକ' ପୁରସ୍କାର ଗ୍ରହଣ କରୁଛନ୍ତି । ବିଶ୍ୱର ବିଭିନ୍ନ ଦେଶରେ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ଅଭିନବ ପରିବର୍ତ୍ତନ ଆଣିବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

# ଲକ୍ଷେ ଟପିପାରେ ସୁନା ଦର

ଭୁବନେଶ୍ୱର,୧୯।୨ (ଅନୁରାଧା ମହାରଣା)

କେତେକ ବୈଶ୍ୱିକ କାରଣରୁ ସୁନା ଦର ୧୦ ଗ୍ରାମ୍ ପିଛା ଲକ୍ଷେ ଟଙ୍କା ଟପିବ ବୋଲି ଆଶଙ୍କା କରାଯାଉଛି। ଆମେରିକା ଲଣ୍ଡନର ଥ୍ରେଡ୍ ଷ୍ଟ୍ରିଟ୍ ତଳେ ଥିବା ବିଶ୍ୱର ସର୍ବବୃହତ୍ ସୁନା ରିଜର୍ଭରୁ ଆମେରିକାର ସୁନା ମଗାଇବା ଆରମ୍ଭ କରିଛନ୍ତମି। ଏହି କ୍ରମରେ ଏ ପର୍ଯ୍ୟନ୍ତ ୮୦୦୦ ସୁନାବାର୍ ଆମେରିକାର ନ୍ୟୁୟର୍କ ସୁନା ରିଜର୍ଭରେ ପହଞ୍ଚିଛି। ବ୍ୟାଙ୍କ ଅଫ୍ ଇଂଲଣ୍ଡର ସୁନା ଭଣ୍ଡାରରେ ୨୨ ଲକ୍ଷ କୋଟି ଟଙ୍କାର ସୁନା ଜମାହୋଇ ରହିଛି। ଆଗାମୀ ଦିନରେ ସୁନା ଆମଦାନୀରେ ଶୁଳ୍କ ଲାଗୁହେବା ନେଇ ଆଶଙ୍କା କରାଯାଉଥିବାବେଳେ ସୁନା ଦର ଭାରତରେ ଲକ୍ଷେ ଟଙ୍କା ଟପିପାରେ।




D-3000


# ଷ୍ଟାର୍ଟଅପ୍ ଓ ଏମ୍ଏସ୍ଏମ୍ଇ ପାଇଁ ଲୋନ୍ ମେଳା




ଭୁବନେଶ୍ୱର,୧୯।୨(ଅନୁରାଧା ମହାରଣା)

ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ସହଯୋଗରେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପରିଷଦ (ଓସ୍ମେ) ପକ୍ଷରୁ ଷ୍ଟାର୍ଟଅପ୍ ଓ ଏମ୍ଏସ୍ଏମ୍ଇଗୁଡ଼ିକ ପାଇଁ ବୁଧବାର ଏକ ଲୋନ୍ ମେଳା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଣ୍ଟରପ୍ରେନ୍ୟୋରଶିପ ଡେଭେଲପମେଣ୍ଟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦୦୦ରୁ ଅଧିକ ଷ୍ଟାର୍ଟଅପ୍, ଏମ୍ଏସ୍ଏମ୍ଇ ଏବଂ ଆଶାୟୀ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ। ଆର୍ଥିକ ଅନୁଷ୍ଠାନ ଏବଂ ଉଦ୍ୟୋଗୀମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂରକରିବା ପାଇଁ ଏହି ମେଳାର ଆୟୋଜନ କରାଯାଇଥିଲା। ପ୍ରମୁଖ ବ୍ୟାଙ୍କ ଗୁଡ଼ିକ ଆର୍ଥିକ ସେବା ପ୍ରଦାନକାରୀଙ୍କ ସହ ଅଂଶଗ୍ରହଣକରି କ୍ଷୁଦ୍ର ବ୍ୟବସାୟୀ ଏବଂ ଉଦୀୟମାନ ଉଦ୍ୟୋଗଗୁଡ଼ିକର ବିଭିନ୍ନ ଆର୍ଥିକ ସମାଧାନ ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ, ଓଡ଼ିଶା ସରକାର ଷ୍ଟାର୍ଟଅପ୍ ଏବଂ ଏମ୍ଏସ୍ଏମ୍ଇଗୁଡ଼ିକର ବ୍ୟବସାୟ ବୃଦ୍ଧି ପାଇଁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନକରି ସେମାନଙ୍କୁ ସଶକ୍ତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଓସ୍ମେର ମହାସଚିବ ସାତ୍ୱିକ ସ୍ୱାଇଁ କହିଛନ୍ତି, ଏମ୍ଏସ୍ଏମ୍ଇ ଏବଂ ଷ୍ଟାର୍ଟଅପ୍ ପାଇଁ ଋଣର ସୁବିଧା ପାଇଁ ଆମେ ସିଡ୍‌ବି ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛୁ। ସିଡ୍‌ବି ଡେପୁଟି ଜେନେରାଲ ମ୍ୟାନେଜର ପ୍ରଦ୍ୟୁମ୍ନ ଚୌଧୁରୀ, ୟୁକୋ ବ୍ୟାଙ୍କର ଏସ୍ଏଲ୍‌ବିସି ମୁଖ୍ୟ ତଥା ମହାପ୍ରବନ୍ଧକ ଗୌତମ ପାତ୍ର, ଆଇଇଡିଏସ୍, କଟକ ଏମ୍ଏସ୍ଏମ୍ଇ ଡିଏଫ୍ଓର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, ଏମ୍ଏସ୍ଏମ୍ଇ ବିଭାଗର ସ୍ୱତନ୍ତ୍ର ସଚିବ ବିଭୁଭୂଷଣ ଦାଶ, ଓଏସ୍ଏମ୍ଇ ମହିଳା ଶାଖା ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍ଇଏଆଇ ପକ୍ଷରୁ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୧୯।୨(ଅନୁରାଧା ମହାରଣା)




ହାଇଦ୍ରାବାଦସ୍ଥିତ ମାଇନିଂ ଇଞ୍ଜିନିୟର୍ସ ଆସୋସିଏସନ ଅଫ୍ ଇଣ୍ଡିଆ (ଏମ୍ଇଏଆଇ) ପକ୍ଷରୁ 'ଖଣିଜ ଖଣି ଖନନ: ଆତ୍ମନିର୍ଭର ବିକଶିତ ଭାରତ ୨୦୪୭ ଦିଗରେ ଅଗ୍ରଗାମୀ' ଶୀର୍ଷକ ୨ଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଦ୍ୱିତୀୟ ଦିନରେ ଖଣି କ୍ଷେତ୍ର, ଏହାର ଭବିଷ୍ୟତ ନୀତି ଏବଂ ବୈଷୟିକ ପ୍ରଗତି ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଏନ୍ଏମ୍‌ଡିସି ନିର୍ଦ୍ଦେଶକ (ବାଣିଜ୍ୟିକ) ଭି. ସୁରେଶ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀକୁ ସମ୍ବୋଧିତକରି ସୁରେଶ କହିଛନ୍ତି, ଭାରତର ଖଣି କ୍ଷେତ୍ର ହେଉଛି ଅର୍ଥନୈତିକ ଅଭିବୃଦ୍ଧିର ମେରୁଦଣ୍ଡ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ହେବ। ସ୍ଥାୟୀ ଖଣି, ବୈଷୟିକ ଉଦ୍ଭାବନ, ଦକ୍ଷତା ବିକାଶ, ନୀତି ସଂସ୍କାର ଏବଂ ବିଶ୍ୱ ଭାଗୀଦାରି ଶିଳ୍ପର ଭବିଷ୍ୟତକୁ ବ୍ୟାଖ୍ୟା କରିବ। ଏସ୍ଓସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଏନ୍.ବଳରାମ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍ଏମ୍‌ଡିସି ଲିମିଟେଡ୍ ଆଇଆର୍ଏସ୍ଏସ୍, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ବି. ବିଶ୍ୱନାଥ, ଏନ୍ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ପୂର୍ବତନ ସିଏମ୍‌ଡି ସୁରେନ୍ଦ୍ର ମୋହନ, ଏଚ୍‌ସିଏଲ୍‌ର ପୂର୍ବତନ ସିଏମ୍‌ଡି ଏ.କେ.ଶୁକ୍ଳା, ଏନ୍ଏମ୍‌ଡିସି ଲିମିଟେଡ୍‌ର ପୂର୍ବତନ ନିର୍ଦ୍ଦେଶକ (ଉତ୍ପାଦନ) ପି.କେ. ଶତପଥୀ ପ୍ରମୁଖ ଯୋଗଦେଇ ଖଣି ଉଦ୍ଭାବନ, ସ୍ଥିରତା ଏବଂ ନୀତି ସଂସ୍କାର ଉପରେ ଆଲୋଚନାରେ ସହଯୋଗ କରିଥିଲେ। ବୈଷୟିକ ଅଧିବେଶନଗୁଡିକ ବର୍ଜ୍ୟବସ୍ତୁ କିମ୍ବା ନିମ୍ନ ଗ୍ରେଡ୍ ଖଣିରୁ ମାଙ୍ଗାନିଜ ଏବଂ ବକ୍ସାଇଟ ପୁନରୁଦ୍ଧାର, ନିମ୍ନ ଗ୍ରେଡ୍ ଲୁହାପଥର ଆମୋନିଆ ଲାଭ ଏବଂ ସ୍ଥାୟୀ ଖଣି ଅଭ୍ୟାସରେ ଅଗ୍ରଗତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିଳ୍ପ ବିଶେଷଜ୍ଞମାନେ ଉଦ୍ଭାବନ ଉପରେ ସେମାନଙ୍କର ମତାମତ ରଖିଥିଲେ। ଏନ୍ଏମ୍‌ଡିସି ଲିମିଟେଡ୍ ନିର୍ଦ୍ଦେଶକ (ବୈଷୟିକ) ବିନୟ କୁମାର ଏକ ବିକଶିତ ଭାରତ ୨୦୪୭ ପାଇଁ ଭାରତର ଖଣି କ୍ଷେତ୍ରର ଭବିଷ୍ୟତ ବିଷୟରେ ଆଲୋଚନା ପାଇଁ ଏକତ୍ରିତ ହୋଇଥିବା କହିଥିଲେ। ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଶିଳ୍ପସଂସ୍ଥାର ଅଗ୍ରଣୀ ବ୍ୟକ୍ତିତ୍ୱମାନେ ନୀତି ସଂସ୍କାର, ବର୍ଦ୍ଧିତ ଅନୁସନ୍ଧାନ, ସ୍ଥାୟୀ ଖଣି, ଡିକାର୍ବୋନାଇଜେଶନ, ଦକ୍ଷତା ବିକାଶ ଏବଂ ଯୁବପ୍ରତିଭାଙ୍କୁ ଆକର୍ଷିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

# ଲକ୍ଷ୍ନୌରେ ହେବ ପ୍ରଥମ ଆଦାନୀ ଜେମ୍ସ ସ୍କୁଲ ଅଫ୍ ଏକ୍ସିଲେନ୍ସ

ଭୁବନେଶ୍ୱର,୧୯।୨ (ଅନୁରାଧା ମହାରଣା)

ଜେମ୍ସ ଏଜୁକେଶନ ସହଭାଗିତାରେ ଆଦାନୀ ଫାଉଣ୍ଡେଶନ ସମଗ୍ର ଦେଶରେ ଶିକ୍ଷା ମନ୍ଦିର ଗଢ଼ିବାକୁ ସ୍ଥିର କରିଛି। ପ୍ରାରମ୍ଭିକ ଭାବେ ୨୦୦୦ କୋଟି ଟଙ୍କା ଅନୁଦାନରେ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ଗଠନ ପାଇଁ ଆଦାନୀ ଫାଉଣ୍ଡେଶନ ଲକ୍ଷ୍ୟ ରଖିଛି। ଦେଶର ସବୁବର୍ଗଙ୍କ ପାଇଁ ଏହି ସେବା ଉପଲବ୍ଧ ହେବ। ଫାଉଣ୍ଡେଶନ ଚେୟାରମ୍ୟାନ ଗୌତମ ଆଦାନୀଙ୍କ 'ସେବା ସାଧନା, ସେବା ପ୍ରାର୍ଥନା ଓ ସେବା ହିଁ ପରମାତ୍ମା' ଚିନ୍ତାଧାରା ଆଧାରରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୨୦୨୫-୨୬ ଶିକ୍ଷାବର୍ଷରେ ଲକ୍ଷ୍ନୌଠାରେ ପ୍ରଥମ 'ଆଦାନୀ ଜେମ୍ସ ସ୍କୁଲ ଅଫ୍ ଏକ୍ସିଲେନ୍ସ'ର ଶୁଭାରମ୍ଭ କରାଯିବ। ପରବର୍ତ୍ତୀ ୩ ବର୍ଷ ମଧ୍ୟରେ ଏପରି ୨୦ଟି ସ୍କୁଲ ଖୋଲାଯିବ। ମେଟ୍ରୋପଲିଟାନ, ଟାୟାର-୨ ଠାରୁ ଟାୟାର-୪ ସହରରେ ଏହି ସବୁ ସ୍କୁଲ ଖୋଲାଯିବାକୁ ଥିବାବେଳେ ୩୦% ଆସନ ସଂରକ୍ଷିତ ରହିବ। ଏହି ଅବସରରେ ଆଦାନୀ କହିଛନ୍ତି, ଦେଶର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପ୍ରତି ଫାଉଣ୍ଡେଶନର ପ୍ରତିବଦ୍ଧତାକୁ ଦର୍ଶାଉଛି। ସେହିପରି ଜେମ୍ସର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସନି ବାର୍କି କହିଛନ୍ତି, ସବୁବେଳେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଆମର ଲକ୍ଷ୍ୟ ରହିଥିବାବେଳେ ସାମାଜିକ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଏପରି ପ୍ରୟାସ କରାଯାଉଛି।


# Classified Everyday
**0674-2580101, 9692975378**



## REAL ESTATE
### SALE

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

ଫୁଲନଖରା ନିକଟସ୍ଥ **Sum Hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299. D-76239

**Gharabari converted plots available near Hitech Square, Sundarpada, Bhubaneswar. For more details Contact: 9040307584, 9437040045.** D-2997

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project-8917622925. D-2923

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-2995

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-2996



## FOR RENT

**2Acre (87000 sqft) NH facing plot near Chandanpur, Puri for any commercial purposes Rent/Lease. 9438400633** D-76236




Positively health benefited SPA by expert female therapist, Jaydevbihar. 8458048909. D-76196

Newly open health benefits SPA by experience lady therapist. 8658088274. D-76197

Positively health benefited SPA by expert female therapist, Bapujinagar. 8018429809. D-76198

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

Affidavit No.-65, date-24.01.25, Before the Notary Public, Bhubaneswar, I Mumtaz Begum, W/o- Taslim Khan, declare that my son Ayat Sheak name has been recorded as Ayat Sheak in his birth Cerificate Vide Regd No.- 7365/2016 dated 10.04.2016. But his name has been recorded as Ayat ali Khan instead of Ayat Sheak in his Aadhaar Card Vide No.- xxxx xxxx 5113. So I hereby declare that Ayat Sheak and Ayat ali Khan is one and same person i.e. my son. My son shall known as Ayat Sheak, S/o- Taslim Khan, At, Plot No.- 1004, Jharpada, P.O.- Budheswari, P.S. Laxmisagar, BBSR, Dist.- Khurdha, Odisha-751006 for all purpose. D-3001

By virtue of an affidavit sworn before the Executive Magistrate, Dharmasala, dated 18.02.2025, I, Sk Khalili, Address: At- Chahata, P.O./ P.S.- Dharmasala, Dist.- Jajpur, Odisha-755008 declare that I have changed my name from Sk Khalli to Sk Khalili. Henceforth, I shall be known as Sk Khalili for all purposes. D-2993

By virtue of an affidavit sworn before the Executive Magistrate, Dharmasala, dated 18.02.2025, I, Sk Riyazuddin, Address: At- Chahata, P.O./ P.S.- Dharmasala, Dist.- Jajpur, Odisha-755008 declare that I have changed my name from Sk Raysden to Sk Riyazuddin. Henceforth, I shall be known as Sk Riyazuddin for all purposes. D-2994

I, Soratun Khatun, W/o- Sk Papu, resident of Khirpada, P.O.- Makhanpur, P.S.-Khaira, Dist.- Balasore, PIN-756047, Odisha declare by this affidavit No.- 839 dated 18.02.2025 that now onwards I shall be known as Soni Bibi for all future purposes. D-2992

By this affidavit CF. No.04 date 19.02.25 in the Court of Executive Magistrate, Sohela, I, Anusuya Mishra, W/o- Raghumani Mishra, Village/P.O.- Baunsenmura, P.S.- Sohela, Dist.- Bargarh, Odisha, PIN. 768033 declare that I have changed my name from Anusaya Mishra to Anusuya Mishra. Henceforth, I shall be known as Anusuya Mishra for all purposes. D-2998

I, Ankita Patra (39 years), W/o- Amaresh Patra, Vill: Gohirapadi, P.O.- Dolapadi, P.S.- Bonth, Dist.- Bhadrak declare that previously I was known as Susmi Ranjita Barik, D/o- Sital Kumar Barik. I have an LIC Policy bearing No.- 596820403 where is my name mentioned Susmi Ranjita Patra. Furthre I declare that Ankita Patra, Susmi Ranjita Barik and Susmi Ranjita Patra is same and one person. D-2999

By virtue of an affidavit sworn before the Notary Public Narendra Ku. Sahoo,BBSR, dt.19.02.2025, I Akshaya Kumar Jethi, of Plot No.-2286, Temple road, Old town, BBSR-2, PS.- Shree Lingaraj, BBSR, Dist.-Khordha, Odisha, declare that I have chaged my daughter's name from Bursali Priyadarsani Jethi', to Barsali Priyadarsani Jethi Henceforth, she shall be known as Barsali Priyadarsani Jethi for all purposes. Akshaya Kumar Jethi D-2958

Your classified advertisement published in Dharitri will be listed free in Dharitri online edition: **dharitriepaper.in**

## ମନେ ପଡ଼ନ୍ତି



D-2976

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


'ଛାଓ୍ୱା' ଫିଲ୍ମରେ ଭିକି କୌଶଲ- ରଶ୍ମିକା ମାନ୍ଦାନା

# ଛାଓ୍ୱା

ନିକଟରେ ରିଲିଜ ହୋଇଛି ଭିକି କୌଶଲଙ୍କ ଅଭିନୀତ 'ଛାଓ୍ୱା'। ପ୍ରାରମ୍ଭରୁ ଏହି ଚିତ୍ରଟି ବେଶ୍ ଦର୍ଶକାଦୃତ ହେଉଥିବାର ଦେଖିବାକୁ ମିଳିଛି। ଲକ୍ଷ୍ମଣ ଉତେକରଙ୍କ ନିଖୁଣ ନିର୍ଦ୍ଦେଶନା ସହ କଳାକାରଙ୍କ ଅଭିନୟ ଫିଲ୍ମଟିକୁ ହିଟ୍ ପର୍ଯ୍ୟାୟଭୁକ୍ତ କରାଇବାରେ ଯଥେଷ୍ଟ ସାହାଯ୍ୟ କରିଛି। ଏହି ଫିଲ୍ମରେ ଛତ୍ରପତି ଶମ୍ଭାଜୀ ମହାରାଜଙ୍କ ବୀରତ୍ୱକୁ ଚିତ୍ରଣ କରାଯାଇଛି। ଏଥିରେ ତାଙ୍କ ନାମକୁ ଛାଓ୍ୱା (ସିଂହଛୁଆ) ରଖାଯାଇଛି। ଶମ୍ଭାଜୀ ଏବଂ ଔରଙ୍ଗଜେବଙ୍କ ଶାସନକାଳକୁ ଏହି ଫିଲ୍ମରେ ବେଶ୍ ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି। ଶିବାଜୀ ସାଓ୍ୱନ୍ତଙ୍କ ଉପନ୍ୟାସ 'ଛାଓ୍ୱା'କୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ବିଶେଷଭାବରେ ଏହାର ଟାଇଟଲ ଭୂମିକାରେ ଭିକିଙ୍କ ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ତାଙ୍କ ଅଭିନୟ ଜୀବନରେ ଏହା ଆଉ ଏକ ସ୍ମରଣୀୟ ସିନେମା ଭାବରେ ଲିପିବଦ୍ଧ ହୋଇରହିବ। ଏ ନେଇ ଭିକି କହନ୍ତି, 'ଯେତେବେଳେ ଏହି ଭୂମିକା ବିଷୟରେ ମୋତେ ସୂଚନା ଦିଆଗଲା ସେତେବେଳେ ତାହାକୁ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରିଥିଲି। ରୋଲ୍‌ଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡ଼ିଛି। ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିଛନ୍ତି ଆଉ ସେ ନେଇ ସେମାନଙ୍କୁ ମୁଁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।'' ଏହି ଫିଲ୍ମରେ ରଶ୍ମିକା ମାନ୍ଦାନା, ଅକ୍ଷୟ ଖାନ୍ନା ଏବଂ ଆଶୁତୋଷ ରାଣା ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୩୦ କୋଟି ବଜେଟରେ ପ୍ରସ୍ତୁତ 'ଛାଓ୍ୱା' ବକ୍ସ ଅଫିସରେ ପାଖାପାଖି ୨୦୫ କୋଟି ବିଜ୍‌ନେସ କରିବାରେ ସକ୍ଷମ ହୋଇଛି। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଦିନେଶ ଭେଜାନ। ଏହାର ପ୍ରଚ୍ଛଦପଟ ବ୍ୟାଖ୍ୟା କରିଛନ୍ତି ଅଜୟ ଦେବଗନ। ହିନ୍ଦୀ ଭାଷାରେ ନିର୍ମିତ ଏହି ସିନେମାର ଅବଧି ରହିଛି ୧୬୧ ମିନିଟ୍।

# ଡାଏରୀ କହିବ ମନ କଥା

ବର୍ତ୍ତମାନ ସୋସିଆଲ ମିଡିଆର ଚାହିଦା କାହିଁରେ କେତେ। କେବଳ ବୟସ୍କ ବ୍ୟକ୍ତି ନୁହନ୍ତି ସ୍କୁଲରେ ପଢୁଥିବା ପିଲା, ଯୁବପିଢ଼ି ଏଥିପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ତେବେ ସୋସିଆଲ ମିଡିଆ ଏବଂ ମୋବାଇଲ ବ୍ୟବହାର ଜଣେ ଛାତ୍ର ଜୀବନକୁ କିପରି ପ୍ରଭାବିତ କରୁଛି ଏବଂ ଏହାଦ୍ୱାରା ତାହାର ଜୀବନର ଗତିପଥ ମଧ୍ୟ ବଦଳି ଯାଉଛି। ତା'ପରେ କ'ଣ ହେଉଛି ତାହା ଫିଲ୍ମଟିକୁ ଦେଖିଲେ ହିଁ ଜାଣିପାରିବେ। ଏକ ସାମ୍ପ୍ରତିକ ଘଟଣାକୁ ନେଇ ଶ୍ରୀ ଗଣେଶ ପ୍ରଡକ୍ସନ ବ୍ୟାନରରେ ନିର୍ମାଣ କରାଯାଉଥିବା ଓଡ଼ିଆ ସିନେମାଟିର ଟାଇଟଲ ରହିଛି 'ସ୍କୁଲ ଡାଏରୀ'। ଏହାର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଉଛନ୍ତି ସମ୍ମିତ ବାରିକ। ବର୍ତ୍ତମାନ ଏହାର ଶୁଟିଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଲଗ୍ନା ସ୍ୱାଇଁ ଏବଂ ସମ୍ମିତ ବାରିକ। ଲାଇନ୍ ପ୍ରଯୋଜକ ଅଛନ୍ତି ଗଣେଶ ପଣ୍ଡା ଏବଂ ରବି କୁମାର ଶତପଥୀ। ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଅରୁଣ ମନ୍ତ୍ରୀ ଏବଂ ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରଶାନ୍ତ ପାଢ଼ୀ। ଏହାର ବିଭିନ୍ନ ଭୂମିକାରେ ନବାଗତ ଯୋଡ଼ି ପ୍ରେମ, ଅକ୍ସିତା ଏବଂ ବିଦ୍ୟାଙ୍କ ବ୍ୟତୀତ ଚୌଧୁରୀ ଜୟ ପ୍ରକାଶ ଦାସ, ସସ୍ମିତା ପ୍ରଧାନ ଏବଂ ରବି ମିଶ୍ର ପ୍ରମୁଖ କଳାକାର ଅଭିନୟ କରୁଛନ୍ତି।

# ରହସ୍ୟ ଖୋଲିଲେ ପ୍ରିୟଙ୍କା

ଯଶ୍ ଚୋପ୍ରାଙ୍କ 'ମୋହବତେଁ'କୁ ଭୁଲିପାରୁନାହାନ୍ତି ପ୍ରିୟଙ୍କା ଚୋପ୍ରା ଓରଫ ପିସି। କାରଣ କ'ଣ ଜାଣନ୍ତି? ଯେତେବେଳେ ସେ ମିସ୍ ଓ୍ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ସେତେବେଳେ ତାଙ୍କୁ ଏହି ଅଫର ମିଳିଥିଲା। କିନ୍ତୁ କିଛିଦିନ ଚିନ୍ତା କରିବା ପରେ ଏହି ଅଫରଟିକୁ ସେ ହାତଛଡ଼ା କରିଥିଲେ। ଏ ନେଇ ପ୍ରିୟଙ୍କା କହନ୍ତି, 'ଯଦି ମୁଁ 'ମୋହବତେଁ' ଅଫରଟିକୁ ଗ୍ରହଣ କରିଥାଆନ୍ତି, ତେବେ ତାହା ମୋର ପ୍ରଥମ ହିନ୍ଦୀ ସିନେମା ହୋଇଥାଆନ୍ତା। ହେଲେ ବିଧିର ବିଧାନ ଅଲଗା। ସେତେବେଳେ ମୁଁ ମିସ୍ ଓ୍ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥାଏ। ତେଣୁ ସେତେବେଳେ ଫିଲ୍ମ ଶୁଟିଂ ପାଇଁ ସମୟ ଦେଇପାରି ନ ଥାନ୍ତି। ତେଣୁ ଏପରି ବଡ଼ ଅଫରଟିକୁ ବାଧ୍ୟ ହୋଇ ହାତଛଡ଼ା କରିଥିଲି। ଏବେ ବି ସେକଥା ମନେପଡ଼ିଲେ ଦୁଃଖ ଲାଗେ।' ପରେ ଏହି ଭୂମିକା ପାଇଁ ଶିଲ୍ପା ସେଟ୍ଟୀଙ୍କ ଭଉଣୀ ସମିତାଙ୍କୁ ସାଇନ୍ କରାଯାଇଥିଲା। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ୨୦୦୨ରେ ପ୍ରିୟଙ୍କା ତାମିଲ ଫିଲ୍ମ 'ଥାମିଜାନ୍'ରେ ବଡ଼ ପରଦାରେ ଏଣ୍ଟ୍ରି କରିଥିଲେ।


ପ୍ରିୟଙ୍କା

# ତାରାଙ୍କ ନୀରବତା

ତାରା ସୁତାରିଆ ଏବେ ଅଧିକାଂଶ ସମୟ ନୀରବ ରହୁଛନ୍ତି। କଥା କ'ଣ କି ନିଜ କ୍ୟାରିୟର କିପରି ଆଗକୁ ବଢ଼ିବ ଏବଂ ତାଙ୍କ ଅଭିନୀତ ସିନେମାଗୁଡ଼ିକ ଦର୍ଶକଙ୍କ ମନକୁ ଛୁଇଁବ ସେଥିପାଇଁ ସେ ନେଇ ବେଶ୍ ସଚେତନ। ଏବେ ତାରା ମାପିଚୁପି କଥା କହୁଛନ୍ତି। ନିଜ ସିନେମାକୁ ଅଯଥାରେ ପ୍ରଶଂସା କରିବା ଫିଲ୍ମଟି ରିଲିଜ୍ ପୂର୍ବରୁ ତାହା ହିଟ୍ ହେବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିବାକୁ ପସନ୍ଦ କରୁନାହାନ୍ତି। କେହି କିଛି ପଚାରିଲେ ଯେତେ ସଂକ୍ଷେପରେ ଉତ୍ତର ଦେଉଛନ୍ତି। କେବଳ ସେତିକି ନୁହେଁ ତାରା ମଧ୍ୟ ଏବେ ଚୁଜି ହେଲେଣି। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସି ଯାଇଛି। ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ତାରା। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, ''ଆକ୍ଟିଂ ଏପରି ଏକ ଲାଇନ୍ ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡ଼ିବ। ଏକାଥରେ ପୁଳାଏ ସିନେମାରେ ଅଭିନୟ କରିବା ପୁଣି ସେଗୁଡ଼ିକ ବକ୍ସ ଅଫିସରେ ଫ୍ଲପ୍ ହେବା-କ୍ୟାରିୟର ପାଇଁ ଆଦୌ ଶୁଭପ୍ରଦ ନୁହେଁ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।''


ତାରା

# ଅକ୍ଷୟଙ୍କ ପ୍ରଶଂସାରେ କ୍ରିତି


କ୍ରିତି

କ୍ରିତି ସାନନ୍ ଏବେ ଜଣଙ୍କର ପ୍ରଶଂସାରେ ଶତମୁଖ। ଯୁଆଡ଼େ ଗଲେ ତାଙ୍କୁ ଭୂରିଭୂରି ପ୍ରଶଂସା କରୁଛନ୍ତି। ହେଲେ ସେ କାହାର ପ୍ରଶଂସା କରୁଛନ୍ତି ଜାଣିବେନି? ହଁ ସେ ହେଲେ ଖିଲାଡ଼ି ମାଷ୍ଟର ଅକ୍ଷୟ କୁମାର। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। ଗୋଟିଏ ପଟେ ଅକ୍ଷୟ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମାର ସେ ନାୟିକା ସାଜିବାର ଯୋଜନା ରହିଛି। ଏ ନେଇ କ୍ରିତିଙ୍କୁ ଅଫର ଦିଆଯାଇଛି, ହେଲେ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସେ ଦୁଇ ସପ୍ତାହ ସମୟ ନେଇଛନ୍ତି। ଏ ନେଇ କ୍ରିତି କହନ୍ତି, ''ଯାହା କହନ୍ତୁ ନା କାହିଁକି, ଅକ୍ଷୟ କୁମାରଙ୍କ ପରି ଆକ୍ଟରଙ୍କ ସହ କାମ କରିବାରେ ସ୍ପେଶାଲ ଚାର୍ମ ରହିଛି। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ ପାଇଁ ଏକ ଭିନ୍ନ ଧରଣର । ତେଣୁ ଏ ବିଷୟରେ ନିଷ୍ପତ୍ତି ନେବାକୁ ମୁଁ କିଛିଦିନ ସମୟ ନେଇଛି। ମୋତେ ଯେଉଁ ରୋଲ୍ ମିଳୁନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ-ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ଅକ୍ଷୟଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି। ତାଙ୍କର ପଙ୍କ୍‌ଚୁଆଲିଟି ମୋତେ ସବୁଠାରୁ ବେଶି ପ୍ରଭାବିତ କରିଛି। ଏହାବ୍ୟତୀତ ତାଙ୍କର ଡେଲି ରୁଟିନ୍ ଲାଇଫ୍‌କୁ ମୁଁ ଫଲୋ କରିବାକୁ ଚେଷ୍ଟା କରୁଛି।'' ଯଦି ଏହି ଫିଲ୍ମରେ ଆକ୍ଟିଂ କରିବାକୁ କ୍ରିତି ରାଜି ହୁଅନ୍ତି, ତେବେ ଅକ୍ଷୟଙ୍କ ସହ ତାଙ୍କ ଯୋଡ଼ି ବଡ଼ ପରଦାରେ କି କମାଲ କରିବ ତାହା ଦେଖିବାକୁ ବାକି ରହିଲା।

# ମାତ୍ର ତିନି ସପ୍ତାହ

ପପୁ ପମ୍‌ପମ୍‌ଙ୍କ ଅଭିନୀତ ନୂଆ ଚଳଚ୍ଚିତ୍ର 'ଡଷ୍ଟବିନ'ର ଶୁଟିଂ ମାତ୍ର ତିନି ସପ୍ତାହରେ ଶେଷ ହୋଇଛି। ଏତେ କମ୍ ସମୟ ଭିତରେ ଶୁଟିଂ ଶେଷ ହେବା ପରେ ପପୁ ଏହାକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ତେବେ ନିର୍ମାଣ କ୍ଷେତ୍ରରେ କୌଣସିଥିରେ କିଛି ଊଣା କରାଯାଇ ନାହିଁ ବୋଲି ସେ କହିଛନ୍ତି। ପିକେ ଫିଲ୍ମ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ପ୍ରଯୋଜକ ଅଛନ୍ତି କେ. କେ. ସାହୁ। କାର୍ଯ୍ୟକାରୀ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ପ୍ରଦୀପ୍ତ କୁମାର ସ୍ୱାଇଁ। ମୁଖ୍ୟ ଭୂମିକାରେ ଅଭିନୟ କରିବା ସହ ପପୁ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିଛନ୍ତି। ତା'ସହ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି। ଖାସ୍ କଥା ହେଲା, ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ଏହି ଲୋକପ୍ରିୟ ହାସ୍ୟାଭିନେତା। ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଶୁଭମ। ପପୁଙ୍କ ବ୍ୟତୀତ ପ୍ରାଚୀ, ସୁକୁମାର ଟୁଡୁ, ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଜୀବନ ପଣ୍ଡା, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ ଓ ମନୋଜ ସ୍ୱାଇଁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


'ଡଷ୍ଟବିନ୍' ଫିଲ୍ମର ପୋଷ୍ଟର

# ମନେ ରହିବେ ଜ୍ଞାନରଞ୍ଜନ ପ୍ରିୟଦର୍ଶନ

ଶ୍ରଦ୍ଧାଞ୍ଜଳି



ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଯୋଜକ ଜ୍ଞାନରଞ୍ଜନ ପ୍ରିୟଦର୍ଶନଙ୍କର ହଠାତ୍ ବିୟୋଗ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ମାତ୍ର ଗୋଟିଏ ସିନେମା (ମତେ ବୋହୂ କରି ନେଇଯା)ର ସେ ସିନା ପ୍ରଯୋଜନା କରିଥିଲେ ହେଲେ ସଙ୍ଗୀତ କ୍ଷେତ୍ରରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଏହି ଫିଲ୍ମର ସମସ୍ତ ଶୁଟିଂ ମାଲେସିଆରେ ହିଁ ହୋଇଥିଲା। ଓଡ଼ିଆ ଆଧୁନିକ ସଙ୍ଗୀତ ମାଧ୍ୟମରେ ନୂଆ ଗାୟକ ଗାୟିକାମାନଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ସେ ପ୍ରତିଷ୍ଠା କରିଥିଲେ ଦର୍ଶନ ମ୍ୟୁଜିକ।

ପ୍ରଯୋଜନା କ୍ଷେତ୍ରରେ ସେ ଆଗେଇ ପାରି ନ ଥିଲେ- ଏକଥା ସତ, ହେଲେ ଓଡ଼ିଆ ସିନେମାକୁ ଆଗକୁ ନେବାରେ ତାଙ୍କର ସହଯୋଗକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ବିଶେଷଭାବରେ ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧି ଉପରେ ସେ ଗୁରୁତ୍ୱ ଦେଉଥିଲେ। ତା' ସହ ଭଲ ସିନେମାଟିଏ ନିର୍ମାଣ କରିବାକୁ କେଉଁ କେଉଁ ଦିଗ ପ୍ରତି ଜଣେ ପ୍ରଯୋଜକ ଗୁରୁତ୍ୱ ଦେବା ଆବଶ୍ୟକ ତାହା ଉପରେ ତାଙ୍କର ଦିଗ୍‌ଦର୍ଶନ ବେଶ୍ ପ୍ରଶଂସନୀୟ।

ଓଡ଼ିଆ ସଂସ୍କୃତିର ବିକାଶ ପାଇଁ ସେ ନିଜ ଜନ୍ମସ୍ଥାନ ଯାଜପୁରରେ ନିୟମିତ ସମୟ ଅନ୍ତରାଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ।

ମୃତ୍ୟୁ ତାଙ୍କୁ ଯେ ଏମିତି ହଠାତ୍ ନେଇଯିବ ତାହାକୁ ବିଶ୍ୱାସ କରିହେଉନି। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କର ପତ୍ନୀ ବିଳମ୍ବ ନ କରି ତାଙ୍କୁ ହସ୍‌ପିଟାଲ ନେଇ ଯାଇଥିଲେ। ଗାଡ଼ିରେ ପତ୍ନୀଙ୍କ କୋଳରେ ଶୋଇ କହିଥିଲେ 'ମୁଁ ଚାଲିଲି'। ପ୍ରଯୋଜକ ପ୍ରିୟ ଦର୍ଶନଙ୍କ ଏକମାତ୍ର ପୁତ୍ର ସନ୍ତାନ ଲଣ୍ଡନରେ ଶିକ୍ଷାଗ୍ରହଣ କରୁଛନ୍ତି। ଓଡ଼ିଆ ସିନେମାକୁ ଭଲପାଉଥିବା ପ୍ରଯୋଜକ ଜ୍ଞାନ ରଞ୍ଜନ ପ୍ରିୟଦର୍ଶନ ଯେଉଁଠି ରହିଲେ ବି ଭଲରେ ଥାଆନ୍ତୁ। ଓଡ଼ିଆ ଭାବେ ନିଜକୁ ଗର୍ବ ଅନୁଭବ କରି ଆଜି ଅକାଳରେ ସମସ୍ତ ବନ୍ଧୁ ପରିବାରବର୍ଗଙ୍କୁ ଛାଡ଼ି ଚାଲିଯିବା ପାଇଁ ସମସ୍ତେ ଦୁଃଖିତ। ଶ୍ରୀଜଗନ୍ନାଥ ତୁମ ପରିବାରକୁ ସହାୟ ହୁଅନ୍ତୁ ଏହା ହିଁ ଆମର କାମନା।

-ଦିଲ୍ଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୦/୨୦୨୫ Bhubaneswar, Thursday, February 20/ 2025


କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବୁଧବାର ଭାରତ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ଜର୍ମାନୀକୁ ହରାଇଲା ଭାରତ

ଭୁବନେଶ୍ୱର, ୧୯।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୧-୦ ଗୋଲରେ ଜର୍ମାନୀକୁ ପରାସ୍ତ କରିଛି। ମଙ୍ଗଳବାର ମ୍ୟାଚରେ ୧-୪ ଗୋଲରେ ପରାସ୍ତ ହେବା ପରେ ଏହି ବିଜୟ ହାସଲ କରି ଭାରତ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଆଭିମୁଖ୍ୟ ରଖି ୪ର୍ଥ ମିନିଟରେ ଗୁରଜାନ୍ତ ସିଂ ଏକ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ପୂରା ମ୍ୟାଚରେ ଆଉ ଗୋଲ ଦେଖିବାକୁ ମିଳି ନ ଥିଲା। ଉଭୟ ପକ୍ଷରୁ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲେ ହେଁ ଦୃଢ଼ ରକ୍ଷଣଭାଗ ଯୋଗୁ ଗୋଲ ହୋଇପାରି ନ ଥିଲା। ଜର୍ମାନୀ ୭ଟି ଓ ଭାରତ ୨ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଏହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଚଳିତ ପ୍ରୋ ଲିଗ୍‌ରେ ୪ ମ୍ୟାଚରୁ ଭାରତର ଏହାଥିଲା ଦ୍ୱିତୀୟ ବିଜୟ। ଫଳରେ ୬ ପଏଣ୍ଟ ସହିତ ଭାରତ ଟେବୁଲର ୭ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ୬ ମ୍ୟାଚରୁ ୪ର୍ଥ ପରାଜୟର ସାମ୍ନା କରିଥିବା ଜର୍ମାନୀ ୭ ପଏଣ୍ଟ ସହିତ ୫ମ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୨୧ ତାରିଖରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳିବ।


ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ସହ ଦୁଇ ଅତିଥି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ।

# ଭାରତୀୟ ମହିଳା ହକି ଦଳର ତୃତୀୟ ପରାଜୟ

ଭୁବନେଶ୍ୱର, ୧୯।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳ କ୍ରମାଗତ ତୃତୀୟ ପରାଜୟ ବରଣ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳ ଏକମାତ୍ର ଗୋଲରେ ସ୍ପେନ୍ ନିକଟରୁ ପରାସ୍ତ ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସ୍ପେନ୍ ଅଧିନାୟିକା ମାର୍ଟା ସେଗୁ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଭାରତ ୪ ମ୍ୟାଚରୁ ୪ ପଏଣ୍ଟ ପାଇ ଟେବୁଲର ୮ମ ସ୍ଥାନରେ ରହିଛି।

## ସ୍ପେନର ତୃତୀୟ ବିଜୟ

ସ୍ପେନ୍ ପୁରୁଷ ଦଳ ମଧ୍ୟ ମଙ୍ଗଳବାର ବିଜୟ ହାସଲ କରିଛି। କଳିଙ୍ଗରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୪-୧ରେ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଇଂଲଣ୍ଡକୁ ପରାସ୍ତ କରିଛି। ୮ ମ୍ୟାଚରୁ ୧୨ ପଏଣ୍ଟ ପାଇ ସ୍ପେନ୍ ପଏଣ୍ଟ ଟେବୁଲର ତୃତୀୟରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୬ ମ୍ୟାଚରୁ ପ୍ରଥମ ପରାଜୟ ସ୍ୱାଦ ଚାଖିଛି। ପୂରା ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ସ୍ପେନ୍। ୯ମ ମିନିଟ୍‌ରେ ଜୋଆକ୍ୱିନ ମେନିନି, ୨୮ତମ ମିନିଟରେ ବୋର୍ଜା ଲାକାଲି, ୩୭ତମ ମିନିଟରେ ପେପେ କୁନିଲ ଓ ୪୯ତମ ମିନିଟରେ ନିକୋଲାସ ଆଲଭାରେଜ ଦଳ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୫୦ତମ ମିନିଟରେ ଇଂଲଣ୍ଡର ମାଥ୍ୟୁ ରାମଶାଓ ଗୋଟିଏ ଗୋଲ ପରିଶୋଧ କରିଥିଲେ।


ଭାରତ ଓ ସ୍ପେନ୍ ମହିଳା ହକି ଦଳ ମଧ୍ୟରେ ଅନୁଷ୍ଠିତ ପ୍ରୋ ଲିଗ୍ ମ୍ୟାଚ।

# ଓଡ଼ିଶା ପାଇଁ ୨ ସ୍ୱର୍ଣ୍ଣ ଜିତିଲେ ଜୟନ୍ତୀ


ଜୟନ୍ତୀ ବେହେରା


ପଙ୍କଜ ଭୁଏ


କମଳାକାନ୍ତ ନାୟକ

ଭୁବନେଶ୍ୱର, ୧୯।୨ (ତପନ ସ୍ୱାଇଁ)

**ଜାତୀୟ ପାରା ଆଥ୍‌ଲେଟିକ୍ସ**

ଚେନ୍ନାଇରେ ଚାଲିଥିବା ୨୩ତମ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପାଇଁ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ତାରକା ସ୍ପ୍ରିଣ୍ଟର ଜୟନ୍ତୀ ବେହେରା। ସେ ମହିଳା ଟି-୪୭ ବର୍ଗର ୧୦୦ ମିଟର ରେସ୍‌ରେ ୧୩.୪୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ଟି୪୭ ମହିଳା ବର୍ଗର ୪୦୦ ମିଟର ରେସ୍‌ରେ ଜୟନ୍ତୀ ୧:୦୧.୧୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ପୁରୁଷ ଟି୧୩ ଲଙ୍ଗ ଜମ୍ପ ଇଭେଣ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶାର ପଙ୍କଜ ଭୁଏ। ସେ ୫.୯୩ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ଓଡ଼ିଶା ପାଇଁ ଦ୍ୱିତୀୟ ରୌପ୍ୟ ପଦକ ଅର୍ଜନ କରିଛନ୍ତି କମଳାକାନ୍ତ ନାୟକ। ସେ ପୁରୁଷ ଏଫ୍-୫୩ ବର୍ଗ ଜାଭେଲିନ୍ ଥ୍ରୋରେ ୧୬.୨୨ ମିଟର କ୍ଲିୟର କରି ଏହି ସଫଳତା ପାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ ଜାନକୀ ଓରାମ। ସେ ମହିଳା ଟି୧୨ ବର୍ଗ ୧୦୦ ମିଟର ରେସ୍‌ରେ ଏହି ସଫଳତା ପାଇଥିଲେ। ଓଡ଼ିଶାର ପଦକ ବିଜୟୀ ଆଥଲେଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି।

# ଗିଲ ନଂ-୧ ଦିନିକିଆ ବ୍ୟାଟର

**ଦୁବାଇ, ୧୯।୨ (ପି.ଟି.):** ଭାରତୀୟ ଦଳର ଉପଅଧିନାୟକ ଶୁବମନ ଗିଲ ବୁଧବାର ପାକିସ୍ତାନର ବାବର ଆଜମଙ୍କୁ ହଟାଇ ଆଇସିସି ଦିନିକିଆ ବ୍ୟାଟରଙ୍କ ର‍୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ୮ ଦଳ ବିଶିଷ୍ଟ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବା ପୂର୍ବରୁ ଆଇସିସି ତରଫରୁ ବୁଧବାର ନୂଆ ର‍୍ୟାଙ୍କିଙ୍ଗ୍ ପ୍ରକାଶ କରାଯାଇଛି। ଭାରତର ଡାହାଣହାତୀ ବ୍ୟାଟର ଶୁବମନ ଗିଲ ପାକିସ୍ତାନର ପୂର୍ବତନ ଅଧିନାୟକ ବାବର ଆଜମଙ୍କୁ ପଛରେ ପକାଇ ବିଶ୍ୱରେ ଶୀର୍ଷ ମାନ୍ୟତାପ୍ରାପ୍ତ ଦିନିକିଆ ବ୍ୟାଟର ହୋଇଛନ୍ତି। ଗିଲ ତାଙ୍କ କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ଏହି ସଫଳତା ହାସଲ କରିଥିବା ଆଇସିସି ପକ୍ଷରୁ କୁହାଯାଇଛି। ଭାରତୀୟ ଦଳର କ୍ୟାପ୍ଟେନ ରୋହିତ ଶର୍ମା ୭୬୧ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକାର ହେନରିଚ କ୍ଲାସେନ ଓ ନ୍ୟୁଜିଲାଣ୍ଡର ଡାର୍ଲି ମିଚେଲ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

# କରାଚୀରେ ତ୍ରିରଙ୍ଗା ଉଡ଼ିଲା

କରାଚୀ, ୧୯।୨

ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ କରାଚୀ ନ୍ୟାଶନାଲ ଷ୍ଟାଡିୟମରେ ଭାରତୀୟ ପତାକାର ଅନୁପସ୍ଥିତିକୁ ନେଇ ବିବାଦ ଦେଖାଦେଇଥିଲା। ଏଥିଯୋଗୁ ସୋସିଆଲ ମିଡିଆରେ କ୍ରିକେଟ ଫ୍ୟାନ୍ସ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ଖୁବ୍ ସମାଲୋଚନା କରିଥିଲେ। କିନ୍ତୁ ଆୟୋଜକ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ ବେଳେ ଅନ୍ୟ ଅଂଶଗ୍ରହଣକାରୀ ଦେଶର ପତାକା ସହିତ ତ୍ରିରଙ୍ଗାକୁ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ପିସିବିର ଜଣେ ଅଧିକାରୀ କହିଛନ୍ତି, ଭାରତ ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ ଲାଗି ପାକିସ୍ତାନ ଆସୁ ନାହିଁ। ଏଣୁ କରାଚୀସ୍ଥିତ ନ୍ୟାଶନାଲ ଷ୍ଟାଡିୟମ, ରାୱଲପିଣ୍ଡି କ୍ରିକେଟ ଷ୍ଟାଡିୟମ ଓ ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ମ୍ୟାଚ ଖେଳିବାକୁ ଥିବା ଦେଶର ପତାକା ଉଡ଼ାଯାଇଥିଲା। ଅନ୍ୟପକ୍ଷରେ ବିସିସିଆଇର ଉପସଭାପତି ରାଜୀବ ଶୁକ୍ଳା କହିଥିଲେ, ପ୍ରଥମତଃ ଭାରତୀୟ ପତାକା ସେଠାରେ ସ୍ଥାନ ପାଇବ କି ନାହିଁ ଏହା ସ୍ପଷ୍ଟ କରାଯିବା ଉଚିତ। ଯଦି ଭାରତୀୟ ପତାକା ସେଠାରେ ରଖାଯାଇନାହିଁ, ତେବେ ତାହା ସେଠାରେ ରଖାଯିବା ଉଚିତ। ଏହା ଆଇସିସି ଟୁର୍ନାମେଣ୍ଟ ହୋଇଥିବାରୁ ସମସ୍ତ ଅଂଶଗ୍ରହଣକାରୀ ଦେଶର ପତାକା ସେଠାରେ ଲଗାଯିବା ଦରକାର।

# ଆଜି ଭାରତ ବନାମ ବାଂଲାଦେଶ

ଦୁବାଇ, ୧୯।୨ (ପି.ଟି.)

**ଆଇସିସି ଚାମ୍ପିୟନ୍ସ ଟ୍ରଫି**

**(ଆଜିର ମ୍ୟାଚ)**
**ଭାରତ ବନାମ ବାଂଲାଦେଶ**
**ସ୍ଥାନ: ଦୁବାଇ, ସମୟ: ଅପରାହ୍ନ ୨ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱାର୍କ, ସ୍ପୋର୍ଟ୍ସ ୧୮**

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଭାରତ ଅଭିଯାନ ଗୁରୁବାରଠାରୁ ଆରମ୍ଭ ହେବ। ଦୁବାଇରେ ଭାରତ ଏହାର ପ୍ରଥମ ମ୍ୟାଚ ବାଂଲାଦେଶ ବିପକ୍ଷରେ ଖେଳିବ। ଟୁର୍ନାମେଣ୍ଟରେ ପ୍ରଥମ ମ୍ୟାଚ ଖେଳିବାକୁ ଯାଉଥିବାରୁ ଭାରତ ପାଇଁ ଏହା ଅନେକ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟ ପେସ୍ ବୋଲର ଯଶପ୍ରୀତ୍ ବୁମରାଙ୍କ ବିନା ଭାରତୀୟ ବୋଲିଂ ବିଭାଗ କିପରି ପ୍ରଦର୍ଶନ କରୁଛି, ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ତାରକା ସେମାନଙ୍କ ପୂର୍ବ ପ୍ରଦର୍ଶନ ଦୋହରାଇ ପାରୁଛନ୍ତି କି ନାହିଁ, ଶୁବମନ ଗିଲ୍‌ଙ୍କ ପରି ଯୁବ ଖେଳାଳି ଏହି ବହୁ ଦେଶୀୟ ଟୁର୍ନାମେଣ୍ଟରେ କିପରି କ୍ଲିକ୍ କରୁଛନ୍ତି ଆଦି ଅନେକ ପ୍ରଶ୍ନର ଉତ୍ତର ଏହି ମ୍ୟାଚରେ ଦେଖିବାକୁ ମିଳିବ। ଇଂଲଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ସିରିଜରେ ରୋହିତ ଶର୍ମାଙ୍କ ଶତକ, କୋହଲିଙ୍କ ଅର୍ଦ୍ଧଶତକ ହାସଲ କରିବା ଏବଂ ଟି୨୦ ସିରିଜକୁ ୪-୧ ଓ ଦିନିକିଆ ସିରିଜକୁ ୩-୦ରେ ଜିତିବା ଦ୍ୱାରା ଭାରତୀୟ ପ୍ରଶଂସକଙ୍କ ଆଶା ଆକାଂକ୍ଷା ବଢ଼ି ଯାଇଛି। ତେବେ ଚାମ୍ପିୟନ୍ସ ଟ୍ରଫିରେ ଇଂଲଣ୍ଡ ଭିନ୍ନ ଗ୍ରୁପ୍‌ରେ ରହିଛି। ଗ୍ରୁପ୍ 'ଏ'ରେ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ଚ୍ୟାଲେଞ୍ଜକୁ ପ୍ରତିହତ କରିବାକୁ ପଡ଼ିବ।

ଭାରତୀୟ ଦଳରେ ଚୂଡ଼ାନ୍ତ ଏକାଦଶ ଚୟନ ଏବଂ ବ୍ୟାଟିଂ ଲାଇନ୍‌ଅପ୍‌କୁ ନେଇ ଉତ୍କଣ୍ଠା ରହିବ। ବିଶେଷ କରି ଲୋକେଶ ରାହୁଲ ୫ କିମ୍ବା ୬ ନମ୍ବରରେ ଆସିବେ ତାହା ଦେଖିବାର ଅଛି। ଇଂଲଣ୍ଡ ବିପକ୍ଷ ପ୍ରଥମ ୨ଟି ଦିନିକିଆରେ ତାଙ୍କୁ ୬ ନମ୍ବରରେ ଅଣାଯାଇ ଅକ୍ଷର ପଟେଲଙ୍କୁ ତାଙ୍କ ଉପରେ ସୁଯୋଗ ଦିଆଯାଇଥିଲା। ମାତ୍ର ଅନ୍ତିମ ଦିନିକିଆରେ ରାହୁଲ ୫ ନମ୍ବର ସ୍ଥାନରେ ଆସିଥିଲେ। ଏ କ୍ଷେତ୍ରରେ ଗେମ୍ ସ୍ଥିତିକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଅନ୍ତିମ ନିଷ୍ପତ୍ତି ନେଇପାରେ। ବୁମ୍‌ରା ଆହତ ଥିବାରୁ ଦଳରେ ଉପଯୁକ୍ତ ସନ୍ତୁଳନ ବଜାୟ ରଖିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ଭେଟେରାନ ମହମ୍ମଦ ଶାମିଙ୍କ ସ୍ଥାନରେ ଅର୍ଶଦୀପ ସିଂ ଓ ହର୍ଷିତ ରାଣାଙ୍କ ମଧ୍ୟରୁ ଜଣଙ୍କୁ ନୂଆ ବଲ୍ ପାର୍ଟନରଭାବେ ସୁଯୋଗ ମିଳିବ। ନିକଟ ଅତୀତରେ ରାଣା ନିଜ ବୋଲିଂରେ ପ୍ରଭାବିତ କରିଛନ୍ତି। ତେବେ ବାମହାତୀ ବୋଲର ହୋଇଥିବାରୁ ବୋଲିଂରେ ବିବିଧତା ପାଇଁ ଅର୍ଶଦୀପ ପ୍ରଥମ ପସନ୍ଦ ହୋଇପାରନ୍ତି। ଫାଷ୍ଟ ବୋଲିଂ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ଭାରତ ୩ ସ୍ପିନରଙ୍କୁ ଖେଳାଇପାରେ। ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କ ପରେ ତୃତୀୟ ସ୍ପିନର ପାଇଁ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ହେବ।

ଚାମ୍ପିୟନ୍ସ ଟ୍ରଫି ଓ ଦୁବାଇରେ ବାଂଲାଦେଶ ବିପକ୍ଷରେ ଭାରତର ଭଲ ରେକର୍ଡ ରହିଛି। ଚାମ୍ପିୟନ୍ସ ଟ୍ରଫିରେ ହୋଇଥିବା ମୁକାବିଲାରେ ଭାରତ ବିଜୟୀ ହୋଇଥିଲା। ସେହିପରି ଦୁବାଇରେ ପରସ୍ପର ୨ଥର ଭେଟ ହୋଇଥିବାବେଳେ ଭାରତ ଶତପ୍ରତିଶତ ବିଜୟ ରେକର୍ଡ ବହନ କରୁଛି। ଓଭରଅଲ୍ ଏକଦିବସୀୟ କ୍ରିକେଟ ରେକର୍ଡ ଦେଖିଲେ ଉଭୟ ଦଳ ପରସ୍ପର ସହିତ ମୋଟ ୪୧ଟି ମ୍ୟାଚ ଖେଳିଛନ୍ତି। ସେଥିରୁ ଭାରତ ୩୨ଟି ଜିତିଥିବାବେଳେ ବାଂଲାଦେଶ ୮ଟି ଜିତିଛି ଏବଂ ଅନ୍ୟ ଗୋଟିଏରୁ ଫଳାଫଳ ମିଳିନାହିଁ।


ଅଭ୍ୟାସ ଅବସରରେ ବିରାଟ କୋହଲି।

# ୟଙ୍ଗ୍, ଲଥାମଙ୍କ ଶତକ

କରାଚୀ, ୧୯।୨

କରାଚୀର ନ୍ୟାଶନାଲ ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଛି ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତା। ଆୟୋଜକ ପାକିସ୍ତାନ ବିପକ୍ଷରେ ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ମ୍ୟାଚରେ ବିଶାଳ ସ୍କୋର କରିଛି। ୱିଲ୍ ୟଙ୍ଗ୍ ଓ ଟମ୍ ଲଥାମଙ୍କ ଶତକ ସହାୟତାରେ ଏହି ଦଳ ୫୦ ଓଭରରେ ୫ ଉଇକେଟ ହରାଇ ୩୨୦ ରନ ସଂଗ୍ରହ କରିଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ପାକିସ୍ତାନ ୨୫ ଓଭରରେ ୩ ଉଇକେଟ ହରାଇ ୮୩ ରନ ସଂଗ୍ରହ କରିଛି। ସୌଦ ଶକିଲ ୬, ଅଧିନାୟକ ମହମ୍ମଦ ରିଜୱାନ ୩ ଓ ଫଖର ଜମନ ୨୪ ରନକରି ଆଉଟ ହୋଇଛନ୍ତି।

## ୨ ଶତକୀୟ ଭାଗୀଦାର

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ମାତ୍ର ୪୦ ରନ ମଧ୍ୟରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ଡେଭନ କନୱେ ୧୦ ଓ ଭେଟେରାନ କେନ୍ ୱିଲିୟମସନ ମାତ୍ର ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ୪ ନମ୍ବର ବ୍ୟାଟର ଡାରିଲ ମିଚେଲ ମଧ୍ୟ ୧୦ ରନକରି ଆଉଟ ହେବାରୁ ୭୩ ରନରେ ନ୍ୟୁଜିଲାଣ୍ଡର ତୃତୀୟ ଉଇକେଟ ପତନ ଘଟିଥିଲା। ତେବେ ୟଙ୍ଗ୍ ଓ ଲଥାମ ୪ର୍ଥ

**ଆଇସିସି ଚାମ୍ପିୟନ୍ସ ଟ୍ରଫି**

ଉଇକେଟରେ ୧୧୮ ରନ ଯୋଗକରି ଦଳର ବଡ଼ ସ୍କୋର ପାଇଁ ପଥ ପ୍ରସ୍ତୁତ କରିଥିଲେ। ୧୧୩ ବଲ୍‌ରୁ ୧୨ ଚୌକା ଓ ୧ ଛକା ସହାୟତାରେ ୧୦୭ ରନ କରି ୟଙ୍ଗ୍ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ପରେ ଲଥାମ ଓ ଗ୍ଲେନ ଫିଲିପ୍ସ ଘରୋଇ ବୋଲରଙ୍କୁ ଧୂଳେଇ କରି ୫ମ ଉଇକେଟରେ ମାତ୍ର ୭୪ ବଲ୍‌ରୁ ୧୨୫ ରନର ଭାଗୀଦାରି ଗଢ଼ିବାରୁ ନ୍ୟୁଜିଲାଣ୍ଡ ସ୍କୋର ୩୦୦ ଅତିକ୍ରମ କରି ଯାଇଥିଲା। ଫିଲିପ୍ସ ୩୯ ବଲ୍‌ରୁ ୩ ଚୌକା ଓ ୪ ଛକା ସହାୟତାରେ ୬୧ ରନକରି ଅନ୍ତିମ ଓଭରରେ ଆଉଟ ହୋଇଥିବାବେଳେ ଲଥାମ ୧୧୮ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୧୦୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଏହି ଉଇକେଟ କିପର ବ୍ୟାଟର ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୩ ଛକା ମାରିଥିଲେ। ପାକିସ୍ତାନ ପକ୍ଷରୁ ନସିମ ଶାହା ଓ ହାରିସ ରୌଫ ୨ଟି ଲେଖାଏ ଏବଂ ଆବ୍ରାର ଅହମଦ ଗୋଟିଏ ଉଇକେଟ ନେଇଥିଲେ। ସ୍ଲୋ ଓଭର ରେଟ୍ ଯୋଗୁ ପାକିସ୍ତାନ ଫିଲ୍ଡିଂ ପେନାଲ୍ଟିର ସମ୍ମୁଖୀନ ହୋଇ ଅନ୍ତିମ ୨ (୪୯ ଓ ୫୦ତମ) ଓଭରରେ ୫ ଜଣଙ୍କ ସ୍ଥାନରେ ମାତ୍ର ୪ ଖେଳାଳିଙ୍କୁ ସର୍କଲ ବାହାରେ ରଖିଥିଲା। ଏହି ଦୁଇ ଓଭରରୁ ନ୍ୟୁଜିଲାଣ୍ଡ ୨୬ ରନ ସଂଗ୍ରହ କରିଥିଲା। ୨୦୧୭ରେ ଭାରତର ୩୧୯/୩ ପରେ ପ୍ରଥମ ଦଳଭାବେ ନ୍ୟୁଜିଲାଣ୍ଡ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ବିପକ୍ଷରେ ୩୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିଛି। ଓଭରଅଲ୍ ଚାମ୍ପିୟନ୍ସ ଟ୍ରଫିରେ ଏହା ନ୍ୟୁଜିଲାଣ୍ଡର ତୃତୀୟ ୩୦୦ରୁ ଊର୍ଦ୍ଧ୍ୱ ସ୍କୋର। ୨୦୦୪ରେ ଆମେରିକା ବିପକ୍ଷରେ ୩୪୭ ଓ ୨୦୦୯ରେ ଶ୍ରୀଲଙ୍କା ବିପକ୍ଷରେ ୭ ଉଇକେଟ ବିନିମୟରେ ୩୧୫ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୫୦ ଓଭରରେ ୩୨୦/୫ (ଟମ୍ ଲଥାମ ୧୧୮*, ୱିଲ ୟଙ୍ଗ୍-୧୦୭, ଗ୍ଲେନ୍ ଫିଲିପ୍ସ-୬୧, ନସିମ ଶାହା-୨/୬୩, ହାରିସ ରୌଫ-୨/୮୩, ଆବ୍ରାର ଅହମଦ-୧/୪୭)।



ଶତକ ହାସଲ ପରେ ଉଲ୍ଲସିତ ଟମ୍ ଲଥାମ ଓ ୱିଲ୍ ୟଙ୍ଗ୍।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ